


# ସମୁଦ୍ର ଉପରେ ଗାଁ

କେବେ ଆପଣ ଏମିତି ଘରର କଳ୍ପନା କରିଛନ୍ତି; ଯାହା ପାଣି ଉପରେ ଭାସୁଥିବ? ହୁଏତ ଉତ୍ତର ନାଁ ହୋଇଥିବ। କିନ୍ତୁ ଦୁନିଆରେ ଏଭଳି ଏକ ବସ୍ତି ରହିଛି, ଯାହା ସମୁଦ୍ର ଉପରେ ତିଆରି ହୋଇଛି; ତା'ବି ଆଜକୁ ପ୍ରାୟ ୧୩୦୦ ବର୍ଷ ହେବ। ଏହା ଦୁନିଆର ଏକମାତ୍ର ସମୁଦ୍ରରେ ଭାସମାନ ଅବସ୍ଥାରେ ଥିବା ବସ୍ତି; ଯାହା ଚୀନ୍‌ରେ ରହିଛି। ଏହି ବସ୍ତି ସମୁଦ୍ର କୂଳିଆ କେଉଟଙ୍କର ଅଟେ; ଯାହାଙ୍କୁ ସ୍ଥାନୀୟ ଭାଷାରେ ଟାଙ୍କା କୁହାଯାଏ। ଚୀନ୍‌ରେ ଅନେକ ଦଶକ ପୂର୍ବେ ଟାଙ୍କା ସମୁଦାୟ ସ୍ଥାନୀୟ ଶାସକଙ୍କ ଉତ୍ପୀଡ଼ନର ଶିକାର ହୋଇ ଶେଷରେ ସମୁଦ୍ର ଉପରେ ଘର କରି ରହିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାୟ ଖ୍ରୀପୂ ୭୦୦ ରୁ ନେଇ ଆଜିଯାଏଁ ଏମାନେ ନା ଭୂଇଁରେ ପାଦ ଦେଉଛନ୍ତି ନା ଏଠାରେ ଘର କରିବାକୁ ପସନ୍ଦ କରୁଛନ୍ତି। ସେମାନେ ଆଧୁନିକ ଜୀବନଠୁ ନିଜକୁ ଦୂରେଇ ରଖିବାକୁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି। ଚୀନ୍‌ର ଦକ୍ଷିଣ ପୂର୍ବ କ୍ଷେତ୍ରରେ ପ୍ରାୟ ୭୦୦୦ କେଉଟ ପରିବାର ନିଜ ପରମ୍ପରାଗତ ଘରେ ରହୁଛନ୍ତି। ଏହି ଘର ସମୁଦ୍ରରେ ସବୁବେଳେ ଭାସମାନ ଅବସ୍ଥାରେ ଥାଏ। ଏହି ବିଚିତ୍ର ଘର ଏକଦମ୍ ବସ୍ତି ଭଳି ଦେଖାଯାଏ। ଟାଙ୍କା ସମୁଦାୟଙ୍କ ଜୀବନ ପାଣି ଘର ଏବଂ ମାଛ ଧରିବାରେ ବିତିଯାଏ। ତେଣୁ ଭୂଇଁ ଉପରକୁ ଯିବାକୁ ଏମାନେ ସମୟ ପାଆନ୍ତି ନାହିଁ କି ଇଚ୍ଛା କରନ୍ତି ନାହିଁ। ନିଜ ଜୀବନ ବଞ୍ଚାଇବାକୁ ଏହି ଭାସମାନ ଘର ବିଶେଷ ସହାୟକ ବୋଲି ବିଶ୍ୱାସ କରିଛନ୍ତି।

# ସଢ଼ା କଦଳୀର ଫାଇଦା

କଦଳୀରେ ପୋଟାସିୟମ୍ ଏବଂ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ। ଏହାଛଡ଼ା ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀର ପାଇଁ ଅତ୍ୟନ୍ତ ଜରୁରୀ। ଏହି କାରଣରୁ ଅନେକ ଲୋକ ନିଜ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିଥାନ୍ତି। କିନ୍ତୁ ଦେଖାଯାଏ, କଦଳୀ ସାମାନ୍ୟ ସଢ଼ି ଆସିଲେ ତାକୁ ଫିଙ୍ଗିଦିଅନ୍ତି। ଜାଣନ୍ତି ଏହି ସଢ଼ା କଦଳୀ ଶରୀର ପାଇଁ ବେଶ୍ ଉପକାରୀ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମଧ୍ୟ ଏହାକୁ ସବୁଜ ସଂକେତ ଦିଆଯାଇଛି। ରଙ୍ଗ ଆଧାରରେ କଦଳୀର ଅବସ୍ଥାକୁ ଚିହ୍ନଟ କରାଯାଏ। ଯଦି ସବୁଜ ଥାଏ, ତେବେ କଞ୍ଚା। ଅର୍ଥାତ୍ ଏହାକୁ କେବଳ ତରକାରୀ, ଭଜା କିମ୍ବା ପିଠା ଆକାରରେ ସେବନ କରାଯାଏ। ହଳଦିଆ ହୋଇଗଲେ ପାଚିଲା। ଏହାକୁ ଖାଲି ଖାଇ ହୋଇଯାଏ। ସଢ଼ି ଆସିଲା ବେଳକୁ ଏହା ଉପରେ କଳା ଏବଂ ମାଟିଆ ରଙ୍ଗର ଦାଗ ଦେଖାଯାଏ। ଯାହାକୁ ଅସ୍ୱାସ୍ଥ୍ୟକର ଭାବି ସଭିଏଁ ଫିଙ୍ଗିଦିଅନ୍ତି। କିନ୍ତୁ ୟୁନାଇଟେଡ୍ ନେସନ୍‌ର ଏକ ସଂସ୍ଥାପ ଇଣ୍ଟରନ୍ୟାସନାଲ୍ ଫଣ୍ଡ ଫର୍ ଏଗ୍ରୀକଲଚର୍ ଡେଭଲପ୍‌ମେଣ୍ଟ (ଆଇଏଫ୍‌ଏଡି) ସଢ଼ା କଦଳୀର ଚମତ୍କାରୀ ଗୁଣ ସମ୍ପର୍କରେ ପ୍ରକାଶ କରିଛନ୍ତି। ଆଇଏଫ୍‌ଏଡି ମତରେ, ସଢ଼ା କଦଳୀରେ ଟ୍ରିପ୍ଟୋଫାନ୍ ପ୍ରଚୁର ମାତ୍ରାରେ ଥାଏ। ଏହା ଅବସାଦ ଏବଂ ଭୟକୁ କମ୍ କରିଥାଏ। ଏହାବ୍ୟତୀତ ସଢ଼ା କଦଳୀ ପୋଷକ ତତ୍ତ୍ୱର ଗନ୍ତାଘର।

# କାଠ ଖେଳଣାର ଯାଦୁକର ସୁଭାଷ



ମହାରାଷ୍ଟ୍ରର ସାଓ୍ୱନ୍ତବାଡି। ଆଜକୁ ୪୦୦ ବର୍ଷରୁ କାଠ ଖେଳଣା ତିଆରି ପାଇଁ ଇତିହାସ ସୃଷ୍ଟି କରିଛି। କିନ୍ତୁ ଦୁଃଖର ବିଷୟ ଗ୍ରାମର ଅନେକ ଶିକ୍ଷିତ ଯୁବପିଢ଼ି ଏହି ଶିଳ୍ପକୁ ଜୀବିତ ରଖିବା ସ୍ଥାନରେ ଚାକିରି ଆଶାରେ ବାହାରକୁ ଚାଲିଯାଉଛନ୍ତି। ହେଲେ ୭୧ ବର୍ଷୀୟ ସୁଭାଷ ଚୀତାରି ସମସ୍ତଙ୍କଠାରୁ ଭିନ୍ନ। ସେ ନିଜ ପରିଶ୍ରମ ବଳରେ ପିତୃପୁରୁଷଙ୍କ କୂଳବେଉସାକୁ ବଞ୍ଚାଇ ରଖିବାକୁ ଅବିରତ ଉଦ୍ୟମ ଚଳାଇଛନ୍ତି। ଯେତେ ବାଧାବିଘ୍ନ ଆସିଲେ ବି ତାକୁ ସାମ୍ନା କରି ଆଜି ଅନେକ ସମ୍ମାନ ଓ ସ୍ୱୀକୃତି ପାଇବାର ହକ୍‌ଦାର ହୋଇଛନ୍ତି। ସୁଭାଷ ତାଙ୍କ ପରିବାରର ପଞ୍ଚମ ପିଢ଼ିର ସଦସ୍ୟ, ଯିଏକି ଏହି କଳାକୁ ଖୁବ୍ ସୁନ୍ଦର ଭାବେ ଆଦରି ନେଇଛନ୍ତି। ମାତ୍ର ୯ବର୍ଷ ବୟସରୁ ସେ କାଠ ଶିଳ୍ପରେ ନିଜର ଦକ୍ଷତା ପ୍ରମାଣ କରିବା ଆରମ୍ଭ କରିଥିଲେ। ଆଜକୁ ୬୪ ବର୍ଷ ହେବ ଦୈନିକ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାଠରେ ଖେଳନା ତିଆରି କରିବରେ ବିତାଉଛନ୍ତି। ବର୍ତ୍ତମାନ ମଧ୍ୟରେ ସେ ହଜାର ହଜାର କାଠ ନିର୍ମିତ ପରିବା, ଫଳ, କଣ୍ଢେଇ, ଗାଡ଼ି, ମହିଳାଙ୍କ ପାଇଁ ଅଳଙ୍କାର ଏବଂ ଘର ସାଜସଜ୍ଜା ସାମଗ୍ରୀ ତିଆରି କରି ସମସ୍ତଙ୍କୁ ଚକିତ କରିଛନ୍ତି। ବିଭିନ୍ନ ସମୟରେ ନିଜ ହାତ ତିଆରି ଏହି କଳାକୃତିକୁ ଦିଲ୍ଲୀ, ହାଇଦ୍ରାବାଦ, ସୁରତ, ହରିୟାଣା, ମୁମ୍ବାଇ, ଚେନ୍ନାଇ, କୋହ୍ଲାପୁର ଏବଂ ସୋଲାପୁର ଆଦିଠାରେ ଆୟୋଜିତ ପ୍ରଦର୍ଶନୀରେ ପ୍ରଦର୍ଶିତ କରିଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। କିନ୍ତୁ କିଛି ଖଳ ପ୍ରକୃତିର ଲୋକ ନକଲି କାଠ ଖେଳଣାକୁ ସାଓ୍ୱନ୍ତବାଡି କଣ୍ଢେଇର ଆଖ୍ୟା ଦେଇ ମାର୍କେଟ୍‌ରେ ଉଚ୍ଚ ଦରରେ ବିକ୍ରି କରୁଛନ୍ତି। ଯାହା ତାଙ୍କ ବେଉସା ଉପରେ ପ୍ରଭାବ ପକାଉଛି। ତେବେ ସେ ଯାହା ହେଉ ତାଙ୍କ ପୁଅ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରୁଥିବାରୁ ସେ ଖୁବ୍ ଖୁସି। ଆଗକୁ ଏଭଳି ସୁନ୍ଦର କାଠ ଖେଳଣା କରି ସାଓ୍ୱନ୍ତବାଡିର ଇତିହାସକୁ ବଜାୟ ରଖିବେ ବୋଲି ସେ ଆଶା ରଖିଛନ୍ତି।

# ଆଜିର ରାଶିଫଳ

**ମେଷ** ସଂସାରିକ ସମ୍ପର୍କରେ ଉତ୍ତମ ବୁଝାମଣା ରହିବ। ରାଜନୀତିରେ ପ୍ରସିଦ୍ଧି ପାଇବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ଲାଭ ପାଇବେ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ମିଳିବ।

**ବୃଷ** ଆର୍ଥିକ ଚିନ୍ତା ଲାଗିରହିବ। ଚାକିରିରେ କାର୍ଯ୍ୟଲାଭ ରହିବ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବ୍ୟବସାୟ ଓ ବାଣିଜ୍ୟରେ ଶିଥିଳତା ରହିବ।

**ମିଥୁନ** ଶରୀର ପ୍ରତି ଯତ୍ନବାନ୍ ହେବେ। ପୈତୃକ ସମ୍ପତ୍ତିପାଇଁ ଭ୍ରାତୃବିବାଦ ଲାଗିରହିବ। ବ୍ୟବସାୟରେ ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ଶାରୀରିକ ପୀଡ଼ା ଅନୁଭବ ହେବ।

**କର୍କଟ** ବ୍ୟବସାୟରେ ଆପଣ ଉନ୍ନତି କରିବେ। ପୁରାତନ ବିବାଦର ସମାଧାନ ହେବ। ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦନ ହୋଇପାରେ। ଶାରୀରିକ ପୀଡ଼ା ପାଇବେ। ବିଦ୍ୟାର୍ଥୀମାନେ ଆଶାନୁରୂପକ ଫଳପ୍ରା ପ୍ତି ହେବେ ନାହିଁ।

**ସିଂହ** ଆଜି ଦୂରଯାତ୍ରା ହେବା ସ ମ୍ଭାବନା ରହିଛି। ବ୍ୟବସାୟରେ ଅଳ୍ପ ଲାଭ ହେବ। ଭୂସମ୍ପତ୍ତି ପାଇ ଖୁସି ହେବେ। ପରିବାରରେ ଶାନ୍ତି ଦେଖାଦେବ। ମହିଳା ଓ ବିଦ୍ୟାର୍ଥୀମାନେ ଗବେଷଣା କରି ନୂତନ ଦିଗକୁ ଅଗ୍ରସର ହେବେ।

**କନ୍ୟା** ବ୍ୟବସାୟରେ ଗଣ୍ଡଗୋଳ ଲାଗିରହିପାରେ। ଶତ୍ରୁମାନେ ଆପଣଙ୍କୁ ହଇରାଣ କରିପାରନ୍ତି, ସେଥିପାଇଁ ସତର୍କତା ଅବଲମ୍ବନ କରନ୍ତୁ। ଚାପରେ ରହିବେ। ଛାତ୍ରଛାତ୍ରୀ କ୍ରୀଡ଼ାକ୍ଷେତ୍ରରେ ଭଲ କରିବେ।

**ତୁଳା** ସାମାନ୍ୟ ଶାରୀରିକ କ୍ଲେଶ ଭୋଗିବେ। ପରିବାରରେ ଅଶାନ୍ତି ଲାଗିରହିବ। ଆୟଠାରୁ ବ୍ୟୟ ଅଧିକ ହେବ। କର୍ମକ୍ଷେତ୍ରରେ ସମ୍ମାନିତ ହେବେ।

**ବିଛା** ବୃଥାକାର୍ଯ୍ୟରେ ମନୋନିବେଶ କରି ହଇରାଣରେ ପଡ଼ିବେ। ସନ୍ତାନସନ୍ତତିଙ୍କ ଚିନ୍ତା ଘାରି ଗୃହରେ ଆକସ୍ମିକ କଳହ ଲାଗିପାରେ। ହଠାତ୍ ଗୁରୁତପୂର୍ଣ୍ଣ ନିଷ୍ପତ୍ତି ନେବା ଉଚିତ୍ ନୁହେଁ। ବନ୍ଧୁବର୍ଗଙ୍କ ଦ୍ୱାରା ଉପକୃତ ହେବେ। ମହିଳାମାନେ ଅନ୍ୟ କାମରେ ବ୍ୟସ୍ତ ରହିବେ।

**ଧନୁ** ଆପଣଙ୍କର ବହୁ ପୁରୁଣା ବିବାଦର ସମାଧାନ ହେବ। କୌଣସି ଖୁସି ଖବର ପାଇ ଆନନ୍ଦିତ ରହିବେ। ଶରୀର ସୁସ୍ଥ ରହିବ। ବ୍ୟବସାୟରେ ଲାଭବାନ୍ ହେବେ। ଦୂରଯାତ୍ରା ଯୋଗ ରହିଛି।

**ମକର** ବ୍ୟବସାୟରେ ଉନ୍ନତି ଆସିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିପାରେ। ପାରିବାରିକ ଶାନ୍ତି ମିଳିବ। ମାଲିମୋକଦ୍ଦମାରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ମହିଳା ଓ ବିଦ୍ୟାର୍ଥୀମାନେ ସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ଆଚରଣ କରିବେ। ଶାରୀରିକ କଷ୍ଟ ପାଇବେ। ପିତୃ ସମ୍ପତ୍ତି ପାଇଁ ଭ୍ରାତୃବିବାଦ ହେବ। ମହିଳା ଓ ବିଦ୍ୟାର୍ଥୀମାନେ ଶିବ ଉପାସନା କରନ୍ତୁ, ସଫଳ ହେବେ। ପାରବାରିକ ସମ୍ପର୍କ ଅତୁଟ ରହିବ। ସନ୍ତାନସନ୍ତତିଙ୍କ ସଫଳତାରେ ଆନନ୍ଦିତ ହେବେ।

**ମୀନ** ଅକର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅମନଯୋଗୀ ହେବେ। ବ୍ୟବସାୟରେ ଆୟ ଭଲ ରହିବ। ପରିବାରରେ ଅଶାନ୍ତି ଲାଗି ରହିବ। ପଡ଼ୋଶୀମାନେ କଳହ କରିବସିବେ।

# ରୋଷେଇ ଘର ପ୍ରତି ଧ୍ୟାନ ଦିଅନ୍ତୁ



ବାସ୍ତୁ ଅନୁସାରେ ଯେକୌଣସି ଘରର ଆର୍ଥିକ ସ୍ଥିତି ଯାହା ହେଉ ନା କାହିଁକି, ସେଥିରେ ରୋଷେଇ ଘରର ମଧ୍ୟ ରହିଛି ବିଶେଷ ଭୂମିକା। ଯଦି ଏଥିରେ ସାମାନ୍ୟତମ ଭୁଲ୍ ରହିଯାଏ, ତେବେ ଘରଣୀ ଖୁବ୍ ଶୀଘ୍ର ରୋଗିଣା ହୋଇଯିବେ। ମହିଳାଙ୍କ ଉପରେ ପ୍ରଭାବ ବାସ୍ତୁ ଅନୁସାରେ, ଯଦି ରୋଷେଇ ଘରର ବାସ୍ତୁ ଠିକ୍ ନଥାଏ, ତେବେ ଏହା ମହିଳାଙ୍କ ସ୍ୱଭାବ ପରିବର୍ତ୍ତନ କରିଦିଏ। ଏଥିପାଇଁ ସେମାନେ ଚିଡ଼ିଚିଡ଼ା ହୋଇଯିବା ସହ କ୍ରୋଧି ପାଲଟିଯାନ୍ତି। ଯଦି ଏଥିରୁ ରକ୍ଷା ପାଇବାକୁ ଚାହୁଁଛନ୍ତି, ତେବେ ରାତିରେ ଶୋଇବା ପୂର୍ବରୁ ରୋଷେଇ ଘରେ କର୍ପୁର ଜଳାଇଦିଅନ୍ତୁ। ଏହାଦ୍ୱାରା ରୋଷେଇ ଘର ପରିବେଶ ଶାନ୍ତ ରହିବ। ପଥର ଲଗାନ୍ତୁନି ଆଜିକାଲି ଷ୍ଟାଇଲ୍ ମେଣ୍ଟେନ୍ କରିବାକୁ ପ୍ରତି ଘରେ ମାର୍କଲ୍ ବ୍ୟବହାରର ଚଳନ ଚାଲିଛି। ଏମିତିରେ ରୋଷେଇ ଘର ବା ବାଦ୍ ପଡ଼ିବ କିପରି। କିନ୍ତୁ ଏହା ପୂର୍ବରୁ ରଙ୍ଗ ବିଷୟରେ ଜାଣିନେବା ଉଚିତ୍। ଅନେକ ରୋଷେଇ ଘର ଭୂମିରେ କଳା ରଙ୍ଗର ଗ୍ରାନାଇଟ୍ ଲଗାଇଥାନ୍ତି, ଯାହା ବାସ୍ତୁ ଦୋଷକୁ ଜନ୍ମ ଦେଇଥାଏ। ଏହା ନକାରାତ୍ମକ ଶକ୍ତି ଉତ୍ପନ୍ନ କରେ। ଏହାପରିବର୍ତ୍ତେ ଗୋଲାପି, ନାଲି କିମ୍ବା ମାଟିଆ ରଙ୍ଗର ପଥର ଲଗାଇପାରିବେ। ସଫାସୁତୁରା ରଖନ୍ତୁ ରୋଷେଇ ଘରେ ମା' ଅନ୍ନପୂର୍ଣ୍ଣା ବାସ କରନ୍ତି। ତେଣୁ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଜରୁରୀ। ଅଧିକାଂଶ ଲୋକ ରାତିର ଅଇଁଠା ବାସନକୁ ସକାରେ ସଫା କରିବାକୁ ଛାଡ଼ିଦିଅନ୍ତି। ଏହାଦ୍ୱାରା ଅନେକ ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡ଼େ। ବୁଢ଼ିଆଣୀ ଜାଲ ରଖନ୍ତୁନି ଏମିତିରେ ତ ଦେଖିବାକୁ ଗଲେ ଘରର କୌଣସି କୋଣରେ ବୁଢ଼ିଆଣି ଜାଲ ରହିବା ଭଲନୁହେଁ। କିନ୍ତୁ ରୋଷେଇ ଘରେ ରହିଲେ ଏହା ମହିଳାଙ୍କୁ ରୋଗିଣା କରିଦିଏ। ଏହାସହ ଘରେ ନକାରାତ୍ମକ ଶକ୍ତି ବୃଦ୍ଧିପାଏ।

# ଧର୍ମୀୟ ଭାବନାର ନିଆରା ପରିଚୟ

ଭାରତରେ ହିନ୍ଦୁ-ମୁସ୍‌ଲିମ୍, ଶିଖ୍-ଖ୍ରୀଷ୍ଟିଆନ୍ ଏମିତି ଅନେକ ଜାତିଧର୍ମର ଲୋକ ବାସ କରୁଛନ୍ତି। ତେଣୁ ଭାରତକୁ ସର୍ବଧର୍ମ ସମନ୍ୱୟ ରକ୍ଷା କରିଥିବାର ପରିଚୟ ହାସଲ ହୋଇଛି। ଏ ପରିଚୟକୁ କିଛି ସହୃଦୟ ବ୍ୟକ୍ତି ନିଜ ଧର୍ମଠୁ ଉଚ୍ଚକୁ ନେଇଥିବାରୁ ସମ୍ଭବ ହୋଇପାରିଛି। ଏଇ ଯେମିତି ଉତ୍ତରପ୍ରଦେଶର ଶାହଜହାନ୍‌ପୁରରେ ଦେଖିବାକୁ ମିଳିଛି ଏକ ଉଦାହରଣ। ଏଠାକାର ଏକ ମୁସ୍‌ଲିମ୍ ପରିବାର ନିଜ ବିବାହ ଉତ୍ସବ ପାଇଁ ଛାପିଥିବା କାର୍ଡ ଆଜି ତା'ର ପ୍ରମାଣ ଦେଇଛି। ସ୍ଥାନୀୟ ଚିଲୌବା ଗାଁର ଏକ ମୁସ୍‌ଲିମ୍ ପରିବାରର ଝିଅ ବାହାଘର ପାଇଁ ଛପାଯାଇଥିବା କାର୍ଡରେ ଭଗବାନ ରାମ ଓ ମାତା ସୀତାଙ୍କ ଫଟୋ ସ୍ଥାନ ପାଇଛି। ଏହି କାର୍ଡ ପୂରା ଇଲାକାରେ ହିନ୍ଦୁ- ମୁସ୍‌ଲିମ୍‌ଙ୍କ ଏକତାର ଏକ ନିଆରା ମିଶାଲ୍ କାଏମ୍ କରିଛି। ବିଶେଷକରି ଏହି କାର୍ଡ ଜରିଆରେ ସନ୍ଦେଶ ଦିଆଯାଇଛି ଯେ, 'ଈଶ୍ୱରଙ୍କ ସହ ସେମାନେ ଆଲ୍ଲାଙ୍କୁ ଭଲପାଆନ୍ତି। ପ୍ରତ୍ୟେକ ଭଗବାନ ତାଙ୍କ ପରିବାରର ଅଂଶ। ଏଣୁ ସେ ପ୍ରତିଟି ଧର୍ମର ପୂଜ୍ୟଙ୍କୁ ସମ୍ମାନ ଓ ଭକ୍ତି କରନ୍ତି।' ଏହି ବାର୍ତ୍ତା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆସନ୍ତା ଏପ୍ରିଲ୍ ୩୦ ତାରିଖରେ ଆୟୋଜିତ ହେବାକୁ ଯାଉଥିବା ଏହି ବିବାହୋତ୍ସବର ନିମନ୍ତ୍ରଣ କାର୍ଡ ସମସ୍ତଙ୍କ ମନ କିଣିଛି। କହିବାକୁ ଗଲେ, ଚିଲୌବା ଗାଁରେ ପ୍ରାୟ ୧୮୦୦ ଲୋକ ହିନ୍ଦୁ। ଖୁବ୍ କମ୍ ଲୋକ ଏଠାରେ ମୁସ୍‌ଲିମ୍ ସମ୍ପ୍ରଦାୟର ବାସ କରନ୍ତି। କିନ୍ତୁ ଆଶ୍ଚର୍ଯ୍ୟ, ଏଠାରେ କେହି ସେମାନଙ୍କୁ ମୁସ୍‌ଲିମ୍ ବୋଲି ଅନୁଭବ କରିବାକୁ ଦେଇନାହାନ୍ତି। ସମସ୍ତେ ଗୋଟିଏ ପରିବାର ଭଳି ବ୍ୟବହାର କରନ୍ତି। ପ୍ରତ୍ୟେକଙ୍କର ରହିଛି ସମର୍ପିତ ଏବଂ ସ୍ନେହଶ୍ରଦ୍ଧାର ଭାବନା।



# ପାଦରେ ଚଲାନ୍ତି ବିମାନ

ପାଇଲଟ୍ ଚାକିରିକୁ ଦୁନିଆର ସବୁଠୁ ଭଲ ଚାକିରି ଭିତରୁ ଅନ୍ୟତମ ବୋଲି କୁହାଯାଏ। କିନ୍ତୁ ଜଣେ ପାଇଲଟ ହେବା ବହୁତ ମୁସ୍କିଲ୍ କାମ। କାରଣ ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ସାମାନ୍ୟତମ ଭୁଲ୍ ପାଇଲଟ୍‌ଙ୍କ ସମେତ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇପାରେ। କିନ୍ତୁ ଏଠାରେ ଯେଉଁ ପାଇଲଟ୍‌ଙ୍କ ବିଷୟରେ ଚର୍ଚ୍ଚା ହୋଇଛି ସେ ଜଣେ ମହିଳା। ମହିଳା ପାଇଲଟ୍‌ଙ୍କ ସଂଖ୍ୟା ଏବେ କିଛି କମ୍ ନୁହେଁ। କିନ୍ତୁ ତାଙ୍କ କାହାଣୀ ସମସ୍ତଙ୍କଠାରୁ ନିଆରା। ମହିଳାଙ୍କ ହାତ ନଥିବା ସତ୍ତ୍ୱେ ସେ ବିମାନ ଉଡ଼ାଇବାରେ ପାରଙ୍ଗମ। ଦୁଇ ଗୋଡ଼ ସାହାଯ୍ୟରେ ବିମାନ ଉଡ଼ାଇବାରେ ସେ ପାଲଟିଛନ୍ତି ପ୍ରଥମ ମହିଳା। ଏବେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛି। ସେ ହେଲେ ଜେସିକା କକ୍ସ। ଆମେରିକା ନିବାସୀ ଜେସିକାଙ୍କୁ ଦୁନିଆର ପ୍ରଥମ ତଥା ଏକମାତ୍ର ମହିଳା ପାଇଲଟ୍ ବୋଲି କୁହାଯାଉଛି; ଯାହାଙ୍କ ପାଖରେ ଆର୍ମଲେସ୍ ଅର୍ଥାତ୍ ବିନା ହାତ ଥିବା ପାଇଲଟ୍ ଲାଇସେନ୍ସ ରହିଛି। ବିମାନ ଉଡ଼ାଣ ବ୍ୟତୀତ ଜେସିକା ସ୍କୁବା ଡାଇଭିଂ ଏବଂ କିବୋର୍ଡ ଉପରେ ଟାଇପ୍ ମଧ୍ୟ ଗୋଡ଼ରେ ହିଁ କରିଥାନ୍ତି। ୩୬ ବର୍ଷୀୟା ଜେସିକା ଗୋଡ଼ରେ ଲେଖିବାଠାରୁ ସମସ୍ତ ଜରୁରୀ କାର୍ଯ୍ୟ କରିଥାନ୍ତି। ୧୯୮୩ ମସିହା ଫେବୃଆରୀ ୨ରେ ତାଙ୍କର ଜନ୍ମ ହୋଇଥିଲା। ଜନ୍ମରୁ ହିଁ ଜେସିକାଙ୍କ ହାତ ନଥିଲା। ତାଙ୍କ ଅବସ୍ଥା ଦେଖି ବାପାମା' ବେଶ୍ ଦୁଃଖିତ ହୋଇପଡ଼ିଥିଲେ। କିନ୍ତୁ ୧୪ ବର୍ଷ ବୟସରେ ସେ ନିଜ ଗୋଡ଼ରେ ହିଁ ସବୁକାମ କରିବାରେ ମାହିର୍ ହୋଇଗଲେ। ନିଜ ସ୍ୱପ୍ନ ପୂରା କରିବାକୁ ପୂରା ଦମ୍‌ରେ ଲାଗିପଡ଼ିଲେ। ୨୨ ବର୍ଷ ବୟସରେ ଯେତେବେଳେ ସେ ଗୋଡ଼ରେ ବିମାନ ଉଡ଼ାଇଲେ, ତାହା ସମସ୍ତଙ୍କୁ ଚକିତ କରିଥିଲା। ଏପର୍ଯ୍ୟନ୍ତ ଜେସିକା ପ୍ରାୟ ୨୩ଟି ଦେଶରେ ବିମାନ ଉଡ଼ାଣ ଭରିସାରିଲେଣି।



# ଖାଆନ୍ତୁ ଓ ଖୁଆନ୍ତୁ:ନଡ଼ିଆ ଆଳୁ ଅଣ୍ଡା ତରକାରୀ



ସାମଗ୍ରୀ: ନଡ଼ିଆ ତେଲ- ୧୫ ମିଲି, ସୋରିଷ- ୧/୨ ଚାମଚ, ଗୁଜୁରାତି- ୩, ଗୋଲମରିଚ- ୧/୩ ଚାମଚ, ଶୁଣ୍ଠି- ୧ ଚାମଚ, ଭୃଶଙ୍ଗ ପତ୍ର- ୬, ଅଦା ପେଷ୍ଟ- ୨ ଚାମଚ, ରସୁଣ ପେଷ୍ଟ- ୨ଚାମଚ, କଟା ପିଆଜ- ୧୦୦ ଗ୍ରାମ୍, କଟା ଟମାଟୋ- ୫୦ ଗ୍ରାମ୍, ହଳଦୀ ଗୁଣ୍ଡ- ୧/୪ ଚାମଚ, ସିଝା ଆଳୁ- ୪ଟା, ସିଝା ଅଣ୍ଡା- ୪, କୋକୋନଟ୍ ମିଲ୍କ- ୨୫୦ ଗ୍ରାମ୍, ଧନିଆ ପତ୍ର- ୨ଚାମଚ, ଲୁଣ, ପାଣି ଏବଂ ତେଲ ଆବଶ୍ୟକ ଅନୁସାରେ। ପ୍ରସ୍ତୁତି ପ୍ରଣାଳୀ: ପ୍ୟାନ୍‌ରେ ନଡ଼ିଆ ତେଲ ଗରମ କରି ସୋରିଷ, ଗୁଜୁରାତି, ଗୋଲମରିଚ, ଶୁଣ୍ଠି ଗୁଣ୍ଡ, ଭୃଶଙ୍ଗ ପତ୍ର, ଅଦା ପେଷ୍ଟ, ରସୁଣ ପେଷ୍ଟ, କଟା ପିଆଜ, କଟା ଟମାଟୋ ପକାଇ ମଧ୍ୟମ ଆଞ୍ଚରେ କଷନ୍ତୁ। ପରେ ହଳଦୀ ଗୁଣ୍ଡ, ଲୁଣ ଏବଂ ପାଣି ଦେଇ ମସଲାକୁ କଷି ଆଳୁ ପକାନ୍ତୁ। ଆଉ ୨କପ୍ ପାଣି ଦେଇ ଫୁଟାନ୍ତୁ। ପାଣି ମରିଆସିଲେ ଅଣ୍ଡା, କୋକୋନଟ୍ ମିଲ୍କ, ଗରମ ମସଲା, ଧନିଆ ପତ୍ର ପକାନ୍ତୁ। ଏବେ ପ୍ରସ୍ତୁତ ନଡ଼ିଆ ଆଳୁ ଅଣ୍ଡା ତରକାରୀ।

## ଫିଲ୍ମ ଟକ୍

# ଭଉଣୀ ବାହାଘରରେ ସିଗାରେଟ୍ ଟାଣିଲେ ଅନନ୍ୟା



ବଲିଉଡ ଚୁଲବୁଲି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ବର୍ତ୍ତମାନ ତାଙ୍କର ଆଦିତ୍ୟ ରୟ କପୁରଙ୍କ ସହ ସମ୍ପର୍କକୁ ନେଇ ବେଶ୍ ଚର୍ଚ୍ଚା। ନିକଟରେ ଅଭିନେତ୍ରୀ ତାଙ୍କ ସମ୍ପର୍କୀୟ ଭଉଣୀ ଆଲାନା ପାଣ୍ଡେଙ୍କ ମେହେନ୍ଦୀ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ସମୟରେ ଅନନ୍ୟା ହାଲୁକା ଗୋଲାପୀ ରଙ୍ଗର ଲେହାଙ୍ଗା ପିନ୍ଧିଥିଲେ। ଯେଉଁଥିରେ ସେ ବହୁତ ସୁନ୍ଦର ଦେଖାଯାଉଥିଲେ। ହେଲେ ଏହାରି ଭିତରେ ବର୍ତ୍ତମାନ ଏକ ଫଟୋ ସାମ୍ନାକୁ ଆସିଛି। ଯାହା ଖୁବ୍ ଭାଇରାଲ ହେବାରେ ଲାଗିଛି। ଆଲାନାର ମେହେନ୍ଦୀ କାର୍ଯ୍ୟରୁ ଅନନ୍ୟା ପାଣ୍ଡେଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଫଟୋରେ ଚଙ୍କି ପାଣ୍ଡେଙ୍କ ଲଡଲୀ ସମସ୍ତଙ୍କ ସାମ୍ନାରେ ସିଗାରେଟ ଟାଣୁଥିବାର ନଜର ଆସିଛନ୍ତି। ଅନନ୍ୟାଙ୍କର ଏହି ଫଟୋ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଅନନ୍ୟା ସିଗାରେଟ୍ ଟାଣୁଥିବାବେଳେ ତାଙ୍କ ଚାରିପାଖରେ ଅନେକ ଲୋକ ଠିଆ ହୋଇଛନ୍ତି। ୟୁଜର୍ସ ଅନନ୍ୟାଙ୍କ ଏହି ଫଟୋ ଗୁଡ଼ିକ ଉପରେ ବହୁତ କମେଣ୍ଟ କରୁଛନ୍ତି। ଜଣେ ୟୁଜର୍ସ ଅନନ୍ୟାଙ୍କ ଫଟୋ ପୋଷ୍ଟ କରି ଲେଖିଛନ୍ତି, "ଅନନ୍ୟା ଜଣେ ଧୂମପାନକାରୀ ହେବାର ଆଶା କରାଯାଉ ନଥିଲା। ଆଉ ଜଣେ ଲେଖିଛନ୍ତି ସବୁ ଷ୍ଟାର କିଡ୍ ହିଁ ଏମିତି। ଅନନ୍ୟାଙ୍କୁ ଏବେ ଖୁବ୍ ଟ୍ରୋଲ୍ କରାଯାଉଛି। ତାଙ୍କ ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ ଶେଷ ଥର ପାଇଁ ଫିଲ୍ମ 'ଲାଇଗ'ରେ ଦେଖିବାକୁ ମିଳିଥିଲା। ବିଜୟ ଦେବରାକୋଣ୍ଡା ଏବଂ ଅନନ୍ୟା ପାଣ୍ଡେଙ୍କ ଅଭିନୀତ ଏହି ପ୍ୟାନ୍ ଇଣ୍ଡିଆ ଚଳଚ୍ଚିତ୍ର ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏବେ ଖୁବ ଶୀଘ୍ର ଅନନ୍ୟା ଆୟୁଷ୍ମାନଙ୍କ ସହ ଫିଲ୍ମ 'ଡ୍ରିମ୍ ଗାର୍ଲ ୨'ରେ ଦେଖିବାକୁ ମିଳିବେ।






# ଗଣତନ୍ତ୍ର ଆଶାନୁରୂପ ଫଳ ଦେଇପାରେ ବୋଲି ଭାରତ ବିଶ୍ୱକୁ ଦେଖାଇ ପାରିଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତର ଗଣତନ୍ତ୍ର ଏବଂ ତା'ର ସଙ୍ଗଠନଗୁଡ଼ିକର ସଫଳତା କିଛି ଲୋକଙ୍କୁ କଷ୍ଟ ଦେଉଥିବାରୁ ସେମାନେ ଏହାକୁ ସମାଲୋଚନା କରୁଛନ୍ତି ବୋଲି ଶନିବାର ଦିନ ଇଣ୍ଡିଆ ଟୁଡେ କନ୍‌କ୍ଲେଭ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଦେଶ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତିରେ ଭରପୂର ଥିବାବେଳେ ଏବଂ ବିଶ୍ୱର ବୁଦ୍ଧିଜୀବୀ ମହଲ ଭାରତର ଭବିଷ୍ୟତ ପ୍ରତି ଆଶାବାଦୀ ଥିବାବେଳେ ଦେଶକୁ ମନ୍ଦ ଭାବେ ଉପସ୍ଥାନ କରି ଦେଶର ନୈତିକତାକୁ ମଧ୍ୟ ଆଘାତ ଦିଆଯାଉଛି । କାହାରି ନାମ ଉଲ୍ଲେଖ ନ କରି



ପ୍ରଧାନମନ୍ତ୍ରୀ କହିଛନ୍ତି ଯେକୌଣସି ମାଙ୍ଗଳିକ ଅନୁଷ୍ଠାନ ହେବା ବେଳେ କଳା ଟୀକା ଘେନିବାର ବିଧି ଅଛି । ସେହିଭଳି ଦେଶରେ ଏତେଗୁଡ଼ିଏ ମାଙ୍ଗଳିକ କାର୍ଯ୍ୟ ହେଉଥିବାରୁ କେତେକ ବ୍ୟକ୍ତି କଳା ଟୀକା ଲଗାଇ ଦେବାର ଦାୟିତ୍ୱ ଗ୍ରହଣ କରିଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀଙ୍କର ଉପରୋକ୍ତ ଟିପ୍ପଣୀ ନିକଟରେ ଇଂଲଣ୍ଡ ଗସ୍ତରେ ଯାଇ ଭାରତର ଗଣତନ୍ତ୍ର ସମ୍ବନ୍ଧରେ ଦେଇଥିବା ବିବୃତି ପ୍ରତି ବିଦ୍ରୂପ ବୋଲି ଜଣାପଡୁଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଗଣତନ୍ତ୍ର ଆଶାନୁରୂପ ଫଳ ଦେଇପାରେ ବୋଲି ଭାରତ ବିଶ୍ୱକୁ ଦେଖାଇ ପାରିଛି । ଭାରତର ଗଣତନ୍ତ୍ର ଏବଂ ତା'ର ସଙ୍ଗଠନଗୁଡ଼ିକର ସଫଳତା କିଛି ଲୋକଙ୍କୁ ବାଧୁ ଥିବାରୁ ସେମାନେ ଏହାକୁ ସମାଲୋଚନା କରୁଛନ୍ତି । ଏଭଳି ସମାଲୋଚନା ସତ୍ତ୍ୱେ ଲକ୍ଷ୍ୟ ହାସଲ ଦିଗରେ ଦେଶ ଅଗ୍ରସର ହେବ । ବିରୋଧୀମାନଙ୍କୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୂର୍ବେ ସମ୍ବାଦପତ୍ରରେ ଦୁର୍ନୀତି ମୁଖ୍ୟ ଖବର ଭାବେ ପରିବେଶଣ କରାଯାଉଥିଲା । କିନ୍ତୁ ଏବେ ଦୁର୍ନୀତିଗ୍ରସ୍ତମାନେ ସେମାନଙ୍କ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସହିତ ସହଯୋଗ କରିବା ମୁଖ୍ୟ ଖବର ହେଉଛି । ପ୍ରତ୍ୟେକ ସରକାର ନିଜ ନିଜ ଦକ୍ଷତା ଅନୁସାରେ କାର୍ଯ୍ୟ କରି ସେହି ଅନୁସାରେ ଫଳ ପାଉଥିଲେ । କିନ୍ତୁ ତାଙ୍କ ସରକାର ନୂଆ ଫଳାଫଳ ଆଶା କରି ଭିନ୍ନ ବେଗ ଓ ମାତ୍ରାରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଇମ୍ରାନ ଖାନଙ୍କ ବଢୁଛି ଅଡୁଆ

ଇସଲାମବାଦ : ଇମ୍ରାନଙ୍କ ବିରୁଦ୍ଧରେ ପାକିସ୍ତାନ ପୋଲିସ ରବିବାର ଦିନ ଆତଙ୍କବାଦୀ ମାମଲା ରୁଜୁ କରିଛି । ଏହା ସହ ଇସଲାମବାଦ କୋର୍ଟ ପରିସରରେ ଅଶାନ୍ତ ପରିବେଶ ସୃଷ୍ଟି କରିବା, ପୋଡ଼ାଜଳା, ଭଙ୍ଗାରୁଜା ଓ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଏକ ଡଜନରୁ ଅଧିକ ପିଟିଆଇ ନେତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି । ଏକ ରିପୋର୍ଟନୁଯାୟୀ ବହୁ ପ୍ରତିକ୍ଷିତ ତୋଷଖାନା ମାମଲାରେ ହାଜର ହେବାକୁ ଇମ୍ରାନ ଇସଲାମବାଦ କୋର୍ଟ ପହଞ୍ଚିଥିଲେ । ସେଠାରେ ପିଟିଆଇ କର୍ମୀ ଓ ପୋଲିସ ମଧ୍ୟରେ ଉତ୍ତେଜନା ହେବା ଫଳରେ ୨୫ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିଲେ ।

# ମୋଦୀ ସରକାରଙ୍କୁ ଚିଦମ୍ବରମ୍‌ଙ୍କ ପ୍ରଶଂସା

ନୂଆଦିଲ୍ଲୀ : ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କୁ ଘେରିବା ସହ କଡ଼ା ସମାଲୋଚନା ଓ କଟାକ୍ଷ କରିବାର କୌଣସି ସୁଯୋଗ ହାତଛଡ଼ା କରୁନଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦମ୍ବରମ ପ୍ରଥମଥର ପାଇଁ ସରକାରଙ୍କୁ ପ୍ରଶଂସା କରିଛନ୍ତି । ଅର୍ଥନୈତିକ ଅସ୍ଥିରତା ସମୟରେ ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବାରେ ମୋଦୀ ସରକାର ବହୁତ ଭଲ କାମ କରିଛନ୍ତି ବୋଲି ଇଣ୍ଡିଆ ଟୁଡେ କନ୍‌କ୍ଲେଭ୍ ୨୦୨୩ରେ ଭାଗ ନେଇ ସେ କହିଛନ୍ତି । କନ୍‌କ୍ଲେଭ୍‌କୁ ସମ୍ବୋଧିତ କରି ସେ କହିଛନ୍ତି ଯେ ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତର ତିକ୍ତ ଅନୁଭୂତିରୁ ଏହି ଶିକ୍ଷା ମିଳିଛି ଯେ ଆମକୁ ଋଣ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ । ଋଣର ସଫଳ ମୁକାବିଲା କରିବାକୁ ହେବ । ଅନ୍ୟଥା ତାହା ସରକାରଙ୍କ ବ୍ୟୟ, ଦରଦାମ୍ ମୁକାବିଲା ପଦକ୍ଷେପ ଏବଂ ବ୍ୟୟ କରିବାର କ୍ଷମତାକୁ ପ୍ରଭାବିତ



କରିବ । ଋଣ ପରିଚାଳନା ଓ ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ଲାଗି ଏକନିଷ୍ଠ ହୋଇ କାର୍ଯ୍ୟ କରିଥିବାରୁ ମୁଁ ନରେନ୍ଦ୍ର ମୋଦୀ ସରକାରଙ୍କୁ ଶ୍ରେୟ ଦେବାକୁ ଚାହୁଁଛି । ଯେତେବେଳେ ସରକାରଙ୍କ ଆୟ ତୁଳନାରେ ବ୍ୟୟ ଅଧିକ ହୁଏ ସେତେବେଳେ ବିତ୍ତୀୟ ନିଅଣ୍ଟ ସୃଷ୍ଟି ହୋଇଥାଏ । ୨୦୨୨-୨୩ ଆର୍ଥିକ ବର୍ଷ ଯାହା ଚଳିତ ମାସ ୩୧ରେ ଶେଷ ହେବାକୁ ଯାଉଛି ସେହି ସମୟରେ ବିତ୍ତୀୟ ନିଅଣ୍ଟ ୧୭.୫୫ ଲକ୍ଷ କୋଟି ଟଙ୍କା ରହିବ ବୋଲି ବଜେଟ୍‌ରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ତାହା ୬.୪ ପ୍ରତିଶତ । ବିତ୍ତୀୟ ନିଅଣ୍ଟକୁ ସରକାର ପ୍ରାୟତଃ ଋଣ ଜରିଆରେ ଭରଣା କରିଥା'ନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୫.୯ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୨୫-୨୬ ସୁଦ୍ଧା ତାହାକୁ ଜିଡିପିର ୪.୫ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଗଣତନ୍ତ୍ରକୁ ବିଶ୍ୱାସ କରୁ ନ ଥିବା ବ୍ୟକ୍ତିଙ୍କ ପାଇଁ ଗଣତନ୍ତ୍ରରେ ସ୍ଥାନ ନାହିଁ : ଜେ.ପି. ନଡ୍ଡା

ନୂଆଦିଲ୍ଲୀ : ଗଣତନ୍ତ୍ରକୁ ବିଶ୍ୱାସ କରୁ ନ ଥିବା ବ୍ୟକ୍ତିଙ୍କ ପାଇଁ ଗଣତନ୍ତ୍ରରେ ସ୍ଥାନ ନାହିଁ ବୋଲି ଆଜି କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କୁ ସମାଲୋଚନା କରି ବିଜେପି ଅଧ୍ୟକ୍ଷ ଜେ. ପି. ନଡ୍ଡା କହିଛନ୍ତି । ଚେନ୍ନାଇରେ ଚାଲିଥିବା ବିଜେପିର ଯୁବ ଶାଖା ଭାରତୀୟ ଜନତା ଯୁବ ମୋର୍ଚ୍ଚାର ନ୍ୟାସ୍‌ନାଲ୍ ୟୋଥ୍ ପାର୍ଲାମେଣ୍ଟ୍ ଉଦ୍‌ଘାଟନ କରି ଭର୍ଚ୍ୟୁଆଲ୍ ଉଦ୍‌ବୋଧନ ଦେଇ ନଡ୍ଡା କହିଛନ୍ତି ଯେ ରାହୁଲ୍ ଗାନ୍ଧୀ ଗଣତନ୍ତ୍ରର ସମସ୍ତ ନୈତିକତା ଅତିକ୍ରମ କରିଯାଉଛନ୍ତି । ତେଣୁ ଗଣତାନ୍ତ୍ରିକ ପଦ୍ଧତିରେ ତାଙ୍କୁ ସମ୍ପୂର୍ଣ୍ଣ ବିଦାୟ ଦେବା ଉଚିତ । ଭାରତରେ ଗଣତନ୍ତ୍ର ବିପଦରେ ପଡ଼ିଥିବା କଥା ସେମାନେ



ଜାଣନ୍ତି ନାହିଁ କହି ଭାରତର ଅଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାଲାଗି ରାହୁଲ୍ ଆମେରିକା ଓ ୟୁରୋପ ଭଳି ବିଦେଶୀ ଶକ୍ତିଙ୍କୁ ଉସୁକାଇଥିବା ଦୋଷାରୋପ କରି ନଡ୍ଡା ଆହୁରି ମଧ୍ୟ କହିଛନ୍ତି ଯେ କଂଗ୍ରେସ ମାନସିକ ଭାବେ ନଷ୍ଟ ହୋଇଯାଇଛି । ରାହୁଲ୍ ଗାନ୍ଧୀ ଗଣତନ୍ତ୍ର ସମସ୍ତ ନୈତିକତା ଲଙ୍ଘନ କରିଯାଇଛନ୍ତି । ଜେ. ପି. ନଡ୍ଡା ପଚାରିଛନ୍ତି, ସେ କି ପ୍ରକାର ବିବୃତି ଦେଉଛନ୍ତି ଲୋକେ ତାଙ୍କ କଥା ନ ଶୁଣି ତାଙ୍କୁ ସହ୍ୟ କରିଯାଉଛନ୍ତି । ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ବିଷୟରେ ଲଜ୍ଜାକର ମନ୍ତବ୍ୟ ଦେଇ ରାହୁଲ୍ ଗାନ୍ଧୀ ଖାଲି ଜାତିକୁ ଅପମାନିତ କରି ନାହାନ୍ତି ଆମ ଦେଶରେ ହସ୍ତକ୍ଷେପ କରିବା ଲାଗି ବିଦେଶୀ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ ମଧ୍ୟ କରିଛନ୍ତି । କିନ୍ତୁ, କଂଗ୍ରେସ ବିଜେପିର ଏ ପ୍ରକାର ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଆଦାନି ମାମଲା ଉପରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ 'ବିଜେପି' ରାହୁଲ୍‌ଙ୍କ ବିବୃତିକୁ ବିଭ୍ରାନ୍ତକର ଭାବେ ଉପସ୍ଥାପନ କରୁଛି ।

# ଜାପାନ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ

ଟୋକିଓ : ସୋମବାର ଠାରୁ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଧ୍ୟାନ କେନ୍ଦ୍ରିତ କରିବେ ବୋଲି କୁହାଯାଉଛି । ମାର୍ଚ୍ଚ ୨୦୨୨ ରେ ଭାରତ ଏବଂ ଜାପାନ ମଧ୍ୟରେ ଶେଷ ହୋଇଥିବା ଶିଖର ବୈଠକ ପରେ ଏହା କିଶିଦାଙ୍କ ଗସ୍ତ ଦ୍ୱିପାକ୍ଷିକ ସ୍ତରରେ ଏକାଠି ହେବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର ପ୍ରଦାନ କରିବ ବୋଲି କୁହାଯାଉଛି । ସମ୍ପ୍ରତି ଉଭୟ ନୂଆଦିଲ୍ଲୀ ଏବଂ ଟୋକିଓ ଯଥାକ୍ରମେ ଜି-୨୦ ଏବଂ ଜି-୭ର ଅଧ୍ୟକ୍ଷତା କରୁଛନ୍ତି । ଦୁଇ ଦେଶ ମଧ୍ୟରେ ସହଭାଗୀତା ପ୍ରତିରକ୍ଷା ଏବଂ ସୁରକ୍ଷା, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପ୍ରଯୁକ୍ତିବିଦ୍ୟା ଭଳି ଅନେକ



ଗୁରୁତ୍ୱପୂର୍ଣ୍ଣ ତଥା ଉଦୀୟମାନ କ୍ଷେତ୍ର ବିକଶିତ ହେବାରେ ଲାଗିଛି । କିଶିଦାଙ୍କ ଭାରତ ଗସ୍ତ ସମୟରେ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା, ଶକ୍ତି ପରିବର୍ତ୍ତନ ଓ ଅର୍ଥନୈତିକ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆହ୍ୱାନ ଦୁଇ ଦେଶ ଦ୍ୱାରା କାର୍ଯ୍ୟ କରାଯାଇପାରିବ ।

# ସକାଳେ ଚାଲିବାକୁ ଯାଇଥିବା ବେଳେ ସିଇଓଙ୍କ ଜୀବନ ନେଲା ଦ୍ରୁତଗାମୀ କାର୍

ମୁମ୍ବାଇ: ସିଇଓଙ୍କ ଜୀବନ ନେଲା ଦ୍ରୁତଗାମୀ କାର । ମୁମ୍ବାଇର ଓର୍ଲିରେ ଘଟିଛି ଏଭଳି ଦୁଃଖଦାୟକ ଘଟଣା । ଜଣେ ୩୮ ବର୍ଷୀୟ ମହିଳା ସକାଳେ ଚାଲିବା ପାଇଁ ଯାଇଥିବା ବେଳେ ତାଙ୍କୁ ଏକ ଦ୍ରୁତଗାମୀ କାର୍ ଧକ୍କା ଦେଇଥିଲା । ଘଟଣା ପରେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆହତ ହୋଇଛନ୍ତି କାର୍ ଚାଳକ । ମୃତକଜଣକ ରାଜଲକ୍ଷ୍ମୀ ରାମ କ୍ରିଷ୍ଣନ ବୋଲି ଚିହ୍ନଟ କରାଯାଇଛି । ମିଳିଥିବା ସୂଚନା ମୁତାବକ, ରାଜଲକ୍ଷ୍ମୀ ଏକ ଟେକ୍ନୋଲୋଜି କମ୍ପାନିର ସିଇଓ ଥିଲେ ଏବଂ ନିଜକୁ ଫିଟ ରଖିବା ପାଇଁ ସେ ମୁମ୍ବାଇର ଶିବାଜୀ ପାର୍କରେ ଥିବା ଜଗର୍ସ ଗ୍ରୁପରେ ସାମିଲ ହୋଇଥିଲେ ବୋଲି ଜଣାଯାଇଛି । ଓ୍ୱର୍ଲି ପୁଲିସ ପକ୍ଷରୁ କୁହାଯାଇଛି ଯେ ଏହି ଘଟଣା ରବିବାର ସକାଳ ପ୍ରାୟ ୬.୩୦ରେ ଓ୍ୱର୍ଲି-ବାନ୍ଦ୍ରା ସିଲିଙ୍କଠାରୁ କିଛି ମିଟର ଦୂରରେ ଘଟିଥିଲା । ଅଭିଯୁକ୍ତଜଣକ ୨୩ବର୍ଷୀୟ ସମର ମର୍ଚ୍ଚାଣ୍ଟ ବୋଲି ଚିହ୍ନଟ କରାଯାଇଥିବା ବେଳେ ତାଙ୍କୁ ଗିରଫ କରାଯାଇଛି । ରବିବାର ସକାଳେ ରାଜଲକ୍ଷ୍ମୀ ଚାଲିବାକୁ ଯାଇଥିବା ବେଳେ ସମରଙ୍କ ଟାଟା ନେକ୍ସନ ଇଭି ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇ ଡିଭାଇଡର ଉପରେ ଚଢ଼ିଯାଇଥିଲା । ଦୁର୍ଘଟଣା ପରେ ରାଜଲକ୍ଷ୍ମୀ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ତୁରନ୍ତ ନାଏର ହସ୍ପିଟାଲ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ତାଜିକିସ୍ତାନରେ ଭୂକମ୍ପ

ଦୁଶାନ୍‌ବେ : ଇକ୍ୱାଡୋର୍ ପରେ ରବିବାର ତାଜିକିସ୍ତାନରେ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୪ ରେକର୍ଡ କରାଯାଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍‌ସିଏସ) ଏନେଇ ସୂଚନା ଦେଇଛି । ଏନ୍‌ସିଏସ୍ ଅନୁଯାୟୀ, ୧୭୦ କିଲୋମିଟର ଗଭୀରରେ ଏହି ଭୂକମ୍ପ ହୋଇଥିଲା । ଏହା ସ୍ଥାନୀୟ ସମୟ ପୂର୍ବାହ୍ନ ୧୧.୩୧ରେ ୨୫ ସେକେଣ୍ଡ ପାଇଁ ହୋଇଥିଲା । ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ । ଏହାପୂର୍ବରୁ ଶନିବାର ଇକ୍ୱାଡୋର ଏବଂ ଉତ୍ତର ପେରୁର ଏକ ଉପକୂଳବର୍ତ୍ତୀ ଅଞ୍ଚଳରେ ହୋଇଥିବା ଏକ ଶକ୍ତିଶାଳୀ ଭୂକମ୍ପରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ଅନେକ ଘର, ବିଦ୍ୟାଳୟ ଏବଂ ଚିକିତ୍ସା କେନ୍ଦ୍ର ନଷ୍ଟ ହୋଇଯାଇଛି । ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଭୂକମ୍ପର ତୀବ୍ରତା ୬.୮ ଥିଲା ବୋଲି ସୂଚନା ଦେଇଛି । ଗ୍ୱାୟାସ ପ୍ରଦେଶର ବାଲାଓ ସହରଠାରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା ।

# ବାଂଲାଦେଶରେ ବସ୍ ଦୁର୍ଘଟଣା ୧୯ ମୃତ; ୩୦ ଆହତ

ଢାକା : ଆଜି ସକାଳେ ବାଂଲାଦେଶର ରାଜଧାନୀ ଢାକା ଅଭିମୁଖେ ଯାଉଥିବା ଗୋଟାଏ ବସ୍ ପଦ୍ମାସେତୁର ଉଠାଣି ରାସ୍ତାରେ ବିପରୀତ ଦିଗକୁ ବୁଲିଯାଇ ତଳକୁ ଗଡ଼ିପଡ଼ିବାରୁ ଅନ୍ୟୂନ ୧୬ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ଜଣ ଆହତ ହୋଇଛନ୍ତି । ଏହି ବସ୍ ଦୁର୍ଘଟଣା ମଦାରିପୁର ଅନ୍ତର୍ଗତ ଶିବଚର ଉପଜିଲ୍ଲାର କୁତୁବପୁର ଅଞ୍ଚଳରେ ଘଟିଛି । ମୃତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକର ପରିଚୟ ମିଳିଥିବା ବେଳେ ବାକି ଯାତ୍ରୀମାନଙ୍କର ହଠାତ୍ ପରିଚୟ ମିଳିପାରି ନାହିଁ । ଚିହ୍ନଟ ହୋଇଥିବା ମୃତ ତରୁଣୀ ହେଉଛନ୍ତି ଢାକା ବିଶ୍ୱବିଦ୍ୟାଳୟରେ ଇଂରାଜୀ ବିଭାଗରେ ଅଧ୍ୟୟନ କରୁଥିବା ଦ୍ୱିତୀୟ ବାର୍ଷିକୀ ଛାତ୍ରୀ ୨୦ ବର୍ଷୀୟ ସୁଇଟି । ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଅଗ୍ନିଶମ ସେବା ଓ ପୁଲିସ ଉଦ୍ଧାର ଅଭିଯାନ ଚଳାଇଥିବା କଥା ଶିବଚର ରାଜପଥ ଥାନା ଭାରପ୍ରାପ୍ତ ଅଧିକାରୀ



ଅବୁ ନୟିମ୍ ମହମ୍ମଦ୍ ମୋଫାଜେଲ୍ ହକ୍ କହିଛନ୍ତି । ଆଘାତର ସାଙ୍ଘାତିକତା ଆଧାରରେ ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାକୁ ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଇମାଦ୍ ପରିବହନ ବସ୍‌ର ଚାଳକ ନିୟନ୍ତ୍ରଣ ହରାଇବାରୁ ବସ୍ ବିପରୀତ ଦିଗକୁ ବୁଲିପଡ଼ି ରାସ୍ତା କଡ଼କୁ ଖସି ପଡ଼ିଥିଲା ବୋଲି କେତେକ କହୁଛନ୍ତି । ସଂଗୃହୀତ ତଥ୍ୟ ଅନୁସାରେ ସକାଳ ୮.୧୫ ମିନିଟ୍ ସୁଦ୍ଧା ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଡ୍ରାଇଭର୍ର ସମେତ ୧୪ଜଣଙ୍କ ଶବ ଉଦ୍ଧାର କରାଯାଇଛି । ବସ୍‌ଟି ପାହାନ୍ତା ୪ଟା ବେଳେ ଖୁଲଣାର ଫୁଲତାଲା ବସ୍ କାଉଣ୍ଟରରୁ ବାହାରି ଶିବବାଡ଼ି ରୟାଲ୍ ହୋଟେଲ୍ ଇଣ୍ଟରସେକ୍ସନ୍ ଏବଂ ସୋନାଡଙ୍ଗା ବସ୍ ଷ୍ଟପ୍ ବାଟ ଦେଇ ୪୩ଜଣ ଯାତ୍ରୀଙ୍କୁ ଧରି ଢାକା ଅଭିମୁଖେ ଯାତ୍ରା କରୁଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମ ସବୁ ରିପୋର୍ଟ କରିଛନ୍ତି ।

# ମନ୍ତ୍ରୀଙ୍କ ସହ କୌଣସି ପ୍ରସଙ୍ଗରେ ଯୁକ୍ତି କରିବାକୁ ଚାହୁଁନାହିଁ: ପ୍ରଧାନ ବିଚାରପତି

ନୂଆଦିଲ୍ଲୀ : କଲେଜିୟମ ପ୍ରସଙ୍ଗରେ ଶନିବାର ଦିନ ପ୍ରଧାନ ବିଚାରପତି ଡି ଓ୍ୱାଇ ଚନ୍ଦ୍ରଚୂଡ଼ ଇଣ୍ଡିଆ ଟୁଡେ କନକ୍ଲେଭ୍ ୨୦୨୩ରେ ଭାଷଣ ରଖିବା ସମୟରେ ଉକ୍ତ ବ୍ୟବସ୍ଥାକୁ ସମର୍ଥନ କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି ଯେ କୌଣସି ବ୍ୟବସ୍ଥା ସମ୍ପୂର୍ଣ୍ଣ ଠିକ୍ ନୁହେଁ । କିନ୍ତୁ, ଆମେ ସବୁଠାରୁ ଭଲ ବ୍ୟବସ୍ଥାର ବିକାଶ କରିଛୁ । ମୂଳ ଲକ୍ଷ୍ୟ ହେଉଛି ନ୍ୟାୟପାଳିକାର ସ୍ୱାଧୀନତାକୁ ସୁରକ୍ଷା ଦେବା ଏବଂ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ନ୍ୟାୟପାଳିକାକୁ ନିରପେକ୍ଷ ରଖିବାକୁ ହେବ ତେବେ ଆମକୁ ବାହ୍ୟ ଚାପରୁ ନ୍ୟାୟପାଳିକାକୁ ସୁରକ୍ଷା ଦେବାକୁ ପଡ଼ିବ । କେନ୍ଦ୍ର ଆଇନ ମନ୍ତ୍ରୀ ରିଜିକୁ ସୁପ୍ରିମକୋର୍ଟ



କଲେଜିୟମକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପ୍ରସଙ୍ଗରେ ପ୍ରଧାନ ବିଚାରପତି ବି ଜବାବ ଦେଇଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି, ମତଭେଦରେ ଭିନ୍ନତା ରହିବା କିଛି ଭୁଲ୍ ନୁହେଁ । କିନ୍ତୁ ମୁଁ ଏଭଳି ମତଭେଦକୁ ଏକ ବଳିଷ୍ଠ ସାମ୍ବିଧାନିକ ରାଷ୍ଟ୍ରନୀତିଜ୍ଞ ମନୋଭାବ ସହ ମୁକାବିଲା କରିବି । ମୁଁ ଆଇନ ମନ୍ତ୍ରୀଙ୍କ ସହ ଏହି ପ୍ରସଙ୍ଗରେ ସାମିଲ ହେବାକୁ ଚାହୁଁନି । ଆମମାନଙ୍କର ଭିନ୍ନ ଧାରଣା ଏବଂ ଭିନ୍ନ ମତ ରହିବାରେ କୌଣସି ଭୁଲ୍ ନାହିଁ ବୋଲି ପ୍ରଧାନ ବିଚାରପତି କହିଛନ୍ତି । ଏଥିସହ ସେ ଏହା ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି ଯେ ମାମଲା ପରିଚାଳନାରେ ସରକାରଙ୍କଠାରୁ କିଛି ଚାପ ନାହିଁ । ମୋର ୨୩ ବର୍ଷର ବିଚାରପତି କ୍ୟାରିୟରରେ କୌଣସି ମାମଲାରେ କିଭଳି ନିଷ୍ପତ୍ତି ନେବାକୁ ହେବ ତାହା ମୋତେ କେହି ବତାଇ ନାହାନ୍ତି । ନିର୍ବାଚନ କମିସନ୍ ରାୟ ପ୍ରମାଣ କରିଦେଇଛି ଯେ ନ୍ୟାୟପାଳିକା ଉପରେ କୌଣସି ଚାପ ନାହିଁ ।

# ରାହୁଲ ଗାନ୍ଧୀଙ୍କ ଘରେ ପଶିଲା ପୁଲିସ

ନୂଆଦିଲ୍ଲୀ : କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଘରେ ପଶିଲା ପୁଲିସ । ନୋଟିସର ଜବାବ ନଦେବାରୁ ଦିଲ୍ଲୀ ପୁଲିସ ତାଙ୍କ ଘରେ ପକାଇଲା ଡେରା । କଶ୍ମୀରରେ ଭାରତ ଯୋଡୋ ଯାତ୍ରା ବେଳେ ରାହୁଲ ଯେଉଁ ବୟାନ ଦେଇଥିଲେ ସେ ନେଇ ତାଙ୍କ ପୁଲିସ ତାଙ୍କ ସହ ଆଲୋଚନା କରିବାକୁ ଚାହୁଁଥିଲା । ଏଥିପାଇଁ ତାଙ୍କୁ ମାର୍ଚ୍ଚର୍ ୧୬ ତାରିଖରେ ନୋଟିସ ପଠାଇଥିଲା । କିନ୍ତୁ ସେ ଏହାର କୌଣସି ଜବାବ ଦେଇନଥିଲେ । ଏହାପରେ ଆଜି ପୁଲିସ ତାଙ୍କ ଘରେ ପହଞ୍ଚିଛି । ସୂଚନା ମୁତାବକ, ଶ୍ରୀନଗରରେ ଭାରତ ଯୋଡ଼ୋ ଯାତ୍ରା ଭାଷଣରେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ପୀଡ଼ିତାମାନଙ୍କ ସମ୍ବନ୍ଧରେ ଦେଇଥିବା ମନ୍ତବ୍ୟ ଉପରେ ସୂଚନା ସଂଗ୍ରହ କରିବା ଲାଗି ଆଜି ଦିଲ୍ଲୀର ସ୍ପେସାଲ ପୁଲିସ କମିସନର୍ ସାଗରପ୍ରୀତ ହୁଡାଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଘରେ ପହଞ୍ଚିଛି । ରାହୁଲଙ୍କ ସହ ଆଲୋଚନା କରିବାକୁ ଆସିଥିବା ନେଇ ହୁଡା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଜାନୁଆରୀ ୩୦ ତାରିଖ ଦିନ ଭାରତ ଯୋଡ଼ୋ ଯାତ୍ରା ସମୟରେ ଶ୍ରୀନଗରେ ରାହୁଲ୍ ଗାନ୍ଧୀ ଯୌନ ଉତ୍ପୀଡନର ଶିକାର ହୋଇଥିବା ମହିଳାଙ୍କ ବିଷୟରେ ବୟାନ ଦେଇଥିଲେ ।

# ବିଶିଷ୍ଟ ସମାଜସେବୀ ପି.ଭି. ସତୀଶଙ୍କ ପରଲୋକ

ହାଇଦ୍ରାବାଦ : ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ, ମହିଳା ବିକାଶ ଆଦି କ୍ଷେତ୍ରରେ ଅନେକ ଆଦର୍ଶଗତ କାର୍ଯ୍ୟ କରିଥିବା ତେଲେଙ୍ଗାନାର ମିଲେଟ ମ୍ୟାନ ଭାବେ ପରିଚିତ ପି.ଭି. ସତୀଶଙ୍କର ରବିବାର ସକାଳେ ହାଇଦ୍ରାବାଦରେ ୭୭ ବର୍ଷରେ ପରଲୋକ ହୋଇଛି । ଭାରତ ପାରମ୍ପରିକ କୃଷି ଓ କୃଷକଙ୍କ ସହଯୋଗ କରିବାକୁ ୪୦ ବର୍ଷ ତଳେ ଡିକେନ ଡେଭଲପମେଣ୍ଟ ସୋସାଇଟି ନାମକ ଏକ ଏନ୍‌ଜିଓ ଗଠନ କରିଥିଲେ । ତେଲେଙ୍ଗାନାର ସାଂଗାରେଡ୍ଡୀ ଜିଲ୍ଲାରେ ଡିଡିଏସର କାର୍ଯ୍ୟକାରୀ ନିର୍ଦ୍ଦେଶକଭାବେ ସେ କାର୍ଯ୍ୟରତ ଥିଲେ । କୃଷି କ୍ଷେତ୍ରରେ ତାଙ୍କର ଯୋଗଦାନ ପାଇଁ ସେ ଖୁବ୍ ଲୋକପ୍ରିୟ ହୋଇପାରିଥିଲେ । ତାଙ୍କର ବିୟୋଗରେ ତେଲେଙ୍ଗାନା କୃଷିମନ୍ତ୍ରୀ ଏସ ନିରଞ୍ଜନ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।



DSPL - 505
OIPR - 10003/13/0173/2223

# ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ପାଳନ




କଟକ, (ପିପିଏସ) : ଆଦିବାସୀ ଓ ଆଶ୍ରମ ପିଲାଙ୍କ ସହ ପଖାଳ ଦିବସ ପାଳନ କଲେ କଟକର ପ୍ରମୁଖ ସାମାଜିକ ସଂଗଠନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ । ଆମେ ଓଡ଼ିଆ ଆମ ପଖାଳ ବଢିଆ ବାର୍ତ୍ତାକୁ ସଭିଙ୍କ ମୁହଁରେ ରହିବାର ପ୍ରୟାସ। ବିଶ୍ୱ ପଖାଳ ଦିବସ ଉପଲକ୍ଷେ ସେବା ଓ ବନ୍ଧୁ ମିଳନ ମାଛୁଆ ବଜାର ଶଶିକଳା ପ୍ୟାଲେସରେ ସିଡିଏ ରଥ ସାହୁ ସ୍କୁଲ ଆଦିବାସୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ। ଆଦିବାସୀ ପିଲାଙ୍କ ସହ ବସିକି ଖାଇଲେ ଟ୍ରଷ୍ଟର ଉପଦେଷ୍ଟା କୁନା ତ୍ରିପାଠୀ,ଅଭିଜିତ ମଜୁମଦାର,ବିରେନ୍ଦ୍ର ସାହୁ, ରଥ,ସନ୍ଦୀପ ରାଉତ, ଡ ପ୍ରଭୁ ଚରଣ ମହାନ୍ତି,ଡାକ୍ତର ଉମେଶ ରାୟ,ହାସ୍ୟ ଅଭିନେତା ରାଜୁ ଦାସ ଓ ଟିମ, ଲୋକରଞ୍ଜନ ମହତାବ,ଗାୟକ ତାରିକ୍ ଅଜିଜ,ରାହୁଲ ପ୍ରତ୍ୟୁଷ ମହାନ୍ତି, କ୍ଷୀରୋଦ ସାହୁ, ମହମ୍ମଦ ଇଯାଜ୍ ପଟେଲ,ସ୍ମୃତି ରଞ୍ଜନ ରାଉତ, ମଙ୍ଗଳାବାଗ ଆଇ ଆଇ ସି ସୁଧାଂଶୁ ଭୂଷଣ ଜେନା, କଟକର ଦୈନିକ ଖବର କାଗଜ ଓ ଟିଭି ମିଡ଼ିଆ ସମସ୍ତ ମିଡ଼ିଆ ଭଉଣୀ ଓ ଭାଇ । ଆମ ଓଡ଼ିଆ ପରମ୍ପରା ଓ ଖାଦ୍ୟର ମହତ୍ତ୍ୱ ସର୍ବପରି ଉର୍ଦ୍ଧ। ପଖାଳ ଦିବସ କାର୍ଯ୍ୟକ୍ରମ ଆୟୋଜନରେ ସମ୍ପାଦକ ଶଶାଙ୍କ ଶେଖର ଦାଶ ଓ ସଭାପତି ମନୋଜ ପଣ୍ଡା ଉପସ୍ଥିତି ହେବା ସହ ଆଗାମୀ ବର୍ଷ ଆହୁରି ଭବ୍ୟ ଭାବେ ବୋଲି ସଂସ୍ଥା ତରଫରୁ ବାର୍ତ୍ତା ଦେଇଛନ୍ତି ।

# ସମ୍ଭାଗ ସ୍ତରୀୟ ଶିଶୁବାଟିକା କର୍ମଶାଳା

କଟକ, (ପିପିଏସ) : ରବିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀପୁରର ପରିସରରେ ସମ୍ଭାଗ ସ୍ତରୀୟ ଶିଶୁବାଟିକା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ଷଡଙ୍ଗୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେଭେନ୍ସା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ.ସମିତା ମହାପାତ୍ର, ଏସ.ସି.ଏସ କଲେଜ, ପୁରୀର



ମନସ୍ତତ୍ତ୍ୱବିତ୍ ପ୍ରାଧ୍ୟାପିକା ଡ.ଗୋପାଙ୍ଗନା ଦାସ,କଟକସ୍ଥିତ ଶିଶୁଭବନର ଶିଶୁ ବିଶେଷଜ୍ଞ ଡ.ବନଜ କୁମାର ରାୟ,କଟକ ମହାନଗର ନିଗମର ସି.ଡି.ପି.ଓ ନିବେଦିତା ବିଭୁତି ରାୟ ,ବିଦ୍ୟାଭାରତୀର ପ୍ରଶିକ୍ଷକ ପ୍ରମୁଖ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା, କଟକ ବିଭାଗ ନିରୀକ୍ଷକ ଶ୍ରୀଯୁକ୍ତ ରାହାସ ବିହାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କର୍ମଶାଳାରେ ଜାତୀୟ ଶିକ୍ଷାନୀତି ଅନୁସାରେ ଶିଶୁର ସର୍ବାଙ୍ଗୀନ ବିକାଶ ନିମନ୍ତେ ପରିବାର ଓ ବିଦ୍ୟାଳୟ ସ୍ତରରେ ଶିଶୁର ଆଦ୍ୟ ଶୈଶବ ଯତ୍ନ କିପରି ନିଆଯିବ ଓ ତତ୍ ସହିତ କିପରି ଶିକ୍ଷାଦାନ ଦିଆଯିବା ଉଚିତ୍ ସେ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଭୁକ୍ତା ପରିଚାଳନା କରିଥିଲେ। ଉତ୍ତର ପୂର୍ବ ସମ୍ଭାଗର ଅଧୀନରେ ଥିବା ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁବାଟିକା ପ୍ରମୁଖ କର୍ମଶାଳାରେ ଯୋଗଦାନ କରିଥିଲେ।କାର୍ଯ୍ୟକ୍ରମ ଶେଷରେ ତୁଳସୀପୁର ସଂକୁଳର ଶିଶୁବାଟିକା ପ୍ରମୁଖ ଶ୍ରୀମତୀ କାନନବାଳା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦଘାଟନ

# ପୂର୍ଣ୍ଣାଙ୍ଗ ହେଇନି ତରବରିଆ ଭାବେ ଉଦଘାଟନ କଣପାଇଁ ?

କୋଣାର୍କ, (ପିପିଏସ) : କାକଟପୁରବ୍ଲକର ନବନିର୍ମିତ ଆଦର୍ଶ ବିଦ୍ୟାଳୟ ଆନୁଷ୍ଠାନିକ ଭାବେ ଓଡ଼ିଶା ସରକାରଙ୍କ ଇଲୋକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ଓ ଯୁବସେବା, ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ କରକମଳରେ ଉଦଘାଟିତ ହୋଇଯାଇଅଛି। ପ୍ରାପ୍ତ ସୂଚନାରୁ ଜଣାପଡେକି କାକଟପୁରବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୋଣାର୍କ ଥାନାଅଧୀନସ୍ଥ କୁରୁଜଙ୍ଗ ଗ୍ରାମ ପଞ୍ଚାୟତର କୁଞ୍ଜ ଠାରେ ଗତ ୨୦୨୧ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରବିବାର ଅପରାହ୍ଣ ରେ ନବନିର୍ମିତ ଶ୍ରେଣୀଗୃହକୁ ମାନ୍ୟବରମନ୍ତ୍ରୀ ଉଦଘାଟନ କରିଥିବା ଜଣାପଡିଛି। ଉକ୍ତ ବିଦ୍ୟାଳୟର ହଷ୍ଟେଲ ଗୃହ, ଚର୍ତୁପାର୍ଶ୍ୱ ପ୍ରାଚେରୀ ସହ ଫାଟକ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇନଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଉଦଘାଟନ କରାଗଲା ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।



ସେହିପରି ଉଦଘାଟନଫଳକ ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ଜଗତସିଂହପୁର ସାଂସଦଙ୍କ ନାମ ଉଲ୍ଲେଖ ଥିବାବେଳେ ସେମାନେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏହି ଉଦଘାଟନ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ ସମେତ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ, କାକଟପୁର ପଞ୍ଚାୟତ ସେମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, କୁରୁଜଙ୍ଗ ଗ୍ରାମ ପଂଚାୟତର ସରପଞ୍ଚ ସୁଶ୍ରୀ ରୂପାଲି କାଣ୍ଡି, ସମିତି ସଭ୍ୟ କୈଳାସ ସେଠୀ ପ୍ରମୁଖ ସମ୍ମାନନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବୀପତ୍ର ମାନ୍ୟବର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

# କୁଜଙ୍ଗରେ ବିଜେଡ଼ି ମହିଳା ସମାବେଶ

କୁଜଙ୍ଗ, (ପିପିଏସ) : କୁଜଙ୍ଗସ୍ଥିତ ସନ୍ତରା ସାଇମନ୍ଦିର ନିକଟସ୍ଥ ପଡିଆଠାରେ ବ୍ଲକ ମହିଳା ବିଜୁ ଜନତା ଦଳର ସମାବେଶ ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ବିଜେଡି ସରକାରର ସଫଳତା ଓ ମହିଳା ମାନଙ୍କର ବିକାଶ ସମ୍ପର୍କରେ କହିବା ସଂଗେ ସଂଗେ ମହିଳାମାନେ ସମାଜର ସେବା କରିବାକୁ ଆଗେଇ ଆସନ୍ତୁ ବୋଲି କହିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା




ଶତାଧିକ ମହିଳାମାନେ ଜୟ ନବୀନ ଜୟ ନବୀନ ନାରା ଦେଇଥିଲେ । ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସବିତା ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା କନକପ୍ରଭା ବେହେରା, କୁଜଙ୍ଗ ସରପଂଚ ବନ୍ଦିତା ଦାସ, ବାଗୋଇ ସରପଂଚ ପ୍ରଭାଞ୍ଜଳୀ ସେଠୀ, ଫତେପୁର ସମିତି ସଭ୍ୟା ଅମିତା ସ୍ୱାଇଁ, ନନ୍ଦିନୀ ପଣ୍ଡା ପ୍ରମୁଖ ଉପସ୍ଥିତି ରହି ବିଜୁ ଜନତା ଦଳକୁ ଶକ୍ତିଶାଳି କରିବାକୁ ଆହ୍ୱାନ ଦେଇଥିଲେ ।

## ପିପିଏଲ ହର୍ସଟ୍ରଷ୍ଟ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର

କୁଜଙ୍ଗ, (ପିପିଏସ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ସନ୍ତରାସ୍କୁଲ ପରିସରରେ ପିପିଏଲ ହର୍ସ ଟ୍ରଷ୍ଟ ସହାୟତାରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ମଙ୍ଗରାଜପୁର ଗ୍ରାମ ପଂଚାୟତର ୩୨୦ଜଣ ପୁରୁଷ ମହିଳା, ଶିଶୁ ଯୋଗଦାନ କରି ସ୍ୱାସ୍ଥ୍ୟଗତ ସୁବିଧା, ଡାକ୍ତରୀ ପରାମର୍ଶ ଓ ମାଗଣା ଔଷଧ ଗ୍ରହଣ କରିଥିଲେ । ଏହି ଶିବିରରେ ଚର୍ମରୋଗ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୁତି ଏବଂ ମେଡ଼ିସିନ ବିଭାଗର ସୁନାମଧନ୍ୟ ଡାକ୍ତରମାନେ ଉପସ୍ଥିତ ରହି ଚିକିତ୍ସା ଲାଗି ପରାମର୍ଶ ସହିତ ମେଡିସିନ ଓ ଖାଦ୍ୟପାନୀୟ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ମୁଖ୍ୟ ଅତିଥିଭାବେ ମଙ୍ଗରାଜପୁର ସରପଂଚ ପ୍ରମୋଦ କୁମାର ବେହେରା, ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ପିପିଏଲ ସିଏସଆର ମୁଖ୍ୟ ପରିଚାଳକ ସୌମ୍ୟଶ୍ରୀ ଓମପ୍ରକାଶ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ । ହର୍ସ ଟ୍ରଷ୍ଟ ଦ୍ୱାରା ଏହି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ଶୃଙ୍ଖଳିତ କରିବାପାଇଁ ସ୍ତ୍ରୀ ଓ ପୁରୁଷଙ୍କ ନିମନ୍ତେ ପୃଥକ ପୃଥକ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ସୁବିଧା, ଅପେକ୍ଷାରତ ଲୋକଙ୍କ ଲାଗି ଛାୟା ଓ ଚିଆର ବ୍ୟବସ୍ଥା କରାଯାଇଥିଲା । ପିପିଏଲ ସିଏସଆର ପକ୍ଷରୁ ଜନହିତକାରୀ କାର୍ଯ୍ୟକ୍ରମ କରାଯାଉଥିବାରୁ ସମାଜସେବି ତଥା ସାଧାରଣ ଜନତାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, କାର୍ଯ୍ୟକ୍ଷମ ହେଉନି ହଷ୍ଟେଲ କୋଠା

ବ୍ରହ୍ମପୁର, (ପିପିଏସ) ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ୍ ନିର୍ମାଣ ହେଲା । ନିର୍ମାଣ କାର୍ଯ୍ୟ ସରି ପ୍ରାୟ ୫ମାସରୁ ଉର୍ଦ୍ଧ୍ୱ ବିତିଗଲାଣି।

ତଥାପି ତାହା କାର୍ଯ୍ୟକ୍ଷମ ହୋଇପାରୁନଥିବା ଅଭିଯୋଗ ହୋଇଛି। ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଛି ହଷ୍ଟେଲ୍ କୋଠା । ୧୦୦ ବେଡ୍ କ୍ଷମତା ବିଶିଷ୍ଟ ଏହି ହଷ୍ଟେଲ୍ ୨୦୨୧ରୁ କାମ ଆରମ୍ଭ ହୋଇ ଗତ ୫ମାସ ତଳେ ନିର୍ମାଣ ସରିଛି। ୧ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ହଷ୍ଟେଲ ନିର୍ମାଣ ହୋଇଥିଲା। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ପାଣ୍ଠିରୁ ହଷ୍ଟେଲକୁ ପୂର୍ତ୍ତ ବିଭାଗ ନିର୍ମାଣ କରିଥିଲା । ଯୁକ୍ତତିନି ଓ ପିଜି ଛାତ୍ରୀମାନଙ୍କ ରହିବା ସୁବିଧା ପାଇଁ ୪୦୦ ବେଡ୍ କ୍ଷମତା ବିଶିଷ୍ଟ ହଷ୍ଟେଲ୍ କରିବାର ଲକ୍ଷ୍ୟ ରହିଥିଲା। ଗୋଟିଏ ମହଲାରେ ୧୦୦ ବେଡ୍ ହିସାବରେ ୪ମହଲାରେ ୪୦୦ ବେଡ୍ କ୍ଷମତା



ବିଶିଷ୍ଟ ହଷ୍ଟେଲ୍ ନିର୍ମାଣ କରିବା ଲକ୍ଷ୍ୟ ରହିଥିଲା । ବର୍ତ୍ତମାନ କେବଳ ଏକ ମହଲା ନିର୍ମାଣ କରାଯାଇଛି । ନିର୍ମାଣ କାର୍ଯ୍ୟ ସରିବା ସହ କୋଠାକୁ ପ୍ରାଇମେରି ରଙ୍ଗ ଦେଇ ରଖାଯାଇଛି। ସମ୍ପୂର୍ଣ୍ଣ ରଙ୍ଗ ହୋଇନଥିବା ବେଳେ ପାଣି ସୁବିଧା ସହିତ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସରିଛି। ପୂରା ଟଙ୍କା ମିଳିନଥିବା ଯୋଗୁଁ ପୂର୍ତ୍ତ ବିଭାଗ ଚାବି ହସ୍ତାନ୍ତର କରୁନଥିବା କଲେଜ ଅଧ୍ୟକ୍ଷ ଡ. କାହ୍ନୁ ଚରଣ ପାଢ଼ୀ କହିଛନ୍ତି। ପୂର୍ବରୁ ଶଶିଭୂଷଣ ରଥ ମହିଳା କଲେଜ ଖଲିକୋଟ ୟୁନିଭରସିଟି ଅଧୀନରେ ରହିଥିବା ବେଳେ ଉକ୍ତ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ହୋଇଥିଲା । ୭୦ ଲକ୍ଷ ଟଙ୍କା ଆସିଥିବା ବେଳେ ବାକି ୬୮ ଲକ୍ଷ ଟଙ୍କା ଆସିନଥିବା ଅଧ୍ୟକ୍ଷ ଡ. ପାଢ଼ୀ କହିଛନ୍ତି। ଏନେଇ ୟୁଜିସି ପ୍ରିନ୍ସିପାଲ ସେକ୍ରେଟାରୀ ଏବଂ ରୁସା ଯୁଗ୍ମ ସମ୍ପାଦକଙ୍କୁ ଗତ ୨୦୨୨ ଅକ୍ଟୋବରରେ ଚିଠି କରାଯାଇଛି। ସେଠାରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଟଙ୍କା ଆସିଲା ପରେ ହଷ୍ଟେଲ୍ ? କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

# ବ୍ରହ୍ମପୁରରେ ୱାଟର ଏଟିଏମ୍ ଅଚଳ, ପାଣି ପାଇଁ ତଣ୍ଟି ଶୁଖୁଛି

ବ୍ରହ୍ମପୁର, (ପିପିଏସ) : ବର୍ଷ ସାରା ବ୍ରହ୍ମପୁରବାସୀଙ୍କୁ ବିଶୁଦ୍ଧ ଥଣ୍ଡା ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି ୱାଟର ଏଟିଏମ୍ ସ୍ଥାପନ କରାଯାଇଛି। ସ୍ଥାପନର କିଛି ବର୍ଷ ମଧ୍ୟରେ ଗୋଟିଏ ଅଚଳ ହୋଇପଡ଼ିଛି ।ରକ୍ଷଣାବେକ୍ଷଣ ଅଭାବରୁ ଯନ୍ତ୍ରାଂଶ ନଷ୍ଟ ହେବାକୁ ବସିଲାଣି। ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ କେନ୍ଦ୍ର ବିନ୍ଦୁ କୁହାଯାଉଥିବା ବ୍ରହ୍ମପୁର ସହରକୁ ମାତ୍ର ଦୁଇଟି ୱାଟର ଏଟିଏମ୍ ସମୁଦ୍ରକୁ ଶଙ୍ଖ ଭଳି ମନେ ହେଉଛି। ଏପଟେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ବଜାରରେ ବୁଲିବା ବେଳେ ପାଣି ପାଇଁ ଲୋକଙ୍କ ତଣ୍ଟି ଶୁଖିଯାଉଛି। ଅଚଳ ୱାଟର ଏଟିଏମ୍ ସଚଳ ସାଙ୍ଗକୁ ଅଧିକ ସ୍ଥାପନ କରିବାକୁ ଜନ ସାଧାରଣ ଦାବି ହେଉଛି । ସହରରେ ପାଣି ସମସ୍ୟା ରହିବ ନାହିଁ । ଏହି ସମସ୍ୟା ଦୂର କରିବା ପାଇଁ ଘରକୁ ୨୪ ଘଣ୍ଟିଆ ଜଳ ଯୋଗାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଜାନିବିଲ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ସହରକୁ ବିଭିନ୍ନ କାମରେ ହଜାର ହଜାର ଲୋକ ଆସିଥାନ୍ତି । ବଜାର ମଧ୍ୟରେ ଲୋକଙ୍କୁ ବିଶୁଦ୍ଧ ପାଣି



ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ରେ ୩ଟି ୱାଟର ଏଟିଏମ୍ ସ୍ଥାପନ କରାଯାଇଛି। ପୁରୁଣା ବସ୍ୟାଣ୍ଡ, ରେଳ ଷ୍ଟେସନ୍ ଆହାର କେନ୍ଦ୍ର ଏବଂ ଅନ୍ନପୂର୍ଣ୍ଣା ମାର୍କେଟ୍‌ରେ ୱାଟର ଏଟିଏମ୍ ରହିଛି। ପ୍ରତି ୱାଟର ଏଟିମ୍ ପିଛା ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ରାଜସ୍ଥାନର ଏକ ଘରୋଇ ସଂସ୍ଥା ପକ୍ଷରୁ ଏହି ୱାଟର ଏଟିଏମ୍‌କୁ ସ୍ଥାପନ କରାଯାଇଥିଲା। କୋଭିଡ୍ ସମୟରେ ତିନିଟି ଯାକ ୱାଟର ଏଟିଏମ୍ ଅଚଳ ହୋଇଗଲା। ଦୁଇଟି ମରାମତି ହୋଇଥିବାବେଳେ ଆଉ ଗୋଟିଏ ହୋଇପାରି ନାହିଁ । ପ୍ରତ୍ୟେକ ୱାଟର ଏଟିଏମ୍ ପାଇଁ ଏକ ହଜାର ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ରହିଛି। ବିଏମ୍‌ସି ପକ୍ଷରୁ ପ୍ରତିଦିନ ଉକ୍ତ ଟାଙ୍କିରେ ପାଣି ବ୍ୟାଙ୍କର ଦ୍ୱାରା ପାଣି ନେଇ ଭରି କରାଯାଉଛି। ବିଶେଷ କରି ଖରା ଦିନେ ଟାଙ୍କିକୁ ଦୁଇଥର ଭର୍ତ୍ତି କରାଯାଉଛି। ୪ଟି ସ୍ତରରେ ପାଣିକୁ ଶୁଦ୍ଧ କରି ଯୋଗାଇବାର ବ୍ୟବସ୍ଥା ରହିଛି। ପ୍ରଥମେ ୨ ଟଙ୍କାରୁ ୫ଟଙ୍କା ଦରରେ ଏକ ଲିଟର ପାଣି ଦିଆଯାଉଥିଲା। କୋଭିଡ ପରଠାରୁ ବର୍ତ୍ତମାନ ମାଗଣାରେ ଦିଆଯାଉଛି। ସହରକୁ ଆସୁଥିବା ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଏହା ବେଶ୍ ସହାୟକ ହେଉଛି। ଦକ୍ଷିଣ ଓଡ଼ିଶାର ଏକ ବୃହତ୍ ସହରରେ ମାତ୍ର ଦୁଇଟି ୱାଟର ଏଟିଏମ୍ ଯଥେଷ୍ଟ ହେଉନାହିଁ। ଆଗକୁ ଖରାଦିନ ଆସୁଛି । ଥଣ୍ଡା ବିଶୁଦ୍ଧ ପାଣି ବୋତଲ କିଣି ପିଇବା ସମ୍ଭବ ନୁହେଁ । ସହକାରୀ ନିର୍ବାହୀ ଯନ୍ତ୍ରୀ (ମେକାନିକାଲ) ପ୍ରଭାକର ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ମାଗଣାରେ ପାଣି ଦିଆଯାଉଛି। ୬ମାସ ତଳେ ଦୁଇଟି ୱାଟର ଏଟିଏମ୍ର ଫିଲ୍ଟର ବଦଳାଇ ଦିଆଯାଇଥିଲା। ଅଚଳ ହୋଇ ପଡ଼ିଥିବା ଗୋଟିଏ ମେସିନ୍ ମରାମତି କାମ ବାହାର କମ୍ପାନୀ ଦ୍ୱାରା ହୋଇ ପାରିବ। ବର୍ତ୍ତମାନ ଦୁଇଟି ୱାଟର ଏଟିଏମ୍ କୁ ରକ୍ଷଣାବେକ୍ଷଣ କରିବା ପାଇଁ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏନେଇ ଚଳିତ ମାସରେ ପଦକ୍ଷେପ ଗ୍ରହଣ କରାଯିବ।

## ପିପୁଲ୍ସ ପ୍ରେସ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବ୍ରହ୍ମପୁର, (ପିପିଏସ) : ଗଣମାଧ୍ୟମର ପ୍ରତିନିଧି ମାନେ ସମାଜ ପ୍ରତି ଜାଗ୍ରତ ପ୍ରହରୀ ଭଳି କାମ କରନ୍ତି। ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବା ଉଚିତ ବୋଲି ଆଜି ପିପିଟି ର ତୃତୀୟ ବାର୍ଷିକ ଉତ୍ସବକୁ ଉଦ୍ ?ଘାଟନ କରି ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ପିପିଟି ସଭାପତି ଦେବସ୍ମିତା ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସମ୍ମାରୋହ ରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପିପିଟି ସମ୍ପାଦକ ସମରଜିତ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠରେ ପିପିଟିର ଗତ ଏକ ବର୍ଷର ବିବିଧ ଜନହିତକର ଓ ସାମ୍ବାଦିକତା କାର୍ଯ୍ୟକଳାପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଶ୍ରେଷ୍ଠ ସାମ୍ବାଦିକ ଭାବେ ଡ଼ଃ ଜଗନମୋହନ ମହାପାତ୍ର, ପିପିଟି ସାହିତ୍ୟ ସମ୍ମାନ ଡ଼ଃ ଲକ୍ଷ୍ମୀନାରାୟଣ ଦାଶ, ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନାଙ୍କୁ ଜନସେବା ସମ୍ମାନ ଓ ପିପିଟି ସଂସ୍କୃତି ସମ୍ମାନରେ ନିରଞ୍ଜନ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ଥାନା ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାହୁ, କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ, ଏଏସପି ସୁବାସ ଚନ୍ଦ୍ର ପଣ୍ଡା ଏବଂ ବୋଲଗଡ଼ ପିପିଟି ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନଙ୍କୁ ଶ୍ରେଷ୍ଠ ଗ୍ରାମାଞ୍ଚଳ ସାମ୍ବାଦିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ସଭାପତି ବିଘ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱପନେସ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରୁଥିଲେ।

## ୨୨ ବର୍ଷ ତଳେ ହୋଇଥିଲା ଗେଟ୍ ବଜାର ଶୌଚାଳୟ

# ଉଦଘାଟନ ପରଠାରୁ ଝୁଲୁଛି ତାଲା

ବ୍ରହ୍ମପୁର, (ପିପିଏସ) : ବିଏମ୍‌ସି ନିର୍ମାଣ କରୁଛି ନୂଆ ଶୌଚାଳୟ। କିନ୍ତୁ ପୁରୁଣା ଶୌଚାଳୟ ପୁରୁଦ୍ଧାର ଓ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦେଉନାହିଁ । ଗେଟ୍ ବଜାର ଶୌଚାଳୟ ଭୂତକୋଠି ପାଲଟିଛି। କେନାଲ ସାହି ବାସିନ୍ଦାଙ୍କ ସମେତ ସହରକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଶୌଚାଳୟ ନିର୍ମାଣ ହୋଇଥିଲା। ।ଇଣ୍ଟିଗ୍ରେଟେଡ୍ ଡେପଲପ୍ ?ମେଣ୍ଟ୍ ଅଫ୍ ସ୍କାଲ୍ ଆଣ୍ଡ୍ ମିଡିୟମ୍ ଟାଉନ୍ସ (ଆଇଡିଏସ୍‌ଏମ୍ ?ଟି) ଯୋଜନାରେ ୨୦୦୦ ମସିହା ଜୁଲାଇ ୧୯ରେ ବିଏମ୍ ?ସି ନିର୍ମାଣ କରିଥିଲା। ମହିଳା ଓ ପୁରୁଷଙ୍କ ପାଇଁ ଦୁଇଟି ଲେଖାଏ ଗାଧୁଆ ଘର ଏବଂ ଶୌଚ ଘର ରହିଛି। ଶୌଚାଳୟ ନିର୍ମାଣ ପରେ ଥରେ ମଧ୍ୟ ବ୍ୟବହାର ହୋଇନି । ଆଜିକୁ ୨୨ ବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିଛି। କାନ୍ଥ ଭୁଶୁଡ଼ିବାକୁ ବସିଲାଣି। ଲୁହା ଗ୍ରିଲ୍ ଭାଙ୍ଗିରୁଜି ଗଲାଣି। ଭିତରରେ ଫଳକ ଲାଗିଥିବା ବେଳେ ଏହା ଉଦ୍‌ଘାଟନ ହେବା ପର ଠାରୁ ଅବ୍ୟବହୃତ ପଡ଼ିରହିଛି । ଶୌଚାଳୟ ସୁବିଧା ଯୋଗାଇ ଦେବା ପାଇଁ ବିଏମ୍ ?ସି ସହରର ବିଭିନ୍ନ ସ୍ଥାନରେ ୬୨ଟି ଶୌଚାଳୟ ନିର୍ମାଣ କରିଛି। ଏହା ସହିତ ରାସ୍ତାକଡ଼ରେ ୧୪ ଲକ୍ଷ ଟଙ୍କା ବ୍ୟୟରେ ୨୮ଟି ଅସ୍ଥାୟୀ ପରିଶ୍ରାଗାର ନିର୍ମାଣ କରିଥିଲା । ତାହା ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ତିଷ୍ଠି ପାରିନଥିଲା। ବ୍ରହ୍ମପୁର ସହରକୁ ଦୈନିକ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ଏଣୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ନିର୍ମାଣ ହୋଇଥିଲା ଶୌଚାଳୟ ଓ ପରିଶ୍ରାଗାର। କିନ୍ତୁ ତାହାର ସଠିକ୍ ରକ୍ଷଣାବେକ୍ଷଣ କରିବାରେ ଫେଲ୍ ମାରୁଛି ବିଏମ୍ ?ସି । ଏନେଇ ସ୍ଥାନୀୟ କର୍ପୋରେଟର ଡି. କରୁଣାକର କହିଛନ୍ତି, ଏହି ଶୌଚାଳୟ ଉଦ୍ ?ଘାଟନ ଦିନଠୁ ତାଲା ଝୁଲୁଛି। ଲୋକଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଉଥିବା ଏହି ଶୌଚାଳୟ ବନ୍ଦ ହୋଇ ରହିଛି। ୱାର୍ଡରେ ଗୋଟିଏ ବି ଶୌଚାଳୟ ନଥିବା ବେଳେ ବିଏମ୍ ?ସି ଏଥିପ୍ରତି ନଜର ଦେଉନଥିବା ସେ କହିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ଶୃତିକା ପାତ୍ର କହିଛନ୍ତି, ସହରରେ ଥିବା ସମସ୍ତ ଶୌଚାଳୟର ବର୍ତ୍ତମାନ ସ୍ଥିତିକୁ ନେଇ ରିପୋର୍ଟ କରାଯିବ। ଏହାପରେ କେଉଁ ଶୌଚାଳୟ ମରାମତି ଯୋଗ୍ୟ ତାହା ଚିହ୍ନଟ କରାଯିବ। ଏହି ଶୌଚାଳୟ ମଧ୍ୟ ଚିହ୍ନଟ କରାଯିବା ପରେ ମରାମତି କରାଯିବ।



## ଆହତ କୃଷ୍ଣସାର ମୃଗ ଉଦ୍ଧାର

ବୁଗୁଡ଼ା, (ପିପିଏସ) : ବୁଗୁଡ଼ା ବାଲିପଦର ମୁଖ୍ୟ ସଡ଼କ ବାଙ୍କେଶ୍ୱରୀ ମନ୍ଦିର ନିକଟରେ ବାଇକ୍ ଧକ୍କାରେ ଏକ ଗର୍ଭବତୀ କୃଷ୍ଣସାର ମୃଗ ଆହତ ହୋଇଥିବା ଜଣାଯାଇଛି । ରବିବାର ଦିନ ପ୍ରାୟ ୨ ଘଣ୍ଟ ସମୟରେ ମୃଗଟି ରାସ୍ତା ପାର ହେଲାବେଳକୁ ହଠାତ୍ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇ ରାସ୍ତା କଡ ବିଲରେ ଫୋପାଡ଼ି ହୋଇ ପଡ଼ିଥିଲା। ଦୁର୍ଘଟଣାରେ ମାଈ କୃଷ୍ଣସାର ମୃଗଟିର ପଛପଟ ଡାହାଣ ଗୋଡ଼ଟି ଭାଙ୍ଗି ଯାଇଥିବାରୁ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲା । ଏ ସମୟରେ ସେହି ରାସ୍ତାରେ ଯାଉଥିବା କିଛି ଯୁବକ ସେହି ଆହତ ମୃଗଟିକୁ ଦେଖିବା ପରେ ତାକୁ କୁକୁର ପଲ କବଳରୁ ସୁରକ୍ଷା ଦେଇଥିଲେ । ଏ ନେଇ ବନ ବିଭାଗ ପାଖରେ ଖବର ପହଞ୍ଚିବା ପରେ ବାଲିପଦର ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବନରକ୍ଷି ଶରତ ବେହେରା ଓ କୃଷ୍ଣସାର ମୃଗ ସୁରକ୍ଷା ଦଳ ଆଦି ବନ କର୍ମଚାରୀମାନେ ସେଠାରେ ପହଞ୍ଚି ଆହତ ମୃଗଟିକୁ ଉଦ୍ଧାର କରି ବୁଗୁଡ଼ା ପ୍ରାଣୀଧନ ଚିକିତ୍ସାଳୟକୁ ଆଣିଥିଲେ ।

# ୧୨ ନଂ ୱାର୍ଡରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର



କଟକ, (ପିପିଏସ) : କଟକ ମହାନଗର ନିଗମ(ସିଏମସି) ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା। କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଡଗରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯, ୧୦, ୧୧, ୧୨ ୱାର୍ଡ ସମେତ ୧୦ଟି ବସ୍ତିବାସିନ୍ଦା ସଂଘ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ସିଏମସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଅଗ୍ନି ନିରାପତ୍ତା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ । ୧୨ ନଂ ୱାର୍ଡ କର୍ପୋରେଟର ଗୀତାଞ୍ଜଳି ସିଂହ ସ୍ୱାଗତ ଭାଷଣ ଦେବା ସହ ରୋଷେଇ ବେଳେ କିପରି ସାବଧାନତାର ସହ ଗ୍ୟାସ୍ ବ୍ୟବହାର କରାଯାଇପାରିବ ସେ ସଂପର୍କରେ ବୁଝାଇଥିଲେ । ୧୧ ନଂ ୱାର୍ଡ କର୍ପୋରେଟର ଆରତୀ ସାହୁ କିପରି ଅଗ୍ନିକାଣ୍ଡ ନ ଘଟିବ ଏବଂ ମହିଳାମାନେ ଯେପରି ସୁରକ୍ଷିତ ରହିବେ ସେ ସଂପର୍କରେ ସଚେତନ କରାଇଥିଲେ । ୧୦ ନଂ ୱାର୍ଡ କର୍ପୋରେଟର ମୋନାଲିସା ଦାସ ଏହି ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ଦିଆଯାଉଥିବା ତାଲିମକୁ ଠିକ୍ ରୂପେ ବୁଝିବା ଓ ସଠିକ ଭାବେ କାର୍ଯ୍ୟକାରୀ କରିବା ଲାଗି ପରାମର୍ଶ ଦେଇଥିଲେ । ଅଗ୍ନିଶମ ବିଭାଗର ସରୋଜକାନ୍ତ ସାହୁ ଓ ତାଙ୍କର ସହ ଯୋଗୀ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରି ଘରୋଇ ଗ୍ୟାସ ଓ ବିଦ୍ୟୁତ ଦ୍ୱାରା କିଭଳି ଅଗ୍ନିକାଣ୍ଡ ହୁଏ ତାହାର ନିରାକରଣ ଉପରେ ଆଲୋକପାତ କରିବା ସହ ଗ୍ୟାସ ଟାଙ୍କିରୁ କିପରି ଗ୍ୟାସ ଆସେ ଓ କିପରି ଅଗ୍ନିକାଣ୍ଡ ଘଟେ ସେ ସଂପର୍କରେ ବସ୍ତିବାସିନ୍ଦାମାନଙ୍କୁ ବୁଝାଇଥିଲେ ।

# ସିଏମସି କମିଶନରଙ୍କ ସିଟି ହସ୍ପିଟାଲ ଓ ଚାଉଳିଆଗଂଜ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିତି ଅନୁଧ୍ୟାନ

କଟକ, (ପିପିଏସ) : ରାଜ୍ୟର ସବୁ ଜିଲ୍ଲାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଚିକିତ୍ସାଳୟଗୁଡିକୁ ୫-ଟି ଜରିଆରେ ଆମ ହସ୍ପିଟାଲ ଯୋଜନାରେ ସାମିଲ କରି ସରକାର ରୂପାନ୍ତରଣ କରିବାକୁ ଏଥିମଧ୍ୟରେ ନିଷ୍ପତି ଗ୍ରହଣ କରିଛନ୍ତି । କଟକ ସହରର ଦୁଇଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆପାତତଃ ଏଥିପାଇଁ ଚିହ୍ନଟ କରାଯାଇଛି। ପ୍ରଥମଟି କଟକ ସହରର ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ଓ ଦ୍ୱିତୀୟଟି ଚାଉଳିଆଗଂଜସ୍ଥିତ ସହରାଂଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସକାଶେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ଣରେ କଟକ ମହାନଗର ନିଗମ(ସିଏମସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ସିଟି ହସ୍ପିଟାଲ ଓ ଚାଉଳିଆଗଂଜ ସ୍ଥିତ ସହରାଂଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ବେଳେ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ଓ ଚିକିତ୍ସା ସୁବିଧା ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ଆବଶ୍ୟକତା ସଂପର୍କରେ ଅନୁଧ୍ୟାନ କରିଥିଲେ । ଯେପରି ସହରାଂଚଳରେ ବସବାସ କରୁଥିବା ଅଧିକରୁ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ସହଜରେ ଉପଲବ୍ଧ କରାଯାଇପାରିବ ତାହା ସମାଧାନ କରିବା 'ଆମ ହସ୍ପିଟାଲ' ଯୋଜନାର ଉଦ୍ଦେଶ୍ୟ ବୋଲି ଶ୍ରୀ କଲ୍ୟାଣ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଉନ୍ନତିକରଣ ସଂପର୍କରେ ଏକ ଅନୁଶୀଳନ କରାଯାଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ ଏବଂ ତାହା ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି । ସରକାରଙ୍କ ସ୍ୱୀକୃତି ଓ ମଂଜୁରି ପାଇବା ପରେ ଉଭୟ ହସ୍ପିଟାଲର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲ ସେ ସ୍ପଷ୍ଟ କରିଛନ୍ତି । ପ୍ରକାଶ ଥାଉକି, କଟକ ଜିଲ୍ଲାର ୯ଟି ହସ୍ପିଟାଲକୁ 'ଆମ ହସ୍ପିଟାଲ' ଯୋଜନାରେ ସାମିଲ କରିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିଲା ବେଳେ ଗତକାଲି ଏହି ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା । ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ତେବେ ସହରାଂଚଳ ପାଇଁ ଦୁଇଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ଯୋଜନାରେ ସାମିଲ କରିବାକୁ ନିଷ୍ପତି ଗ୍ରହଣ କରାଯିବା ପରେ ସିଏମସି କମିଶନର ଶ୍ରୀ କଲ୍ୟାଣଙ୍କୁ ସ୍ୱତନ୍ତ ଭାବେ ଏହି ଦୁଇଟି ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତିକରଣ ଦାୟିତ୍ୱ ଦିଆଯାଇଛି । ଆଜିର ଏହି ପରିଦର୍ଶନ ବେଳେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ପୋଲିସର ଚଢଉ

# ବିପୁଳ ପରିମାଣର ମଦ ଜବତ,୩ ଗିରଫ



ପାରଳାଖେମୁଣ୍ଡି,(ପିପିଏସ୍): ରାୟଗଡ଼ ଥାନା ଅଧୀନ ଲାଞ୍ଜିପଦର ଛକରେ ଥିବା ମଦ ଦୋକାନ ମାଲିକଙ୍କ ଘରୁ ବିପୁଳ ପରିମାଣର ମଦ ଜବତ କରାଯାଇଛି । ଗଜପତି ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଏହି ଚଢାଉ ହୋଇଛି । ଲାଇସେନ୍ସପ୍ରାପ୍ତ ସରକାରୀ ବିଦେଶୀ ମଦ ଦୋକାନ ମାଲିକ ପ୍ରଫୁଲ୍ଲ ସେନାପତିଙ୍କ ବାସଭବନ ନିକଟରେ ଥିବା ତାଙ୍କ ଅନ୍ୟ ଏକ ଘରୁ ୩୭୦ ଲିଟର ମଦ ଜବତ ହୋଇଥିବା ରାୟଗଡ଼ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଜବତ ମଦର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ରାୟଗଡ଼ ଥାନାରେ କେସ ନଂ ୨୭/୨୩ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି । ଦୋକାନ ମାଲିକ ଏବଂ ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଛନ୍ତି । ଅତିଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ସେହିପରି ଲାଞ୍ଜିପଦର ଛକର ଆଦେଶ କୁମାର ଚୌଧୁରୀଠାରୁ ୧୬ ଲିଟର, ପ୍ରଦୀପ ସେନାପତିଠାରୁ ୪୦ ଲିଟର, ନାରାୟଣପୁର ଗ୍ରାମର ପାସୁରେଡି କ୍ରିଷ୍ଣା ରାଓ ପାଖରୁ ୧୨ ଲିଟର, ତ୍ରିପତି ସାହୁକାର ପାଖରୁ ୨୮ ଲିଟର ମଦ ଜବତ କରାଯାଇଥିବା ସମ୍ପର୍କରେ ରାୟଗଡ଼ ଥାନାଧିକାରୀ କହିଛନ୍ତି । ସେମାନଙ୍କ ନାମରେ ୪ଟି ମାମଲା ରୁଜୁ ହୋଇଛି । ପ୍ରଦୀପ ପାସୁରେଡି ଓ ତ୍ରିପତିଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ କହିଛନ୍ତି ।

## ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୪.୫ ଡ଼ିଗ୍ରୀ

ବୌଦ୍ଧ(ହି.ସ.): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୪.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀ ଏବଂ ରାଉରକେଲାରେ ୧୭.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି ।

ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୩.୧ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୨.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । କଟକରେ ସର୍ବୋଚ୍ଚ ତାପମାତ୍ରା ୩୧ .୦ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଗୁଣୁପୁର ସଦର ହସ୍ପିଟାଲରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଶୋଭାଯାତ୍ରା

# ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ରାୟଗଡା/ଗୁଣୁପୁର(ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ହସ୍ପିଟାଲରେ ଡାକ୍ତର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗୁଣୁପୁର ବିକାଶ ମଞ୍ଚ ପକ୍ଷରୁ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ସଦର ହସ୍ପିଟାଲର ମାନ୍ୟତା ପାଇବାର ଦୀର୍ଘ ୨୫ ବର୍ଷ ପରେ ମଧ୍ୟ ଆଜିଯାଏ କେବେ ସମସ୍ତ ଡାକ୍ତର ପଦବୀ ପୂରଣ ହୋଇନାହିଁ । ୧୯ଜଣ ଡାକ୍ତର ରହିବା ବଦଳରେ ଅଛନ୍ତି ୩ ଜଣ ଡାକ୍ତର । ଯାହା ଫଳରେ ଉପଖଣ୍ଡର ୬୦୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ସ୍ୱାସ୍ଥ୍ୟ ସମସ୍ୟାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବାବଦରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଧାୟକ ସାଂସଦ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ବାର ବାର ଜଣାଇବା ପରେ ମଧ୍ୟ ଉପଖଣ୍ଡ ହସ୍ପିଟାଲ ରେ ୧୯ ବଦଳରେ ଆଜିଯାଏଁ ୩ ଡାକ୍ତର ରେ ସନ୍ତୁଷ୍ଟ ଅଛନ୍ତି ଗୁଣୁପୁର ସହର ବାସୀ । ଫଳରେ ଲୋକେ ସ୍ୱାସ୍ଥ୍ୟ ସୁବିଧା ପାଇଁ ବ୍ରହ୍ମପୁର, କଟକ, ବିଶାଖାପାଟଣାକୁ ଯିବାକୁ ପଡୁଛି । ଗତ ଦିନରେ ଗୁଣୁପୁର ପ୍ରେସ ୟୁନିଅନ ତରଫରୁ ଅନୁରୂପ ଦାବି ପତ୍ର ରାୟଗଡା ଜିଲ୍ଲାପାଳ ସାଧା ଦେବ ସିଂଙ୍କୁ ଜଣାଇବାରୁ ଜିଲ୍ଲାପାଳ ସିଂ ମୋ ହାତରେ କିଛି ନାହିଁ ମୁଁ ଏ ବିଷୟରେ ରାଜ୍ୟ ସରକାର ଙ୍କୁ ଜଣାଇବି ବୋଲି ହାତ ଝାଡ଼ି ଦେଇ ଥିଲେ । ଯଦି ଜିଲ୍ଲାପ୍ରଶାସନିକ ଅଧିକାରୀଙ୍କ ଠାରୁ ଏବଂ ନିର୍ବାଚିତ ପ୍ରତିନିଧି ଙ୍କ ଠାରୁ ଏଭଳି ଉତ୍ତର ମିଳେ ତେବେ ଲୋକଙ୍କ ସମସ୍ୟାର ଅନ୍ତ କେବେ ହୋଇପାରିବ ବୋଲି ପ୍ରଶ୍ନ ଉଠିଛି । ଜିଲ୍ଲାର ଲୋକେ ମୌଳିକ ସୁବିଧା ସୁଯୋଗ ଯଦି ପାଇ ପାରୁନାହାନ୍ତି ତେବେ ଜିଲ୍ଲାପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି କାହା ପାଇଁ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି । ତେବେ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଗୁଣୁପୁର ସହରବାସୀ ଏବଂ ଗୁଣୁପୁର ଉପଖଣ୍ଡ ବିକାଶ ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ୫ ଟି ସଚିବ ଭିକେ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣୁପୁର ଉପଜିଲ୍ଲାପାଳ ଙ୍କ ଅନୁପସ୍ଥିତି ରେ ସହକାରୀ ଜିଲ୍ଲାପାଳ ସୁଜାତା ପାଢ଼ୀଙ୍କୁ ବରିଷ୍ଠ ଓକିଲ ଉମା ପଟ୍ଟନାୟକ, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବିଜେପି ଜିଲ୍ଲା ଉପ ସଭାପତି ୱାଇ ଗଣପତି, ଆଇନଜୀବି ରମେଶ ଲିମା, ସତ୍ୟ ସୁନ୍ଦର କର, ପ୍ରମୋଦ କୁମାର ସାହୁ , ବିଜୟ ଗମାଙ୍ଗ ଇନ୍ଦ୍ରାକ୍ଷୀ ଦାସ, ଅମର ସାହୁ ତଥା ସ୍ଥାନୀୟ ବୁଦ୍ଧିଜିବୀ ଓ ଜନତା ପ୍ରମୁଖ ପ୍ରଦାନ କରିଛନ୍ତି । ଯଦି ରାଜ୍ୟ ସରକାର ଦାବି ନ ମାନନ୍ତି ତେବେ ଆଗକୁ ଯେଉଁ ପରିସ୍ଥିତି ହେବ ସେଥି ପାଇଁ ରାଜ୍ୟ ସରକାର ହିଁ ଦାୟୀ ରହିବେ ବୋଲି ଜଣାଇଛନ୍ତି ।

# ଗ୍ରାମଦେବତା ମନ୍ଦିର ପ୍ରତିଷ୍ଠା ଦିବସର ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି,(ପିପିଏସ୍): ଗୋଷାଣି ବ୍ଲକ ସରଦାପୁର ଗ୍ରାମ ପଞ୍ଚାୟତର ସରଦାପୁର ଗ୍ରାମରେ ଗ୍ରାମଦେବତା ମନ୍ଦିର ପ୍ରତିଷ୍ଠା ଦିବସର ବାର୍ଷିକ ଉତ୍ସବ ପାଳନ ଅବସରରେ ବରିଷ୍ଠ ନେତା ତଥା ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବିଜେଡ଼ି ଯୁବନେତା ଇଂ.ରୂପେଶ ପାଣିଗ୍ରାହୀ, ଆରଏମସିଏସ ଅଧ୍ୟକ୍ଷ ଏସ.ଗଜପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ,ଜିଲ୍ଲା ପରିଷଦ ସଦସ୍ୟ ଏସ.ବାଳରାଜୁ, ବିଜେଡ଼ି ରାଜ୍ୟ ସମ୍ପାଦକ ଶ୍ରୀ ମରୁତ ପାଲ,ଯୁବନେତା ଜି. ବିଜୟ କୁମାର, ସ୍ଥାନୀୟ ସରପଞ୍ଚ ଓ ସମିତି, ସମସ୍ତ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବି

ମାଲକାନଗିରି, (ହି. ସ.)- ମାଲକାନଗିରି ଜିଲ୍ଲା ସଦରମହକୁମା ଠାରେ ଆଜି ଯୁବ ଗ୍ରାମସଭା ସଂସଦ ପକ୍ଷରୁ ବିଭିନ୍ନ ଦାବି ନେଇ ସହରରେ ଏକ ବିଶାଳ ପଦଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଦାବିପତ୍ର ପ୍ରଦାନ କରିଛନ୍ତି । ଦିର୍ଘ ସମୟ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିଥିଲେ । ଜିଲ୍ଲା ଭିତିକ ନିଯୁକ୍ତି ନିମନ୍ତେ ଦାବିପତ୍ରଟି ପ୍ରଦାନ କରିଛନ୍ତି । ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ଯୁବକ ଯୁବତୀ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ଚାକିରି ଖଣ୍ଡେ ନ ମିଳିବାରୁ ନିଜର ପାଠ୍ୟକ୍ରମ ଛାଡ଼ି ପଡ଼ୋଶୀ ରାଜ୍ୟରେ ଦାଦନ ଖଟିବାକୁ ଯାଉଛନ୍ତି । ଅନ୍ୟପଟେ ଦେଖିବାକୁ ଗଲେ କିଛି ନୂତନ ପଦ ପଦବୀ ବାହାରିଥିଲେ ମଧ୍ୟ, ଅଧିକାଂଶ ବାହାର ଜିଲ୍ଲାରୁ ଆସି ନିଯୁକ୍ତ ହୁଅନ୍ତି, ଯାହାଦ୍ୱାରା ଜିଲ୍ଲାରେ ଶିକ୍ଷିତ ବେକାର ଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯଦି ଆଗାମୀ ଦିନରେ ଦାବି ପୂରଣ ନହେଲେ ଏ ଆନ୍ଦୋଳନ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ବ୍ଲକ ସଦର ମହକୁମାରେ ମଧ୍ୟ ଜାରି ରହିବ ବୋଲି କହିଛନ୍ତିସଭାପତି ସନୁ ଅନୁଗୁମ ।

# ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର




ପାରଳାଖେମୁଣ୍ଡି,(ପିପିଏସ୍): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଓ ମାନ୍ୟବର ଜିଲ୍ଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ କାଶୀନଗରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ ସେବା ପ୍ରାଧିକରଣର ସଚିବ ରବିନାରାୟଣ ବେହେରା ଯୋଗ ଦେଇ ସ୍ଥାୟୀ ଲୋକ ଅଦାଲତ କ'ଣ ଏବଂ କାର୍ଯ୍ୟ ବିଷୟରେ ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନତା କରାଇଥିଲେ । କନକଲତା ପୂଜାରୀ ଯୋଗଦେଇ ମହିଳା ଓ ଶିଶୁମାନଙ୍କ ପାଇଁ ରହିଥିବା ସରକାରୀ ଯୋଜନା ବିଷୟରେ ସଚେତନତା କରାଇଥିଲେ । କାର୍ଯ୍ୟକ୍ରମ ଶେଷରେ କିଛି ଲୋକଙ୍କ ରହିଥିବା ଆଇନଗତ ସମସ୍ୟାର ସମାଧାନ କିପରି ହୋଇ ପାରିବ ଏବଂ ଏହି ବିଷୟରେ ପ୍ରାଧିକରଣର ଭୂମିକା କ'ଣ ଉକ୍ତ ଲୋକଙ୍କୁ ସଚେତନତା କରାଇଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମଚାରୀ ମାନେ ପରିଚାଳନା କରିଥିଲେ ।

## ମାଲକାନଗିରି ଜିଲ୍ଲା ପଡ଼ିଆରେ ସର୍ବାଧିକ ୬.୨ ମି.ମି. ବର୍ଷା ରେକର୍ଡ

ମାଲକାନଗିରି(ହି.ସ.)- ରାଜ୍ୟରେ ପଶ୍ଚିମା-ଝଡ଼ର ପ୍ରଭାବ ଜାରି ରହିଛି । ପଶ୍ଚିମା-ଝଡ଼ ପ୍ରଭାବରେ ଗତ ୨୪ ଘଂଟା ମଧ୍ୟରେ ମାଲକାନଗିରି ଜିଲ୍ଲାର ପଡ଼ିଆରେ ସର୍ବାଧିକ ୬.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି କେନ୍ଦୁଝର ଜିଲ୍ଲାର କେନ୍ଦୁଝରଗଡ଼ରେ ୧.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ୧.୦ ମି.ମି., କୋରାପୁଟ ଜିଲ୍ଲାର ବୋରିଗୁମ୍ମାରେ ୧.୦ ମି.ମି. ଏବଂ ଭଦ୍ରକର ଚାନ୍ଦବାଲିରେ ୦.୫ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଗୋଟିଏ ଦିନରେ ମୁରିବହାଲ ଅଞ୍ଚଳରୁ ଦୁଇ ଯୁବତୀ ନିଖୋଜ

କଣ୍ଟାବାଞ୍ଜି (ପିପିଏସ୍): ବଲାଙ୍ଗୀର ଜ଼ିଲ୍ଲା ମୁରିବହାଲ ଅଞ୍ଚଳରୁ ଗୋଟିଏ ଦିନରେ ଦୁଇ ଜଣ ଯୁବତୀଙ୍କ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ମୁରିବହାଲ ବ୍ଲକ ଗୁଡିଘାଟ ପଞ୍ଚାୟତର ବାଲିଖମାର ଗ୍ରାମର ବିମଳ ଦୀପଙ୍କ ଝିଅ ଯମୁନା ଦୀପ (୨୦) ଗତ ୧୪ ତାରିଖଠାରୁ କୁଆଡେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି ।

ଅନ୍ୟଟି ଜଣେ ଯୁବତୀ ଛତିଶଗଡ ରାଜ୍ୟର ଖରବୁଜା ଜ଼ିଲ୍ଲାର ଅମ୍ବିକାପୁର ନିବାସୀ ମହାଦେବ ସାହୁଙ୍କ ଝିଅ କାଜଲ ସାହୁ (୧୯) ମଧ୍ୟ ଗତ ୧୪ ତାରିଖରେ ମୁରିବାହାଲ ଅନ୍ତର୍ଗତ ଲେବଡ଼ା ଗ୍ରାମରେ ବିବାହ ଉତ୍ସବରେ ଆସିଥିଲେ । ବିବାହ କାର୍ଯ୍ୟକ୍ରମରେ ଆସି ନିଖୋଜ ହୋଇଥିବା ନେଇ ଉଭୟଙ୍କର ବାପା ମୁରିବହାଲ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ନିଖୋଜ ମାମଲା ୨୨/୨୦୨୩, ୨୪/୨୦୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ଥାନାଧିକାରୀ କମଳ ଲୋଚନ ବେହେରା ।

## ଗଜପତି ଜିଲ୍ଲା ବିଜୁ ଜନତା ଦଳର ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ବିଜୁ ଜନତା ଦଳର ନୂତନ ଜିଲ୍ଲା ସଭାପତି ଜଗବନ୍ଧୁ ଦାସଙ୍କୁ ପାରଳାଖେମୁଣ୍ଡି ପୌରପାଳିକାର ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ତତ୍ତ୍ୱାବଧାନରେ ସଭାପତି ଶ୍ରୀ ଦାସଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଉକ୍ତ ଉତ୍ସବରେ ଉପାଧ୍ୟକ୍ଷ ଏବଂ ନଗର ସଭାପତି ଓ କାଉନସିଲର ମାନେ ଉପସ୍ଥିତ ହୋଇଥିଲେ । ସଭାପତି ଶ୍ରୀ ଦାସ ସମସ୍ତଙ୍କୁ ଆଦର୍ଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଧାରା ଏବଂ ଯୋଜନାଗୁଡିକୁ ଠିକ୍ ସେ ଗରିବ, ଖଟିଖିଆ, ମଜୁରିଆ ଏବଂ ମଧ୍ୟବିତ୍ତଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚାଇବା ଆମର ମୂଳ ଲକ୍ଷ୍ୟ । ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ସଭା ଶେଷ ହୋଇଥିଲା ।

# ଉନ୍ନୟନମୂଳକ କାର୍ଯ୍ୟକ୍ରମ ଶୀଘ୍ର ସାରିବାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା(ହିସ)- ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଝାରସୁଗୁଡ଼ା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହ ଏହି ସବୁ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବାହ୍ନରେ ରାଜସ୍ୱ ଆୟୁକ୍ତ ଡ଼. ଦଳାଇ ଦୁର୍ଲଗାସ୍ଥିତ ମିଶନଶକ୍ତି ଗୃହ ଓ ଅଙ୍ଗନବାଡ଼ି କେନ୍ଦ୍ରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ , ଟାଙ୍ଗରପାଲି ଠାରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ, ତାଳମାଳ ଉପର କଟା ନବୀକରଣ, ଚାରିଥାକିଆ ରାସ୍ତା ନିର୍ମାଣ ଓ ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିକଳ୍ପ ରାସ୍ତା ଆଦି ବୁଲି ଦେଖିଥିଲେ । ସେହିପରି ବି ଟି ଏମ୍ ଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ୪୪ଟି ଭେଣ୍ଡିଂ ଜୋନ ଓ ବମ୍ବେ ଛକଠାରେ ସ୍ମାର୍ଟ ପାର୍କ କାର୍ଯ୍ୟ ବୁଲି ଦେଖିଛନ୍ତି । ଅପରାହ୍ନରେ ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ଯଥା ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ବି ଟି ଏମ୍ ଠାରେ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ଭେଣ୍ଡିଂ ଜୋନ କାର୍ଯ୍ୟ ପ୍ରଶଂସା କରିଥିଲେ । ରାଜସ୍ୱ ଆୟୁକ୍ତଙ୍କ ପରିଦର୍ଶନ ସମୟରେ ଜିଲ୍ଲାପାଳ ସରୋଜ କୁମାର ସାମଲ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ବି ଡି ଓ ପୂର୍ଣ୍ଣଚନ୍ଦ୍ର ଭୋଇ , ପୌରପାଳିକା ନିର୍ବାହୀ ଅଧିକାରୀ ଏମ୍ ଇ ମନୋଜ ପାତ୍ର ଓ ଡି ଏମ୍ ଏଫ୍ ର ରୁଦ୍ରାକ୍ଷ ଶେଖର ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଟଣାଗଡ ଲାୟନ୍ସ କ୍ଲବ ତରଫରୁ ୩୨୨ସି୨ର ଭିଡିଜି ସମ୍ବର୍ଦ୍ଧିତ




ପାଟଣାଗଡ(ପିପିଏସ୍): ପାଟଣାଗଡ ଲାୟନ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ଗୋକୁଲ ରେଷ୍ଟୁରା□ରେ ଲାୟନ୍ସ କ୍ଲବ ସଭାପତି ଲାୟନ୍ସ କେଶବ ଛାପଡିଆଙ୍କ ସଭାପତିତ୍ୱରେ ଏକ ସଭାରେ ନୂତନ କରି ନିର୍ବାଚିତ ହୋଇଥିବା ଲାୟନ୍ସ ୩୨୨ ସି୨ର ଭିଡିଜି ଏମ୍‌ଜେଏଫ୍ ପ୍ରଦୀପ କୁମାର ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ କ୍ଲବର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ପ୍ରଦୀପ କୁମାର ଅଗ୍ରୱାଲକୁ ସାଗତ କରିଥିଲେ । କ୍ଲବର ବରିଷ୍ଠ ସଭ୍ୟ ଲାୟନ୍ସ ତୁଷାରକାନ୍ତ ମିତ୍ର ପ୍ରଥମନେ ଉପଢୋକନ ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ଅନ୍ୟତମ ସଭ୍ୟ ଲାୟନ୍ସ ଶରତ ମହେର ଫୁଲତୋଡା ଦେଇଥିଲେ । ଏହି ଅବସରରେ ପାଟଣାଗଡ କ୍ଲବର ଲାୟନ୍ସ ଦର୍ପଗନ ପଟ୍ଟନାଏକ, ଲାୟନ୍ସ ସଦାଶିବ ସରାଫ,ଲାୟନ୍ସ ଶ୍ରୀକାନ୍ତ ପାତ୍ର,ଲାୟନ୍ସ ବିରେନ୍ଦ୍ର ପାତ୍ର,ଲାୟନ୍ସ ଭକ୍ତରାମ ବାଗ,ଲାୟନ୍ସ ଶରତ ମେହେର,ଲାୟନ୍ସ ସାରସ ଜୈନ,ଲାୟନ୍ସ ମହାଦେବ ମେହେର ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଯୋଗଦେଇଥିଲେ ।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର , (ହି.ସ.) : ଚୋରି ମାମଲାରେ ଜଣେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ କାଳିଆ ଗାଁର ଅର୍ଜୁନ ହରିଜନ (୩୪) । ପୋଲିସ ସୁଚନା ଅନୁଯାଇ ପୁଜାରିପୁଟ ଓ ଦଳେଇପୁଟର ଚାଷ ଜମିରୁ ଗୋଟିଏ ୧୦ ଏଚପି ମୋଟର ଓ ୭ଟି ୫ଏଚପି ମୋଟର ଚୋରି ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭି ଯୋଗ ଆନୁସାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଗତ ଦିନରେ ୩ଜଣ କୁ ଗିରଫ କରିଥିଲା । ଆଜି କାଳିଗାଁର ଅଭିଯୁକ୍ତ ଅର୍ଜୁନ ହରିଜନ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# କାଉନ୍‌ସିଲରଙ୍କ ସ୍ୱାମୀଙ୍କ ବିୟୋଗରେ ଶୋକ



ପାରଳାଖେମୁଣ୍ଡି,(ପିପିଏସ୍): ପାରଳାଖେମୁଣ୍ଡି ପୌରପରିଷଦର ୱାର୍ଡନମ୍ବର -୦୧ କାଉନ୍ସିଲର ପି. ଆମୁଲୁଆମ୍ମାଙ୍କ ସ୍ୱାମୀର ବିୟୋଗ ଖବର ପାଇ ବରିଷ୍ଠ ନେତା ତଥା ହାଇଟେକ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗବରା ତିରୁପତି ରାଓ,ଗଜପତି ବିଜେଡ଼ି ଜିଲ୍ଲା ସଭାପତି ଜଗବନ୍ଧୁ ଦାସ,କାଶିନଗର ଏନଏସି ଅଧ୍ୟକ୍ଷା ଏମ.ସୁଧାରଣୀ,ଏସଡ଼ିସି ଅଧ୍ୟକ୍ଷା ମରିୟମ ରଇତ,ଜିଲ୍ଲାପରିଷଦ ସଦସ୍ୟ ଏସ.ବାଳରାଜୁ, ବିଜେଡ଼ି ରାଜ୍ୟ ସମ୍ପାଦକ ମରୁତ ପାଲ,ଜିଲ୍ଲା ଉପସଭାପତି ଜେମସ ରାଇକା, ଓ ଜିଲ୍ଲା ବିଜେଡ଼ି ସମ୍ପାଦକ ଭରତଭୂଷଣ ମହାନ୍ତି ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

## ୧୪ତମ ଆଦିବାସୀ କାର୍ଯ୍ୟକ୍ରମ ପାଇଁ କନ୍ଧମାଳରୁ ୨୦ ଭାଇଭଉଣୀଙ୍କ ମଧ୍ୟପ୍ରଦେଶ ଯାତ୍ରା

କନ୍ଧମାଳ, (ହି.ସ.): ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ୧୪ତମ ଆଦିବାସୀ ଭାବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ଇନ୍ଦୋର (ମଧ୍ୟ ପ୍ରଦେଶ) ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଅବସରରେ ବାଲିଗୁଡା ଟାଉନ ହଲ୍ ସଭାଗୃହ ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏଥିରେ ମୁଖ୍ୟଅତିଥି ଭାବରେ ଉପ ଜିଲ୍ଲାପାଳ ବାଲିଗୁଡାର ମଧୁମିତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ୧୨୭ ସିଆରପିଏଫ ବାଲିଗୁଡାର କମାଣ୍ଡେଂଟ ଆନନ୍ଦ ଝା, ମାଉଳି ମୋହନ କୁମାର, ଅଜିତ ବାବୁ ସି, ବିପିନ କୁର୍ମା, କୁମାର୍ ରାଘଭେନ୍ଦ୍ର, ଡ. ରାହୁଲ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲା ଯୁବ ଅଧିକାରୀ ନଭନିତ କୁମାର, ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ତୁମୁଡିବନ୍ଧ ବ୍ଲକର ମୁଣ୍ଡିଗଡ ପଂଚାୟତର ସେଶ୍ରା ଗାଁ ଓ ଚଙ୍ଗା ପଦରର ୨୦ ଜଣ ଭାଇ ଓ ଭଉଣୀ ମାନେ କାର୍ଯକ୍ରମ ପାଇଁ ଇନ୍ଦୋର ଯାତ୍ରା କରିଛନ୍ତି । ତାଙ୍କ ସହ ଏସକର୍ଟ ଭାବରେ ସିଆରପିଏଫ ବାଲିଗୁଡ଼ାର ଲିଲି ଭୋଇ ଓ ସମିରନ୍ ପାଠକ ଯାଉଛନ୍ତି । ଏହି କାର୍ଯ୍ୟକ୍ରମଟି ୨୦ ମାର୍ଚ୍ଚରୁ ୨୬ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବୈଠକରେ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବାଲିଗୁଡ଼ା ସିଆରପିଫର କମାଣ୍ଡେଂଟ ମଉଳି ମୋହନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଝରାପାଲି ପ୍ରାଥମିକ ବିଦ୍ୟାଳୟରେ ଏଫ୍‌ଏଲ୍‌ଏନ୍ କର୍ମଶାଳା

ସମ୍ବଲପୁର (ହି.ସ) : ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ମହାନଗର ନିଗମ ଚାରପୁର ଅନ୍ତର୍ଗତ ଝରାପାଲି ପ୍ରାଥମିକ ବିଦ୍ୟାଳୟରେ ଏକ ଦୁଇଦିନିଆ ଏଫ୍‌ଏଲଏନ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆମ ସଂସ୍କୃତି ଓ ଆମ ଖେଳନା ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଆଖପାଖ ଗ୍ରାମର ଅନେକ ମହିଳା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ହାତ ତିଆରି ପାଠ୍ୟଉପକରଣ କିପରି ତିଆରି ଓ ବ୍ୟବହାର କରିହେବ ତଥା ବିନା ମୂଲ୍ୟ ତଥା ଅଦରକାରୀ ଜିନିଷ ବ୍ୟବହାର କରି କିପରି ସୁନ୍ଦର ସୁନ୍ଦର ଶିକ୍ଷଣ ସାମଗ୍ରୀ ତିଆରି କରିହେବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ରାଧେଶ୍ୟାମ ରଣା ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଚୌରପୁର କ୍ଲଷ୍ଟରର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ କୁମାର ପଟ୍ଟନାୟକ, ଡାନିଏଲ ବାରିକ,ସୁଧାଂଶୁ ସାହୁ,ସୁମିତା ସାହୁ,ନିର୍ମଳ ପ୍ରଧାନ,ରାଜକୁମର ଓରାମ, ବସନ୍ତ ପ୍ରଧାନ ,ଚତୁର୍ଭୁଜ ଭୁଏ,ସୁଶାନ୍ତ ଭୋଇ ସମସ୍ତେ ଭାଗ ନେଇଥିଲେ । ଝରାପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ସିଂ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ମେଳାରେ ଗ୍ରାମବାସୀ ମାନେ ସକ୍ରିୟ ଅଂଶଗ୍ରହଣ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ସ୍କୁଲ ଛାତ୍ରଛାତ୍ରୀଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

ମୁଖୀଗୁଡା, (ହି.ସ): ଜୟପାଟଣା ବ୍ଲକ ଅନ୍ତର୍ଗତ ଧନସୁଲି ପଞ୍ଚାୟତର ସାନକରଲାକୋଟ ପ୍ରାଥମିକ ବିଦ୍ୟାଳୟର ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି । ଶନିବାର ସ୍କୁଲ ସକାଳ ପଡା ଥିବାରୁ ଛାତ୍ର ଛାତ୍ରୀମାନେ ସକାଳ ୬ଟା ରେ ଯାଇଥିଲେ । କିନ୍ତୁ ସ୍କୁଲରେ କୌଣସି ଶିକ୍ଷକ ନଥିଲେ । କିଛିସମୟ ପରେ ଗାଁର ବିଦ୍ୟା ନାମକ ବ୍ୟକ୍ତି ଆସି ସ୍କୁଲ ଖୋଲି ସ୍କୁଲର ୩୦ଜଣ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ ସ୍କୁଲରରୁ ତଡି ଦେଇଥିଲେ । ଏନେଇ ଛାତ୍ରଛାତ୍ରୀମାନେ ନିଜ ଅଭିଭାବକ ମାନଙ୍କୁ ଜଣାଇବା ପରେ ସ୍କୁଲରେ ଉତ୍ତେଜନା ଦେଖା ଯାଇଥିଲା ।ଏହି ସମୟରେ କୌଣସି କାମ ରେ ଜୟପାଟଣା ବିଡ଼ିଓ ସ୍କୁଲ ରାସ୍ତା ଦେଇ ଯାଉଥିଲେ ସେମାନେ ଏସମ୍ପର୍କରେ ବିଡ଼ିଓଙ୍କୁ ଜଣାଇଥିଲେ । ବିଡ଼ିଓ ସ୍କୁଲ କୁ ଯାଇଥିଲେ ଏବଂ ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ । ଆଜି ସକାଳ ସ୍କୁଲ ଥିବା ବେଳେ ସ୍କୁଲରର ୩ଶିକ୍ଷକ ମଧ୍ୟରୁ ୨ଜଣ ଟ୍ରେନିଂ ଯାଇଥିବା ବେଳେ ଦାଇତ୍ୱ ରେ ଥିବା ଶିକ୍ଷକ ୯ଟା ରେ ସ୍କୁଲକୁ ଯାଇଥିଲେ ।ଆଜି ବିଦ୍ୟାଳୟ ରେ ଘଟି ଥିବା ଘଟଣା ସମ୍ପର୍କରେ ଅଭିଯୋଗ କରାଯାଇଛି । ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡ଼ିଓ ଧରମା ପ୍ରଧାନ କହିଛନ୍ତି ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

**-ଡକ୍ଟର ହରେକୃଷ୍ଣ ମହତାବ**

(ଗାଁ ମଜଲିସ୍, ୪ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୨୦।୦୩।୨୦୨୩ ■ ସୋମବାର

# ଆମ ସହ ଆମେରିକା

ଆମେରିକାର ସିନେଟରେ ଆଗତ ଏକ ପ୍ରସ୍ତାବ ମୁତାବକ, ମ୍ୟାକମୋହନ ଲାଇନ ହିଁ ହେଉଛି ଚୀନ ଓ ଭାରତର ଅରୁଣାଚଳ ପ୍ରଦେଶ ମଧ୍ୟରେ ଆନ୍ତର୍ଜାତିକ ସୀମା। ଅର୍ଥାତ୍ ଆମେରିକା ସ୍ପଷ୍ଟଭାବେ ରେଖାଙ୍କିତ କରି କହିଛି ଅରୁଣାଚଳ ପ୍ରଦେଶ ହେଉଛି ଭାରତର ଅଭିନ୍ନ ଅଂଶବିଶେଷ । ଅବଶ୍ୟ ଏଥିରେ କିଛି ନୂଆ କଥା ନାହିଁ । ଭାରତ ସ୍ୱାଧୀନ ହେବା ଦିନଠାରୁ ଏହା କହିଆସିଛି । କିନ୍ତୁ ଆମେରିକା ପକ୍ଷରୁ ଏକଥା ଏପରି ଏକ ସମୟରେ କୁହାଯାଇଛି, ଯେବେ ଶକ୍ତି ପ୍ରଦର୍ଶନ ଆଧାରରେ ସୀମା ବିସ୍ତାର ଲାଗି ଚୀନର ଉଦ୍ୟମ ଦିନକୁଦିନ ବଢ଼ିଚାଲିଛି । ଆନ୍ତର୍ଜାତିକ ସ୍ତରରେ ଏହା କେବଳ ଦୃଷ୍ଟି ଆକର୍ଷିତ କରିନାହିଁ ବରଂ ତାହାର ଏପ୍ରକାର ପ୍ରବୃତ୍ତି ଉପରେ ପ୍ରଭାବୀ ଢଙ୍ଗରେ ରୋକ ଲଗାଇବା ପାଇଁ ପ୍ରୟାସ ମଧ୍ୟ ଲଗାତାର କରାଯାଉଛି । ଆମେରିକା ସିନେଟରେ ଆଗତ ଏହି ପ୍ରସ୍ତାବକୁ ମଧ୍ୟ ଏହି ପ୍ରୟାସ ସବୁର ଏକ ଅଂଶବିଶେଷ ଭାବେ ଦେଖାଯାଇପାରେ । ଉପରୋକ୍ତ ପ୍ରସ୍ତାବରେ ଉଲ୍ଲେଖ ଅଛି ଯେ ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତର ଅଂଶ ଭାବେ ଦେଖାଇବା ସକାଶେ ଚୀନ ପକ୍ଷରୁ ଉଦ୍ୟମ କରାଯାଉଛି । ଏଥିରେ ଲାଇନ ଅଫ୍ ଏକଚ୍ୟୁଏଲ୍ କଣ୍ଟ୍ରୋଲ (ଏଲ୍ଏସି) ପାଖାପାଖି ସ୍ଥିତାବସ୍ଥାକୁ ବଦଳାଇବା ଲାଗି ଶକ୍ତିର ପ୍ରୟୋଗ କରିବା, ଅରୁଣାଚଳ ପ୍ରଦେଶର ମଣ୍ଡାରିନ ନାମରେ ଏକ ମ୍ୟାପ୍ ପ୍ରକାଶ କରିବା, ଭୂଟାନରେ ଚୀନ ଅଞ୍ଚଳର ବିସ୍ତାର ପାଇଁ ଉଦ୍ୟମ କରିବା ଓ ସୀମାନ୍ତ ଅଞ୍ଚଳର ବିବାଦୀୟ ସ୍ଥାନମାନଙ୍କରେ ଗ୍ରାମ ବସତି ସ୍ଥାପନ କରିବା ଭଳି ପଦକ୍ଷେପ ସାମିଲ ଅଛି ।

ଏପ୍ରକାର ପଦକ୍ଷେପ ସହିତ ସାଉଥ ଚାଇନା ସି ଓ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ମଧ୍ୟ ଚୀନର ଆକ୍ରମଣାତ୍ମକ ବ୍ୟବହାର ବଢ଼ିଚାଲିଛି । ତେଣୁ ଭାରତ ଓ ଆମେରିକା ସମେତ ଅନେକ ଦେଶ ନିୟମ ଆଧାରିତ ଆନ୍ତର୍ଜାତିକ ବ୍ୟବସ୍ଥାକୁ ସୁନିଶ୍ଚିତ ଭାବେ ଗ୍ରହଣ କରିବା ଉପରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଆମେରିକା ସିନେଟର ଏହି ପ୍ରସ୍ତାବରେ ଭାରତ ପକ୍ଷରୁ ଏ ସଂକ୍ରାନ୍ତରେ ଉଠାଯାଇଥିବା ପଦକ୍ଷେପକୁ କେବଳ ଉଲ୍ଲେଖ କରାଯାଇଛି ତା' ନୁହେଁ, ବରଂ ଏଥିପ୍ରତି ଆମେରିକାର ସମର୍ଥନକୁ ମଧ୍ୟ ଦୋହରା ଯାଇଛି । ଏହି ନୀତିରେ କୌଣସି ପରିବର୍ତ୍ତନ ଆସିନାହିଁ ବରଂ ତାହାକୁ ଆହୁରି ସୁଦୃଢ଼ କରାଯାଇଛି । ଏହାର ଆବଶ୍ୟକତା ମଧ୍ୟ ଥିଲା କାରଣ ଏଯାଏ ଚୀନ ଏ ଆପତ୍ତି ସବୁକୁ ଗମ୍ଭୀର ଭାବେ ଗ୍ରହଣ କରୁନଥିଲା । ଯେତେ ସଂକେତ ଆମ ତରଫରୁ ଦିଆଗଲା ତାହାକୁ ଚୀନ ଅଣଦେଖା କରି ଆସୁଥିଲା । ଆମେରିକା ଓ ପାଶ୍ଚାତ୍ୟ ଦେଶମାନଙ୍କର ଅସନ୍ତୋଷ ସତ୍ତ୍ୱେ ରୁଷ ସହିତ ଚୀନ ନିଜର ସମ୍ବନ୍ଧକୁ ଦୃଢ଼ କରିବାକୁ ପଛାଇନାହିଁ ଓ ଆହୁରି ନିବିଡ଼ କରିବା ଚେଷ୍ଟାରେ ଅଛି । ପୁଣି ଏକ କୂଟନୈତିକ ଚାଲ ଖେଳି ସାଉଦୀ ଆରବ ଓ ଇରାନ ମଧ୍ୟରେ ବନ୍ଧୁତା ସ୍ଥାପନ କରାଇ ଚୀନ ନିଜକୁ ଏକ ବିଚକ୍ଷଣ କୂଟନୀତିର ପ୍ରୟୋଗ କରିବାରେ ସଫଳ ହୋଇଛି ବୋଲି କୁହାଯାଉଛି ।

ଚୀନ ରାଷ୍ଟ୍ରପତି ଶୀ ଜିନପିଙ୍ଗଙ୍କ ତୃତୀୟ କାର୍ଯ୍ୟକାଳ ଆରମ୍ଭ ହୋଇଯାଇଛି । ଏହି ପଦବୀ ଗ୍ରହଣ କରିବା ପରଦିନ ହିଁ ବେଜିଂରେ ଇରାନ ଓ ସାଉଦୀ ଆରବ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ବନ୍ଧ ପ୍ରତିଷ୍ଠା ହେବାର ଘୋଷଣା କରି ଚୀନ ଏକପ୍ରକାରେ ସଂକେତ ଦେଇଛି ଯେ ତାହା ନିଜର ପୁରୁଣା ପ୍ରଭାବ ବଳୟକୁ ଲଗାତାର ଭାବେ ବଢ଼ାଇବାକୁ ଉଦ୍ୟମ କରିବ । ଏମିତି ବି ଆମେରିକାର ନୀତି ନିର୍ମାତାମାନେ ଚୀନକୁ ଘେରାବନ୍ଦୀ କରିବା କାର୍ଯ୍ୟ ଅଧିକମାତ୍ରାରେ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅନୁଭବ କରୁଛନ୍ତି । ତେବେ ଭାରତ ପ୍ରସଙ୍ଗରେ ଏତିକି କୁହାଯାଇପାରେ ଯେ ଏହା ଏକ ସକାରାତ୍ମକ ପଦକ୍ଷେପ ନିଶ୍ଚୟ, କିନ୍ତୁ ତାହାକୁ ନିଜର ଦୀର୍ଘକାଳୀନ ହିତ ପ୍ରତି ଧ୍ୟାନ ଦେବା ଦରକାର । ଦୀର୍ଘକାଳୀନ ଆଧାରିତ ହିତ ପାଇଁ ଯେ ସ୍ୱତନ୍ତ୍ର ନୀତି ଆପଣାଇବାକୁ ପଡ଼ିବ ଏଥିରେ ଦ୍ୱିମତ ନାହିଁ । ଯୁଗ ବଦଳୁଛି ଏବଂ ବେଶ୍ କ୍ଷୀପ୍ରତାର ସହ ତାହା ଘଟୁଥିବା ବେଳେ, ଭାରତ ତା' ସହିତ ତାଳଦେଇ ନିଜର ଆଭିମୁଖ୍ୟକୁ ଅଧିକ ସ୍ପଷ୍ଟ କରିବାର ଆବଶ୍ୟକତା ଅଛି । ❐❐

**-ଭର୍ତ୍ତୃହରି ମହତାବ**

# ଭଗବାନଙ୍କ ଆସ୍ଥାନ

ଭଗବାନ୍ ସର୍ବତ୍ର ବିଦ୍ୟମାନ । ସେ ପ୍ରକୃତି । ସେ ସୃଷ୍ଟିକର୍ତ୍ତା ଏବଂ ସେ ହିଁ ନିୟନ୍ତା । ତାଙ୍କ ଉପସ୍ଥିତିକୁ ଯେକୌଣସି ସ୍ଥାନରେ ଯେ କୌଣସି ପରିସ୍ଥିତିରେ ଅନୁଭବ କରାଯାଇପାରେ । ଏଣୁ ମନ ଯେଉଁଠି ଚାହୁଁଛି, ସେଠାରେ ଧ୍ୟାନ କର । ତେବେ କେବଳ ଶୁଦ୍ଧ-ପୂତ ହୃଦୟରେ ଭଗବାନଙ୍କୁ ଧ୍ୟାନ କର । କ୍ରୋଧ, କାମନା, ଲାଳସା ଭଳି ନକାରାତ୍ମକ ଚିନ୍ତାଧାରା ମନରେ ନରଖି ଭଗବାନଙ୍କୁ ପ୍ରାର୍ଥନା କଲେ, ତାଙ୍କର ନିକଟତର ହୋଇପାରିବ । ତାଙ୍କର ସତ୍ତା ଅନୁଭବ କରିପାରିବ ଏବଂ ତାଙ୍କର ସାନ୍ନିଧ ପାଇପାରିବ । ଶ୍ରୀରାମକୃଷ୍ଣଙ୍କ ଭାଷାରେ ହୃଦୟ ହେଉଛି, 'ବୈଠକଖାନା' ପରି । ଘର ଭିତରେ ଗୃହ ମୁଖ୍ୟ ଚାରିଆଡ଼େ ବୁଲିପାରନ୍ତି, ସବୁଠାରେ ତାଙ୍କ ଉପସ୍ଥିତି ଅନୁଭବ କରାଯାଇପାରେ । ତେବେ ବୈଠକଖାନା ତାଙ୍କ ପାଇଁ ସବୁଠାରୁ ଉତ୍ତମ ସ୍ଥାନ । ବୈଠକଖାନାରେ ଗୃହ ମୁଖ୍ୟ ସବୁଠାରୁ ଅଧିକ ଆନନ୍ଦ ପାଆନ୍ତି, ଶାନ୍ତି ପାଆନ୍ତି । ଠିକ୍ ସେହି ପରି ଭଗବାନଙ୍କୁ ଯେକୌଣସି ସ୍ଥାନରେ ଧ୍ୟାନ କରାଯାଇପାରୁଥିଲେ ହେଁ ଶୁଦ୍ଧ-ପୂତ ଭକ୍ତର ହୃଦୟରେ ସେ ସର୍ବଦା ବିରାଜମାନ କରନ୍ତି । ପଦ୍ମ ହେଉଛି ଭକ୍ତିର ପ୍ରତୀକ । ଧ୍ୟାନ ବେଳେ ପୂର୍ଣ୍ଣ ପ୍ରସ୍ଫୁଟିତ କମଳ ସମ୍ମୁଖରେ ଆସନ ଗ୍ରହଣ କଲେ ଏକାଗ୍ରତା ବଢ଼େ । ପଦ୍ମ ପରି ଶୁଦ୍ଧ ହୃଦୟ ପାର୍ଥିବ ଚିନ୍ତା ଓ କାମନା-ବାସନା ଦ୍ୱାରା ବିକାରଗ୍ରସ୍ତ ହୁଏନାହିଁ । ଶୁଦ୍ଧ ହୃଦୟ ମଧ୍ୟକୁ ଦୁଶ୍ଚିନ୍ତାମାନ ପ୍ରବେଶ କରିପାରନ୍ତି ନାହିଁ । ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିବା ଲାଗି ଏହା ସବୁଠାରୁ ଉପଯୁକ୍ତ ସ୍ଥାନ ।

ଶୁଭସ୍ମିତା ସାମଲ
ଚଣ୍ଡୀଛକ, କଟକ

# ଭାରତକୁ ପୁତିନଙ୍କ ପ୍ରଶଂସା

**ସୌମେନ୍ଦ୍ର ଜେନା**

ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଦ୍ୱାରା ଭାରତର ପ୍ରଶଂସା କରାଯିବାକୁ କେନ୍ଦ୍ରକରି ପାଶ୍ଚାତ୍ୟ ଜଗତରେ ଭ୍ରୂକୁଞ୍ଚନ ଆରମ୍ଭ ହୋଇଛି । ଏମିତି ରୁଷିଆ-ୟୁକ୍ରେନ ଯୁଦ୍ଧ ପରଠାରୁ ପାଶ୍ଚାତ୍ୟ ରାଷ୍ଟ୍ର ସମୂହ ଭାରତକୁ ରୁଷିଆଠାରୁ ଦୂରେଇବାକୁ ଅନେକ ପ୍ରକାର ଚେଷ୍ଟା କରିସାରିଛନ୍ତି । ଭିନ୍ନ ଭିନ୍ନ ମଞ୍ଚରେ ଆଲୋଚନା -ସମାଲୋଚନାଠାରୁ ଆରମ୍ଭ କରି ଦୋଷଦେବାକୁ ମଧ୍ୟ ଭୁଲିନାହାନ୍ତି । ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରିବା ଲାଗି ନାଟୋ ଗୋଷ୍ଠୀ ସମସ୍ତ ପ୍ରକାର କଟକଣା ଲାଗୁକରି ମଧ୍ୟ ରୁଷିଆକୁ ଏକଲା କରି ରଖିବାକୁ ସକ୍ଷମ ହୋଇନାହାନ୍ତି । ଅପରପକ୍ଷେ ଏହି ସମୟରେ ରୁଷିଆ ପୁରୁଣା ବନ୍ଧୁରାଷ୍ଟ୍ର ଭାରତକୁ ଶକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ରିହାତି ଦେଇ ବିଶେଷ ଲାଭବାନ ହୋଇଛି । ଆର୍ଥିକ ଦୃଷ୍ଟିରୁ ଦେଖିଲେ ରୁଷିଆର ମୁଦ୍ରା ରୁବଲ ଯୁଦ୍ଧପର କାଳରେ ଡଲାର ତୁଳନାରେ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି । ପେଟ୍ରୋଲ-ଗ୍ୟାସ ଯୋଗାଣକୁ ବନ୍ଦ କରି ଦେଲେ ରୁଷିଆ ଦୁର୍ବଳ ହୋଇ ପଡିବ ବୋଲି ଯେପରି ପୂର୍ବରୁ ଆକଳନ ହେଉଥିଲା ତାହା ସଫଳ ହୋଇନାହିଁ ।ଏହାର କାରଣ ଭାରତ ଓ ଚୀନ ପରି ଜନବହୁଳ ରାଷ୍ଟ୍ର ରୁଷିଆରୁ ଅଧିକ ପରିମାଣରେ ଶସ୍ତା ଦରରେ ତୈଳକ୍ରୟ କରି ବିକଳ୍ପ ବଜାର ହୋଇଛନ୍ତି ବା ହେବା । ଜାତିସଂଘଠାରୁ ଆରମ୍ଭ କରି ପୃଥିବୀର ଭିନ୍ନ ଭିନ୍ନ ମଞ୍ଚରେ ଭାରତ ନିଜର ତୈଳ କ୍ରୟ ସପକ୍ଷରେ ଦୃଢ଼ମତ ରଖିବା ସହ ଲୋକଙ୍କ ଆବଶ୍ୟକତାକୁ ରହିଁ କାର୍ଯ୍ୟ କରିବାକୁ ଦୋହରାଇଛି । ନିକଟରେ ତୈଳ ଓ ଗ୍ୟାସ ଯୋଗାଣ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ବିଦେଶୀ ମିଡିଆରେ ଭାରତର ଦୃଢ ପଦକ୍ଷେପ ସପକ୍ଷରେ କରିଛନ୍ତି । ଏପରିକି ଅନ୍ୟରାଷ୍ଟ୍ରର କୌଣସି ପ୍ରକାର ଚାପ ନିକଟରେ ଭାରତ ଆତ୍ମସମର୍ପଣ ମଧ୍ୟ କରିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି । ଭାରତର ଏହି ଦୃଢ ପଦକ୍ଷେପକୁ ବାରମ୍ବାର ଲକ୍ଷ୍ୟ କରି ଆସୁଥିବା ପୁତିନ ରୁଷିଆର ମିଡିଆ ସମ୍ମୁଖରେ ଦୁଇଦୁଇଥର ଭାରତୀୟ ଗଣତନ୍ତ୍ର, ସ୍ୱାଧୀନ ବିଦେଶନୀତି, ବିକାଶମୁଖୀ ପ୍ରୟାସ ଏବଂ ଭାରତର ସ୍ୱଦେଶପ୍ରେମୀ ପ୍ରଧାନମନ୍ତ୍ରୀଙ୍କର ପ୍ରଶଂସା କରିବା ଆଦୌ ନୂଆ କଥା ନୁହେଁ । ଦ୍ୱିତୀୟତଃ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ରୁଷିଆଗସ୍ତ ପୂର୍ବରୁ ପୁତିନଙ୍କ ଏପରି ପ୍ରଶଂସା ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ କରିବାକୁ ଉଦ୍ଦିଷ୍ଟ ବୋଲି ବୁଝିବାକୁ ହେବ ।

ରୁଷିଆ-ୟୁକ୍ରେନ ଯୁଦ୍ଧ ପୂର୍ବରୁ ୨୦୨୦-୨୧ରେ ୦.୨ ପ୍ରତିଶତ ତୈଳ ରୁଷିଆଠାରୁ ଭାରତ କ୍ରୟ କରୁଥିଲା, ଯାହା ଚଳିତବର୍ଷ ଅକ୍ଟୋବର ମାସରେ ପ୍ରତିଦିନ ଯୋଗାଣ ୯୩୫,୫୫୫ ବ୍ୟାରେଲରେ ପହଞ୍ଚିଛି । ଏହି ତୈଳ ଯୋଗାଣ ମୋଟ ଯୋଗାଣର ୨୨ ପ୍ରତିଶତ ହେବାପରେ ଇରାକରୁ ଆମଦାନୀ ୨୦.୫ ପ୍ରତିଶତ ଦ୍ୱିତୀୟକୁ ଏବଂ ସାଉଦି ଆରବରୁ ୧୬ ପ୍ରତିଶତ ଆମଦାନୀ ତୃତୀୟ ସ୍ଥାନକୁ ଯାଇଛି । ପାଶ୍ଚାତ୍ୟ ରାଷ୍ଟ୍ର ରୁଷିଆକୁ ଦଣ୍ଡିତ କରିବା ଲକ୍ଷ୍ୟରେ ଆମଦାନୀ ବନ୍ଦ କଲାପରେ ରୁଷିଆ ଭାରତ ପାଇଁ ସ୍ୱତନ୍ତ୍ର ରିହାତି ଘୋଷଣା କରି ଭାରତର ବଜାରରେ ପ୍ରବେଶ ପାଇଁ ମାର୍ଗ ପ୍ରଶସ୍ତ କଲା । କାରଣ ଗତ ଡିସେମ୍ବର ୨୦୨୧ରେ ଭାରତ ରୁଷିଆଠାରୁ ଦୈନିକ ୩୬,୨୫୫ ବ୍ୟାରେଲ ତୈଳ ଆମଦାନୀ କରୁଥିଲା ଯାହା ମାର୍ଚ୍ଚ-ଜୁନ ମଧ୍ୟରେ ବଢ଼ିବଢ଼ି ୬୮,୬୦୦ ବ୍ୟାରେଲରୁ ୯୪୨,୬୯୪ ବ୍ୟାରେଲ ପ୍ରତିଦିନ ଯୋଗାଣରେ ପହଞ୍ଚି ଯାଇଥିଲା । କିନ୍ତୁ ଗତ ଜୁନ୍ ମାସରେ ଇରାକ ୧.୦୪ ମିଲିଅନ ବ୍ୟାରେଲ ତୈଳ ଯୋଗାଇ ଏକ ନମ୍ବର ଯୋଗାଣକାରୀ ଥିଲା । ଅକ୍ଟୋବର ମାସରେ ଇରାକରୁ ଭାରତକୁ ତୈଳ ଯୋଗାଣ ପ୍ରତିଦିନ ୮୮୮,୦୭୯ ବ୍ୟାରେଲ ଏବଂ ସାଉଦି ଆରବରୁ ତୈଳ ଯୋଗାଣ ପ୍ରତିଦିନ ୭୪୬,୯୪୭ ବ୍ୟାରେଲରେ ରହିଥିଲା । ବ୍ୟାରେଲ ପିଛା ୩୦ଡଲାର ରିହାତି ଦେଉଥିବା ରୁଷିଆର ତୈଳ ଚୀନ, ଭାରତ ସମେତ ତୁର୍କୀ, ଇଟାଲୀ, କ୍ୟୁବା, ଶ୍ରୀଲଙ୍କା, ବଙ୍ଗଳାଦେଶ ପାକିସ୍ଥାନ ପାଇଁ ଆକର୍ଷଣୀୟ ଯୋଗାଣ ହୋଇଛି । ବିକଶିତ ଜି-୭ ଗୋଷ୍ଠୀ (ବ୍ରିଟେନ, ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ଜାପାନ) ତୈଳ କ୍ରୟ ପାଇଁ ରୁଷିଆ ତୈଳଦର ଉପରେ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଭାରତ ଉପରେ ଚାପ ପ୍ରୟୋଗ କରିଥିଲେ ମଧ୍ୟ ସେଥିରେ ଭାରତ ସାମିଲ ହେବ ନାହିଁ ବୋଲି ସ୍ପଷ୍ଟ କହିଦେଇଛି ।

ଭାରତ ସମୟକ୍ରମେ ନିଜର ଆବଶ୍ୟକତାର ପୂରଣ ଲାଗି ଗତ ଏପ୍ରିଲରେ ଅମିରାତ (ୟୁଏଇ) ଠାରୁ ୫୪ ପ୍ରତିଶତ, ଇରାକଠାରୁ ୩୦ ପ୍ରତିଶତ ଏବଂ କଲମ୍ବିଆଠାରୁ ୧୦ ପ୍ରତିଶତ ତୈଳ କ୍ରୟ କରିଥିଲା । ଜାନୁଆରୀ ୨୦୨୦ରେ ଭାରତର ତୈଳ ଆମଦାନୀ ୪୧.୧୫ ବିଲିଅନ ଡଲାର, ଜାନୁଆରୀ ୨୦୨୧ରେ ୪୨.୦୩ ବିଲିଅନ ଡଲାର, ଜାନୁଆରୀ ୨୦୨୨ରେ ୫୨.୦୧ ବିଲିଅନ ଡଲାର ରହିଥିଲା । କୋରୋନା କାଳରେ ତୈଳର ବ୍ୟବହାର କମ୍ ଥିଲାବେଳେ ଚଳିତବର୍ଷ ତାହା ବୃଦ୍ଧିପାଇଛି । ତେବେ ଏପ୍ରିଲ-ସେପ୍ଟେମ୍ବର୨୦୨୧ ଏବଂ ଏପ୍ରିଲ -ସେପ୍ଟେମ୍ବର ୨୦୨୨ର ତଥ୍ୟକୁ ଆକଳନ କଲେ ଜାଣିହେବ ଯେ ଚଳିତବର୍ଷ ରୁଷିଆରୁ ଭାରତର ଆମଦାନୀ ଗତବର୍ଷ ୪.୧୯ ବିଲିଅନ ଡଲାର ଥିଲାବେଳେ ଚଳିତବର୍ଷ ଏହି ସମାନ ସମୟରେ ତାହା ବୃଦ୍ଧିପାଇ ୨୧.୩୫ ବିଲିଅନ ଡଲାରରେ ପହଞ୍ଚିଛି, ଯାହା ପ୍ରାୟ ପାଞ୍ଚଗୁଣ ହୋଇଛି । ଅଶୋଧିତ ପେଟ୍ରୋଲ ଆମଦାନୀ ଗତବର୍ଷ ୧.୩୩ ବିଲିଅନ ଡଲାର ଥିଲାବେଳେ ଚଳିତବର୍ଷ ୧୪.୦୭ ବିଲିଅନ ଡଲାରକୁ ଛୁଇଁଛି । ସେହିପରି ଏହି ସମୟରେ କୋଇଲା ଏବଂ କୋଇଲା ଜାତୀୟ ଜାଳେଣି ୦.୫୬ ରୁ ୨.୨୬ ବିଲିଅନ ଡଲାର, ପେଟ୍ରୋଲଜାତ ଦ୍ରବ୍ୟ ୦.୨୫ ରୁ ୧.୫୨ ବିଲିଅନ ଡଲାର, ସାର ୦.୧୯ରୁ ୧.୬୧ ବିଲିଅନ ଡଲାର, ମୂଲ୍ୟବାନ ପଥର ୦.୪୨ରୁ ୦.୬୪ ବିଲିଅନ ଡଲାରକୁ ବୃଦ୍ଧି ପାଇଛି । ତେଣୁ ଏହି ସମୟରେ କେବଳ ଯେ ତୈଳ ଆମଦାନୀ ବଢିଛି ତା ନୁହେଁ, ଅନ୍ୟାନ୍ୟ ବସ୍ତୁଗୁଡିକର ମଧ୍ୟ ଆମଦାନୀ ପରିମାଣ ବୃଦ୍ଧିପାଇଛି । ଯାହା ଫଳରେ ଭାରତ-ରୁଷିଆ ଦ୍ୱିପାକ୍ଷିକ ବାଣିଜ୍ୟ ସଂପ୍ରତି ଇଣ୍ଡୋନେସିଆ, ଇରାକ, ସିଙ୍ଗାପୁର, ଦକ୍ଷିଣକୋରିଆ ଏବଂ ଅଷ୍ଟ୍ରେଲିଆ ସହ ବାଣିଜ୍ୟକୁ ଅତିକ୍ରମ କରିଯାଇଛି । ଫଳରେ ଚଳିତବର୍ଷ ରୁଷିଆ ଭାରତର ପଞ୍ଚମ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରର ସ୍ଥାନକୁ ଉଠିଛି । ଏପ୍ରିଲ-ସେପ୍ଟେମ୍ବର ୨୦୨୧ ଏବଂ ୨୦୨୨ ତଥ୍ୟ ଅନୁଯାୟୀ ଗତବର୍ଷ ରୁଷିଆ ସହ ଭାରତର ବାଣିଜ୍ୟ ୫.୭୮ ବିଲିଅନ ଡଲାର ଥିଲାବେଳେ ଚଳିତବର୍ଷ ୨୨.୬୪ ବିଲିଅନ ଡଲାର ହୋଇଛି । ତେଣୁ ପୁତିନଙ୍କର ଭାରତକୁ ପ୍ରଶଂସା କରିବା ପଛରେ ନିଶ୍ଚିତ କାରଣ ରହିଛି ବୋଲି କୁହାଯାଇପାରେ ।

ନିକଟରେ ଜାତିସଂଘରେ ରୁଷିଆ ପକ୍ଷରୁ ଆସିଥିବା ୟୁକ୍ରେନ ବିରୋଧୀ ପ୍ରସ୍ତାବକୁ ଭାରତ ସମେତ ୧୦୫ ଦେଶ ସମର୍ଥନ ଦେଇଥିଲେ । ସେଥିରେ ୟୁକ୍ରେନର ନାଜିବାଦୀ ବିଚାରକୁ ବିରୋଧ କରାଯିବା ବିଷୟ ରହିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ୟୁକ୍ରେନର କେତେକ ଅଞ୍ଚଳର ଲୋକେ ରୁଷିଆର ଶାସକ ଷ୍ଟାଲିନଙ୍କୁ ହଟାଇବା ପାଇଁ ହିଟଲରକୁ ସମର୍ଥନ ଦେଇ କାର୍ଯ୍ୟ କରିଥିଲେ । ଏବେ ମଧ୍ୟ ୟୁକ୍ରେନରେ ହିଟଲରଙ୍କ ପ୍ରଶଂସାରେ ସାଧାରଣରେ ଶୋଭାଯାତ୍ରା ବାହାରିଥାଏ । ୟୁକ୍ରେନର ଏହି ନାଜିବାଦୀ ବିଚାର ବିରୋଧରେ ଗତବର୍ଷ ରୁଷିଆ ପ୍ରସ୍ତାବ ଆଣି ଯେଉଁ ସମର୍ଥନ ଲାଭ କରିଥିଲା ଏବେ ତା'ଠାରୁ ଅଧିକ ସମର୍ଥନ ପାଇଛି । ଅଳ୍ପ କିଛି ପାଶ୍ଚାତ୍ୟ ରାଷ୍ଟ୍ରକୁ ବାଦଦେଲେ ସଂଖ୍ୟାଧିକ ରାଷ୍ଟ୍ର ରୁଷିଆକୁ ସମର୍ଥନ କରିବା ଦେଖାଯାଇଥିଲା । ନାଟୋ ବିରୋଧୀ ସଂଘର୍ଷରେ ରୁଷିଆ ପଡୋଶୀ ରାଷ୍ଟ୍ର ଚୀନ ଏବଂ ବନ୍ଧୁରାଷ୍ଟ୍ର ଭାରତଠାରୁ ସମର୍ଥନ ଆଶା କରୁଥିଲେ ହେଁ ନୀତିଗତ ଦୃଷ୍ଟିରୁ ଭାରତ ଯେପରି ତୈଳକ୍ରୟ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟରେ ରୁଷିଆ ସପକ୍ଷ ମତ ଦେଇ ଆସୁଛି ସେ ସବୁକୁ ପୁତିନ ପସନ୍ଦ କରୁଛନ୍ତି । ପୁତିନଙ୍କ ସନ୍ଦେହ ଅଛି ଯେ ଚୀନ ସୁଯୋଗ ପାଇଲେ ରୁଷିଆର ପକ୍ଷ ଛାଡି ଦେଇପାରେ । ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଁ ଜର୍ମାନୀର ଚାନସେଲର ନିକଟରେ ବେଜିଂ ଗସ୍ତ କରି ଜିନପିଙ୍ଗଙ୍କୁ ରୁଷିଆ ବିରୋଧୀ ମନ୍ତବ୍ୟ ଦେବାକୁ କହିବା ପରେ କୌଣସି ପ୍ରକାର ଆଣବିକ ଅସ୍ତ୍ର ପ୍ରୟୋଗ ନକରିବା ପାଇଁ ରୁଷିଆକୁ ଚୀନ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଆମେରିକାପ୍ରଶିକ୍ଷିତ ଆଫଗାନ କମାଣ୍ଡୋମାନଙ୍କୁ ୟୁକ୍ରେନ ବିରୋଧୀ ଯୁଦ୍ଧପାଇଁ ଇରାନ ମାଧ୍ୟମରେ ରୁଷିଆ ନିଯୁକ୍ତି ଦେଉଥିବାରୁ ଚୀନ୍ କ୍ଷୁବ୍ଧ ହୋଇଛି । ଏହି କମାଣ୍ଡୋମାନେ ପ୍ରାୟ ଦେଢବର୍ଷ ହେବ ବେରୋଜଗାର ହୋଇ ଆଫଗାନିସ୍ଥାନର ପଡୋଶୀ ରାଷ୍ଟ୍ରଗୁଡିକରେ ପରିବାର ସହ ରହୁଛନ୍ତି । ଏମାନଙ୍କୁ ଶରଣ ମିଳିଥିଲେ ମଧ୍ୟ ରୋଜଗାର ମିଳୁନାହିଁ । ତେଣୁ ରୁଷିଆର ନିଯୁକ୍ତି ସେମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି । ଦୀର୍ଘଦିନ ଧରି ୟୁକ୍ରେନ ବିରୋଧୀ ଯୁଦ୍ଧ ଜାରି ରହିବା ଯୋଗୁ ସାମୁଦ୍ରିକ ପଥରେ ଚୀନର ଯୋଗାଣ ବ୍ୟାହତ ହୋଇଛି, ଯାହା ଜିନପିଙ୍ଗଙ୍କୁ କ୍ଷୁବ୍ଧ କରିଛି । ପାକ୍ ମାଧ୍ୟମରେ ୟୁକ୍ରେନକୁ ପାଶ୍ଚାତ୍ୟ ରାଷ୍ଟ୍ରର ଅସ୍ତ୍ର ଯୋଗାଣ ଏବଂ ଆଣବିକ ଅସ୍ତ୍ର ପ୍ରସ୍ତୁତି ପାଇଁ ୟୁକ୍ରେନ -ପାକ୍ ସହଯୋଗ ବୃଦ୍ଧି ବିଷୟ ଜଣାପଡିଲା ପରେ ରୁଷିଆ ପାକ୍ ସରକାରଙ୍କ ଉପରେ ଅଧିକ କ୍ଷୁବ୍ଧ ହୋଇଛି । କିନ୍ତୁ ରୁଷିଆ ସହ ଭାରତ ପାକ୍, ଚୀନ ପରି ଡବଲ ଗେମ୍ ଖେଳିବାର ଇତିହାସ ନାହିଁ ବରଂ ମୋଦୀଙ୍କ ସରକାରର ଫ୍ରଣ୍ଟଲାଇନର ସିଧାଷ୍ଟ୍ରାଇକ୍‌କୁ ପୁତିନ ଅଧିକ ପସନ୍ଦ କରିଛନ୍ତି । ରୁଷିଆ ସହ ସଂପର୍କ ରକ୍ଷା ମାମଲାରେ ନାଟୋ ଗୋଷ୍ଠୀକୁ ଭାରତର ଜବାବ ପୁତିନଙ୍କ ବିଶ୍ୱାସବୃଦ୍ଧି କରିଛି । ନିକଟରେ ହୋଇଥିବା ଏକ ସର୍ଭେରେ ଭାରତୀୟ ଲୋକେ ପୁତିନଙ୍କ ନୀତିକୁ ଅଧିକ ସମର୍ଥନ କରୁଥିବା ପ୍ରକାଶ ପାଇଛି ଯାହା ରୁଷିଆ ବାହାରେ ପୁତିନଙ୍କ ପାଇଁ ସଂଖ୍ୟାଧିକ ସମର୍ଥନ ବୋଲି ଗଣାଯାଉଛି । ଭାରତର ସରକାର ଏବଂ ଜନସାଧାରଣଙ୍କ ମନରେ ରୁଷିଆ ପ୍ରତି ରହିଥିବା ଶ୍ରଦ୍ଧାକୁ ପୁତିନ ସମ୍ମାନ ପାଇଁ ଭାରତର ପ୍ରଶଂସା ସାଧାରଣରେ କରିଛନ୍ତି । ମସ୍କୋଠାରେ ଚଳିତମାସ ନଭେମ୍ବର ୮-୯ ଦୁଇଦିନ ଧରି ଜୟଶଙ୍କରଙ୍କ ରୁଷିଆ ବିଦେଶମନ୍ତ୍ରୀ ସର୍ଗି ଲାଭରୋଭଙ୍କ ସହ ସକାରାତ୍ମକ ଆଲୋଚନା ହୋଇଛି । ରୁଷିଆ-ୟୁକ୍ରେନ ଯୁଦ୍ଧପରେ ଦୁଇ ବିଦେଶ ମନ୍ତ୍ରୀଙ୍କ ଏହା ୪ର୍ଥ ସାକ୍ଷାତ ଥିଲା । ୟୁକ୍ରେନ ଆଗାମୀ ଦିନରେ ଆଉ ଏକ ଆଫଗାନିସ୍ଥାନ ନ ହେଉ ବୋଲି ଇଙ୍ଗିତ ମାଧ୍ୟମରେ ଜୟଶଙ୍କର ସମସ୍ତଙ୍କୁ ଚେତାଇ ଦେଇଛନ୍ତି । ଦୁଇଦେଶ କୂଟନୀତି ଏବଂ ଆଲୋଚନାର ମାର୍ଗକୁ ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଭାରତ-ରୁଷିଆ ବାଣିଜ୍ୟକୁ ସମତୁଳ କରିବାକୁ ସେ ଇଚ୍ଛା ପ୍ରକାଶ କରିଛନ୍ତି ।

ଭୁବନେଶ୍ୱର-୭୫୧୦୦୩

**ପଖାଳ ଦିବସ ଉପଲକ୍ଷେ**

# ସହରରେ ମିଳିବ ଗ୍ରାମ୍ୟ ସଂସ୍କୃତିର ମହକ

**ବିପିନବିହାରୀ ରାଉତ**

ସମୟ ବଦଳିବା ସହିତ ଲୋକଙ୍କ ଚାଲିଚଳନ ଜୀବନଶୈଳୀ, ଖାଦ୍ୟପେୟ ରୁଚିରେ ଅନେକ ପରିବର୍ତ୍ତନ ଘଟିଛି। ଏ ସବୁ ସତ୍ତ୍ୱେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ଆଦୃତି କମିନାହିଁ। ଆଜି ମଧ୍ୟ ଗାଁ ଠାରୁ ଆରମ୍ଭ କରି ସହରର ଲୋକମାନେ ପଖାଳର ମହତ୍ତ୍ୱକୁ ଭୁଲିଯାଇନାହାନ୍ତି। ପୂର୍ବରୁ କେବଳ ଚାଷୀ ଘରର ପ୍ରମୁଖ ଖାଦ୍ୟ ଥିଲା ପଖାଳ। ଗାଁ ଗହଳିର ନିତିଦିନିଆ ଖାଦ୍ୟ ଏହି ପଖାଳ କିନ୍ତୁ ଏବେ ସହରରେ ପ୍ରବେଶ କରିଛି। ସବୁଦିନ ନହେଲେ ମଧ୍ୟ ସମୟ ସମୟରେ ପରିବାର ସଦସ୍ୟଙ୍କ ଗହଣରେ ପଖାଳ ଖାଇବାର ମଜା ଟିକେ ନିଆରା। ବିଶେଷକରି ଖରାଦିନ ଆସିଲେ, ପଖାଳ ଖାଇବାକୁ ଅଧିକ ଲୋକ ଭଲ ପାଇଥାନ୍ତି। ସହରର ଚାକଚକ୍ୟ ମାଧୁର୍ଯ୍ୟ ଭରା ପରିବେଶରେ ମଧ୍ୟ ପଖାଳର ଏବେବି ଚାହିଦା ରହିଛି। ଯଦିଓ ପଖାଳରେ କୌଣସି ପରିବର୍ତ୍ତନ ହୋଇନାହିଁ କିନ୍ତୁ ପଖାଳ ଖାଇବାର ପରିବେଶ ଏବଂ ଶୈଳୀରେ ବହୁ ପରିବର୍ତ୍ତନ ଘଟିଛି। ଗତ କିଛି ବର୍ଷ ହେଲା ସହରରେ ପଖାଳକୁ ନେଇ ଏକ ଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ପଖାଳର ମହତ୍ତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନନୀ ପଖାଳ ଦିବସ ଭାବେ ପାଳନ କରାଯାଉଛି। ତେବେ ଏହାକୁ ନେଇ ନିୟମିତ ପଖାଳ ଖାଉଥିବା ଗାଁର ଲୋକଟିଏ ଯେତିକି ଖୁସି ନଥାନ୍ତି ତାଠାରୁ ଦ୍ୱିଗୁଣ ଉତ୍କଣ୍ଠା ଦେଖାଯାଇଛି ସହରବାସୀଙ୍କ ମଧ୍ୟରେ। ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ପଖାଳ ପ୍ରତି ଲୋକଙ୍କର ଆକର୍ଷଣ ରହିଛି। ଗାଁ ପରିବେଶରେ ଲୋକଙ୍କୁ ଜୀବନଶୈଳୀରେ ପଖାଳ ଯେ କେବଳ ଏକ ନିତିଦିନିଆ ପାକ ପଦ୍ଧତି ତାହା ନୁହେଁ ବରଂ ଏହା ପ୍ରତି ପରିବାରକୁ ଯୌଥ ସୂତ୍ରରେ ମଧ୍ୟ ବାନ୍ଧି ରଖିବାରେ ଏକ ମାଧ୍ୟମ। କଂସାଏ ପଖାଳ ଓ ମୁଠାଏ ତୋରାଣି ଦିନସାରାର ଖୋରାକ ଯୋଗାଇଥାଏ। ସେଇ ପଖାଳ ଖାଇ ଚାଷୀଟିଏ ଆତ୍ମସନ୍ତୋଷ ପାଇଥାଏ। ଆଜି ପଖାଳ ଦିବସ ଅବସରରେ ସହରବାସୀ ସେକାଳ ପଖାଳକୁ ଝୁରୁଛନ୍ତି। ଯେଉଁଥିପାଇଁ ପଖାଳ ପ୍ରସ୍ତୁତ ହୋଇଥିବା ବିଭିନ୍ନ ହୋଟେଲମାନଙ୍କରେ ପୂର୍ବରୁ ପ୍ରସ୍ତୁତ ଆରମ୍ଭ ହୋଇଛି। ଏହି ଦିବସ କେବଳ ଓଡ଼ିଶାରେ ନୁହେଁ ବରଂ ଓଡ଼ିଶା ବାହାରେ ମଧ୍ୟ ପାଳନ କରାଯାଉଛି। ପଖାଳ ଦିବସ ପାଇଁ ସହରର ବିଭିନ୍ନ ଛୋଟବଡ଼ ହୋଟେଲରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ସହରର ପ୍ରତି ହୋଟେଲରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଏହାସହ ଗ୍ରାମୀଣ ପରିବେଶ ସୃଷ୍ଟି ପାଇଁ ମଧ୍ୟ ସ୍ୱତନ୍ତ୍ର କଟେଜ୍ ନିର୍ମାଣ କରାଯାଇଛି, ଯେଉଁଠି ବସି ସହରବାସୀ କିଛି ସମୟ ପାଇଁ ଗାଁ ପରିବେଶକୁ ଅନୁଭବ କରିପାରିବେ। ଛୋଟ ହୋଟେଲଠୁ ଆରମ୍ଭ କରି ଷ୍ଟାର ହୋଟେଲ ପର୍ଯ୍ୟନ୍ତ ସବୁଠି ପ୍ରସ୍ତୁତି ହୋଇଛି ବିଭିନ୍ନ ଧରଣର ପଖାଳ ମେନୁ। ସାଧା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ଖଟା ପଖାଳ, ସଜ ପଖାଳ, ପରିବା ପଖାଳ, ପରି ଅନେକ ପ୍ରକାର ମେନୁ ଉପଲବ୍ଧ ହୋଇଛି। ଏନେଇ ବିଭିନ୍ନ ଦରଦାମ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ମଧ୍ୟମ ଧରଣର ହୋଟେଲଗୁଡ଼ିକରେ ୩୦ଟଙ୍କାରୁ ଆରମ୍ଭ କରି ୯୦ ଟଙ୍କା ପର୍ଯ୍ୟନ୍ତ ପଖାଳ ଡିସ୍‌ର ମୂଲ୍ୟ ରହିଥିବା ବେଳେ ଷ୍ଟାର ହୋଟେଲଗୁଡ଼ିକରେ ଏହାର ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତିବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି। ଏହାସହ ପଖାଳ ଦିବସ ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ରିହାତି ରହିଛି। ସାଧା ପଖାଳରେ ବଡ଼ିଚୁରା, ଭଜା, ଚିପ୍ସ, ସାଲାଡ୍, ଆଳୁଭର୍ତ୍ତା, କଖାରୁ ଫୁଲ, ପୋଟଳ ଭଜା ଆଦି ରହିଥିବାବେଳେ ଦହି ପଖାଳରେ ସମାନ ପ୍ରକାର ବ୍ୟଞ୍ଜନ ରହିଥିବା ଏକାମ୍ରହାଟରେ ଥିବା ଏକ ହୋଟେଲର ମାଲିକ କୁହନ୍ତି। ଦୈନନ୍ଦିନ ଜୀବନରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଖରାଦିନେ ଓଡ଼ିଆଙ୍କ ଘରେ ଘରେ ପଖାଳର ଆଦୃତି ଦେଖିବାକୁ ମିଳିଥାଏ। କେବଳ ଗରିବ ଲୋକ ନୁହଁନ୍ତି ଧନୀ ଲୋକଙ୍କ ଘରେ ମଧ୍ୟ ଆବହମାନ ସମୟରୁ ପଖାଳର ଆଦରକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି। କଥାରେ ଅଛି ଜଣଙ୍କ ଘରେ ପଖାଳ ଥିଲେ ଆଉ ବାରିରେ ଶାଗ ମନ୍ଦାଏ ଥିଲେ ତାହାଘରେ ଆଉ ଅଭାବ ଶବ୍ଦ ନଥାଏ। ବାସ୍ତବିକ ଏହା ଅତ୍ୟନ୍ତ ସତ କଥା। କେହି କେହି ପରିହାସରେ ପଖାଳଖିଆ ଓଡ଼ିଆ ମଧ୍ୟ କୁହନ୍ତି ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ମଧ୍ୟ ଅଛି ତାହା ହେଉଛି ପଖାଳ ଶରୀରକୁ ଯେଉଁ ପୋଷକତତ୍ତ୍ୱ ଦେଇଥାଏ ତାହା ଅନ୍ୟ ଖାଦ୍ୟରେ ନଥାଏ। କେହି କେହି କୁହନ୍ତି ବାସୀ ପଖାଳ ଯଦିଓ ଶରୀରକୁ ନିଦ୍ରା ଆଡ଼କୁ ନେଇଯାଏ କିନ୍ତୁ ପଖାଳ ହେଉଛି ସନ୍ତୁଷ୍ଟିର ଲକ୍ଷଣ ଅର୍ଥାତ୍ ସର୍ବନିମ୍ନ ଆବଶ୍ୟକକୁ ନେଇ ଏକ ଜାତି ମୁଣ୍ଡଟେକି ଚାଲିପାରେ ଆଉ ଜୀବନରେ ଭଗବାନଙ୍କ ପ୍ରଦତ୍ତ ସର୍ବନିମ୍ନ ଆବଶ୍ୟକତାକୁ ନେଇ ଜଣେ ଖୁସି ମଧ୍ୟ ହୋଇ ତା'ଜୀବନ ଅତିବାହିତ କରିଥାଏ। ଓଡ଼ିଶାର ଅନେକ ଲବ୍ଧପ୍ରତିଷ୍ଠିତ ଏବଂ ବିତ୍ତଶାଳୀ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ଜୀବନ କାହାଣୀରେ ପଖାଳ ବିଷୟରେ ଉଲ୍ଲେଖ ରହିଛି। ପଖାଳକୁ ଭଲ ପାଉଥିବା ଜାତି ହେଉଛି ଏହି ବୀର ଓଡ଼ିଆ ଜାତି। ପଖାଳର ଆଉ ଏକ ସ୍ୱତନ୍ତ୍ର ସ୍ୱାଦ ଅନୁଭୂତ ହୁଏ ବସନ୍ତ ଋତୁର ଆଦ୍ୟ ପ୍ରବେଶ ସମୟରେ। ବାଡ଼ି ହେଉ ବା

ତୋଟା ଆମ୍ବ ବକୁଳର ଲସିକୁ ପଖାଳରେ ପକାଇ ସେହି କଞ୍ଚାଆମ୍ବର ଚଟଣି ଓ ଅନ୍ୟାନ୍ୟ ବ୍ୟଞ୍ଜନ ସହ ପଖାଳର ସ୍ୱାଦ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଓ ନିଆରା। ଆଜିକାଲି ବଡ଼ ବଡ଼ ହୋଟେଲରେ ଧନୀବିତ୍ତଶାଳୀ ଲୋକମାନେ କଂସାରେ ବିଭିନ୍ନ ବ୍ୟଞ୍ଜନ ସହ ପଖାଳକୁ ଆଦରି ଏହାକୁ ଖାଦ୍ୟରେ ଗୁରୁତ୍ୱ ଦେଉଛନ୍ତି। ପଖାଳ ଶରୀରତତ୍ତ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ। ଶରୀରକୁ ଶୁଷ୍କତାରୁ ଆରୋଗ୍ୟ ଲାଭ କରି ଜଣଙ୍କ ପେଟକୁ ଥଣ୍ଡା ରଖିବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ବିଶ୍ୱ ପଖାଳ ଦିବସ ଅବସରରେ ଏପରି ଏକ ଗାଁ ସଂସ୍କୃତିର ପରମ୍ପରାର ଖାଦ୍ୟକୁ ସମସ୍ତେ ମନେପକାଇ ଏହାକୁ ଆଦରିବା ପାଇଁ ନିଜ ନିଜ ଭିତରେ ଭଲ ପାଇବାକୁ ବଢ଼ାଇଲେ ପଖାଳର ମହକ ଅନେକ ବଢ଼ିପାରିବ।

ଶ୍ରୀବିହାର କଲୋନୀ, କଟକ,
ମୋ : ୯୪୩୭୬୬୬୪୫୩

# ଓଡ଼ିଆଙ୍କ ପ୍ରିୟ ପଖାଳ

**ପ୍ରେମାନନ୍ଦ ପାଣିଗ୍ରାହୀ**

ସାରା ବିଶ୍ୱରେ ଓଡିଆମାନଙ୍କର ସ୍ୱତନ୍ତ୍ର ପରିଚୟ ସେମାନଙ୍କର ଖାଦ୍ୟକୁ ନେଇ । ଓଡିଶା ଏକ କୃଷିପ୍ରଧାନ ରାଜ୍ୟ । ଓଡିଶାର ମୁଖ୍ୟ ଉତ୍ପାଦନ ଧାନ ଫସଲ । ଧାନରୁ ଉତ୍ପନ୍ନ ହୁଏ ଚାଉଳ । ସେଥିରୁ ପ୍ରସ୍ତୁତ ହୁଏ ଅନ୍ନ । ଅନ୍ନ କହିଲେ ସାଧାରଣତଃ ରନ୍ଧାଖାଦ୍ୟ ବା ଭାତକୁ ବୁଝାଇଥାଏ । ଭାରତର ଅନେକ ରାଜ୍ୟରେ ଭାତ ମୁଖ୍ୟ ଖାଦ୍ୟର ମାନ୍ୟତା ପାଇଥିବା ବେଳେ ଓଡିଶାରେ ଭାତରୁ ପ୍ରସ୍ତୁତ ପଖାଳ ପାଇଛି ଲୋକ ଖାଦ୍ୟର ମାନ୍ୟତା । ଓଡିଆ ଘରର ପଖାଳ ଓଡିଆ ଜାତିର ପରିଚୟ ସଦୃଶ । ପଖାଳ କହିଲେ ଓଡିଶାର ସଂସ୍କୃତିକୁ ବୁଝାଏ । ପଖାଳ ଓଡିଶାର ପରିଚୟ । କାହିଁ କେତେ କାଳରୁ ପଖାଳ ସହିତ ଓଡିଆ ମାନଙ୍କର ରହି ଆସିଛି ଭାବଗତ ସମ୍ପର୍କ । ପଖାଳ ଶବ୍ଦ ପାଲି ଭାଷା ପଖାଳିବା ରୁ ଆସିଛି । ଯାହାର ଅର୍ଥ ଧୋଇବା । ଗରମ ଭାତ ଥଣ୍ଡା ହେବା ପରେ ତାକୁ ଧୋଇ ସେଥିରେ ପାଣି ମିଶାଇ ତିଆରି କରାଯାଉଥିବାରୁ ଏହାର ଏପରି ନାମକରଣ ହୋଇଛି । ପାରମ୍ପରୀକ ଖାଦ୍ୟକୁ ଲୋକପ୍ରିୟ କରିବା ତଥା ଗ୍ରୀଷ୍ମକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱବ୍ୟାପୀ ପଖାଳ ଦିବସ ଭାବରେ ପାଳନ କରାଯାଏ । ଓଡିଆ ଜାତିର ସଂସ୍କୃତି ଓ ପରମ୍ପରାର ଗୁରୁତ୍ୱ ବହନ କରୁଥିବା ପଖାଳ ଏବେ ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଆସାମରେ ଏହାକୁ ପୋଇତାଭାତ, ଛତିଶଗଡରେ ପଖାଳ ବା ବୋରେ ଭାତ, ପଶ୍ଚିମବଙ୍ଗରେ ପାନ୍ତା ଭାତ କୁହାଯାଇଥାଏ । ଓଡିଆ ଓ ପଖାଳ ଅଭିନ୍ନ । ଏହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଭାରତ ଓ ଭାରତ ବାହାରେ ପଖାଳର ସ୍ୱତନ୍ତ୍ରତା ପ୍ରାୟ ଦେଖିବାକୁ ମିଳିଥାଏ । ଭାରତ ବାହାରେ ପଖାଳକୁ ଓ୍ୱାଟର ରାଇସ୍ କୁହାଯାଏ । ଉସୁନା ପଖାଳ ଅପେକ୍ଷା ଅରୁଆ ପଖାଳର ସ୍ୱାଦ ନିଆରା । ଅରୁଆ ପଖାଳକୁ ଆହୁରି ସ୍ୱାଦିଷ୍ଟ କରିଥାଏ ଦହି,ଆମ୍ବ କସିଆ ଅଦା,ପୋଦିନା ପତ୍ର । ଏବେ ଆମ୍ବ ଋତୁ ଆସିଥିବାରୁ ଆମ୍ବ ନସି ଦହି,ଅଦା ଉଷୁନା ପଖାଳରେ ମିଶାଇଲେ ତାର ସ୍ୱାଦ ବଢିଯାଏ । ନିରାମିଷ ଖାଉଥିବା ଲୋକେ ପଖାଳ ସହ ଆଳୁ ଭେଣ୍ଡି ଭଜା,ବଡିଚୁରା , ଆଳୁ ଚଟଣି,ବାଇଗଣ ଭରତା, ଟମାଟୋ କାକୁଡି ସାଲାଡ,କଖାରୁ ଫୁଲ ପିଠା,କଲରା ଭଜା ଆଦି ସୁସ୍ୱାଦୁ ବ୍ୟଞ୍ଜନ ପସନ୍ଦ କରୁଥିବା ବେଳେ ଆଇଁଷ ପ୍ରିୟମାନେ ଚୁନାମାଛ ଭଜା, ଛୋଟ ଚିଙ୍ଗୁଡି ଭଜା, ଶୁଖୁଆ,ପୋହଳା ମାଛ ଗୋଟା ବେସର, ରୋହି ମାଛ ଭଜା ଭାରି ଭଲ ଲାଗେ । ତେଣୁ ଆମ ଓଡିଆ ସଂସ୍କୃତି ସହିତ ପଖାଳ କଂସାର ସମ୍ପର୍କ ଅତି ନିବିଡ । କୃଷକ, ଶ୍ରମିକ, ଦିନ ମଜୁରିଆ ତଥା ଆଦିବାସୀଙ୍କର ପ୍ରିୟ ଖାଦ୍ୟ ପଖାଳ ହୋଇଥିବା ବେଳେ ବଡବଡିଆ ତଥା ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନେ ମଧ୍ୟ ବେଳେବେଳେ ପଖାଳ ଖାଇଥାନ୍ତି । କୃଷକ ଭାଇମାନେ ସକାଳୁ ସକାଳୁ ଘରେ ପଖାଳ କଂସାଏ ଖାଇ ହାତରେ ପଖାଳ ଟିପିନ ସାଙ୍ଗକୁ ପିଆଜ,ଶୁଖୁଆ ପୋଡା,କଞ୍ଚା ଲଙ୍କା,ଖଟା,ବଡିଚୁରା ନେଇ ବିଲ ହୁଡାରେ ଦ୍ୱିପହରେ ଖାଆନ୍ତି । ଏହା ଭାରି ଆତ୍ମ ତୃପ୍ତି ଦେଇଥାଏ ଚଷା ପୁଅକୁ । ଆଉ ଧୁଧୁ ଖରାବେଳେ ତାତିରୁ ତ୍ରାହି ପାଇବା ପାଇଁ ଓଡିଶାର ପ୍ରାୟ ସବୁ ବର୍ଗର ଲୋକେ ପଖାଳକୁ ପସନ୍ଦ କରିଥାନ୍ତି । ଓଡିଆ ଘର ମାନଙ୍କରେ ପଖାଳ ସବୁ ଋତୁରେ ଖିଆ ଯାଉଥିବା ବେଳେ ଖରିଦିନେ ପଖାଳ ତୋରାଣି ପ୍ରତି ରହିଥାଏ ସମସ୍ତଙ୍କର ଦୁର୍ବଳତା । ଓଡିଶାର ପରିଚୟ ପଖାଳ ଏବେ ଶୀତତାପ ନିୟନ୍ତ୍ରିତ ପଞ୍ଚତାରକା ହୋଟେଲଗୁଡିକରେ ଖରାଦିନିଆ ମୁଖ୍ୟ ଖାଦ୍ୟ ପାଲଟିଛି । ହୋଟେଲ ଗୁଡିକରେ ଓଡିଆ ଘରର ପାରମ୍ପରିକ ବ୍ୟଞ୍ଜନ ସହ ପରଷା ଯାଉଥିବା ପଖାଳର ଚେହେରା ଓ ବାସ୍ନା ଗ୍ରାହକର ଭୋକ ବଢାଇଦିଏ । ଓଡିଶାର ପରମ୍ପରା ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡିତ । ପଖାଳ ସହ ଜଡିତ ଆମ ବଡ ଠାକୁରଙ୍କର ଛପନ ଭୋଗ । ସାଧାରଣ ଲୋକଟିଏ ଯେପରି ପଖାଳପ୍ରିୟ ,ମହାପ୍ରଭୁ ସେମିତି ପଖାଳପ୍ରିୟ । ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ଲାଗି କରାଯାଏ । ଶୀଗୁଣ୍ଡିଚା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିବସରେଶ୍ରୀମନ୍ଦିରରେ ପଖାଳ ଭୋଗ ଗ୍ରହଣ କରି ମହାପ୍ରଭୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି ।

ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

## ସଂପାଦକଙ୍କୁ ପତ୍ର

### ସମାଜରେ ସଂସ୍କାର ଆଣିଛି ବିଜ୍ଞାନ

ମହାଶୟ,

ବିଜ୍ଞାନ ଆଜି ମାନବ ସମାଜରେ ସଂସ୍କାର ଆଣିବା ସହ ମଣିଷକୁ ଉତ୍ତୁଙ୍ଗ ଶିଖରରେ ପହଞ୍ଚାଇଛି । ବିଜ୍ଞାନ ଦ୍ୱାରା ମାନବ ସଭ୍ୟତା କାହିଁ କେତେ ଦୂରକୁ ଚାଲି ଯାଇଛି। ଏଣୁ ବିଜ୍ଞାନର ଉପକାରିତାକୁ କଳନା କରିହେବନାହିଁ। ମନୁଷ୍ୟ ହୃଦୟରେ ଜ୍ଞାନର ବିକିରଣ ହେତୁ, ବିଜ୍ଞାନ ଆଜି ସମାଜ ଦ୍ୱାରା ବିପୁଳ ପରିମାଣରେ ସ୍ୱାଗତ ଓ ସମାଦୃତ ହୋଇପାରିଛି। ନୂତନ ଆଶା ଆକାଂକ୍ଷା ମଧ୍ୟରେ ନବୀନ ଉଦ୍ଦୀପନା ନେଇ ମନୁଷ୍ୟ ବହୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ତ୍ୟାଗ କରି, ବିଜ୍ଞାନ ସମ୍ମତ ଜ୍ଞାନ ଗାରିମାରେ ସମୃଦ୍ଧ ହୋଇଅଛି। ବିଜ୍ଞାନ ଶିକ୍ଷାର ଅଗ୍ରଗତି ହେତୁ ସମାଜର ଦୀର୍ଘ ପାରମ୍ପରିକ କୁସଂସ୍କାର ଦୂରୀଭୂତ ହୋଇ ପୃଥିବୀର ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି। କାରଣ ବୈଜ୍ଞାନିକ ଯନ୍ତ୍ରପାତି ଦ୍ୱାରା ଶିଳ୍ପକାର୍ଯ୍ୟ, କୃଷିକାର୍ଯ୍ୟ ସହିତ ନାଳ ନର୍ଦ୍ଦମା ଓ ପରିଶ୍ରାଗାର ସଫା କରିବା ପ୍ରଭୃତି କୁତ୍ସିତ କାର୍ଯ୍ୟ ଅପେକ୍ଷାକୃତ ସହଜ ସାଧ୍ୟ ଓ ଅଳ୍ପବ୍ୟୟରେ ହୋଇପାରିଅଛି। ତତ ସହିତ ଭାରି ଦ୍ରବ୍ୟ ପରିବହନ ଅତୀବ କଷ୍ଟସାଧ୍ୟ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରୁଅଛି। ଏହାଦ୍ୱାରା ମାନବୀୟ ଶ୍ରମର ଆବଶ୍ୟକତା କମ ଦରକାର ପଡୁଅଛି। ପୂର୍ବରୁ ଏହି ସବୁ କଷ୍ଟସାଧ୍ୟ କାର୍ଯ୍ୟ କ୍ରୀତଦାସ ମାନଙ୍କ ଦ୍ୱାରା କରାଯାଉଥିଲା। କ୍ରୀତଦାସ ପ୍ରଥା ପରି ଘୃଣ୍ୟ ପରମ୍ପରା ଓ କୁସଂସ୍କାର ଦେଶ ମାନଙ୍କରେ ଚଳି ଆସୁଥିଲା। ବିଜ୍ଞାନର ଅଗ୍ରଗତି ଯୋଗୁଁ ନୂତନ ଯନ୍ତ୍ରପାତି ତିଆରି କରାଯାଇ ଆବଶ୍ୟକୀୟ କାର୍ଯ୍ୟ ଅଳ୍ପ ଖର୍ଚ୍ଚରେ କରାଯାଇପାରୁଛି। ଦିଆସିଲି ଠାରୁ ଆରମ୍ଭ କରି ବିଜୁଳି ଆଲୁଅ, ବୈଦ୍ୟୁତିକ ପଙ୍ଖା, ବେତାର ଯନ୍ତ୍ର, ଘଣ୍ଟା, ଟେଲିଭିଜନ ଆଦି ମନୁଷ୍ୟ ପାଇଁ ସବୁ ସମୟରେ ଦରକାର ହେଉଅଛି। ରେଳ, ମଟର, ଉଡ଼ାଜାହାଜ, ପାଣିଜାହାଜ ଓ ଶୀତତାପ ନିୟନ୍ତ୍ରକ ଆଦି ନବ ଆବିଷ୍କାର ଓ ଉଦ୍ଭାବନ ହେବା ଦ୍ୱାରା ମନୁଷ୍ୟର ଜୀବନ ଯାତ୍ରା ସହଜ ଓ ସୁଖମୟ ହୋଇଅଛି। ବିଜ୍ଞାନ ବଳରେ ବହୁ ଶକ୍ତିଶାଳୀ ଔଷଧ ଉଦ୍ଭାବିତ ହୋଇ ଜନସାଧାରଣଙ୍କୁ ନାନା ମାରାତ୍ମକ ରୋଗରୁ ରକ୍ଷା କରିପାରୁଅଛି।

**ତ୍ରିଲୋଚନ ଦାଶ,**
ଜଗତସିଂହପୁର

## ନାହିଁ ନାହିଁରେ ଚାଲିଛି ଖଣ୍ଡପଡ଼ା ଏନ୍ଏସି

# ମୌଳିକ ସୁବିଧାରୁ ବଞ୍ଚିତ ସହରବାସୀ




### ପରିଚାଳନା ଦାୟିତ୍ୱରେ ଅବହେଳା

ଖଣ୍ଡପଡ଼ା, (ବିରଞ୍ଚି କୁମାର ନାୟକ): ଖଣ୍ଡପଡ଼ା ପୌରପରିଷଦ ଭାବରେ ୧୯୮୯ ମସିହାରେ ସରକାରୀ ସିକୃତୀ ଲାଭ କରିଥିବା ବେଳେ ଏହାର ପରିଚାଳନା ଦାୟିତ୍ୱରେ ଅବହେଳା ଯୋଗୁଁ କ୍ରମାଗତ ଭାବରେ ସମସ୍ୟା ଲାଗି ରହିଛି। ସହରବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ୧୫ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପୌରପରିଷଦର, ରାସ୍ତାଘାଟର ଅବ୍ୟବସ୍ଥା ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ବିଭିନ୍ନ ଜାଗାରେ ପାଣି ଜମି ରହୁଛି। କିଛି ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ମାଷ୍ଟରପ୍ଲାନ୍ ବିନା, ମନମୁଖି ଭାବେ ନୂତନ କାର୍ଯ୍ୟାଦେଶ ସୃଷ୍ଟିକରି ନୂତନ ଡ୍ରେନ୍ ସୃଷ୍ଟି କରାଯାଉଅଛି। ପୌରପରିଷଦ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ମାଷ୍ଟର ପ୍ଲାନ୍ ବର୍ତ୍ତମାନ ସୁଦ୍ଧା ଖଣ୍ଡପଡ଼ା ଏନ୍ଏସିରେ କାର୍ଯ୍ୟକାରୀ କରିନାହିଁ। ଫଳରେ ମନମୁଖି ଭାବେ ନୂତନ କାର୍ଯ୍ୟାଦେଶ ସୃଷ୍ଟିକରି ବିନା ମାଷ୍ଟର ପ୍ଲାନ୍‌ରେ ନୂତନ ଡ୍ରେନ୍ କାର୍ଯ୍ୟ କରାଯାଉଅଛି। ଯାହାକି ଡ୍ରେନେଜ୍ ବ୍ୟବସ୍ଥା କେଉଁଠାରୁ ଆରମ୍ଭ ଓ କେଉଁଠାରେ ଶେଷ ତାହାର ପରିକଳ୍ପନା କରିବାତ ଦୂରର କଥା ରାସ୍ତା ପାର୍ଶ୍ୱରେ ଡ୍ରେନ୍ ପାଣି ନିଷ୍କାସିତ ନହୋଇ ପୁତିଗନ୍ଧମୟ ପରିବେଶ ସୃଷ୍ଟିକରି ମଶାମାଛିଙ୍କର ପାଦୁର୍ଭାବ ବଢିବା ସହ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ଯାହାର ସଦ୍ୟତମ ଉଦାହରଣ ଖଣ୍ଡପଡ଼ା ମେଡ଼ିକାଲ ଛକଠାରୁ ତହସିଲ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଇଲେକ୍ଟ୍ରିକାଲ୍ ସବ୍‌ଷ୍ଟେସନ୍‌ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅଟେ। ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ସୂର୍ଯ୍ୟଘଡ଼ିଟି ସୁରକ୍ଷା ଅଭାବରୁ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏଭଳି ସମସ୍ୟା ଆଜିର ନୁହେଁ ବର୍ଷ ବର୍ଷ ଧରି ଲାଗିରହିଛି। ଏନ୍ଏସିର ୨ନଂ ୱାର୍ଡ଼ର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନଥିବା ଯୋଗୁଁ ୱାର୍ଡ଼ବାସିନ୍ଦା ମାନଙ୍କର ଦ୍ୱାର ସମ୍ମୁଖରେ ପାଣି ଜମିରହି ସିଉଳି ପଡ଼ିରହିଛି। ବର୍ଦ୍ଧିତ ଜନସଂଖ୍ୟାକୁ ଆଖି ଆଗରେ ରଖି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ। ମେଡ଼ିକାଲ ଛକଠାରୁ ମହିଳା ମହାବିଦ୍ୟାଳୟ ରାସ୍ତାରେ ଶହ ଶହ ଗାଡ଼ି ଯିବା ଆସିବା କରୁଛି। ଉତ୍ତର ପାର୍ଶ୍ୱରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ଲୋକଙ୍କ ଜୀବନ ସହିତ ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟକୁ ଆସୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାକୁ ଏଡ଼ାଇ ଦିଆଯିବନାହିଁ। ଇତି ମଧ୍ୟରେ ମାଟ୍ରିକ୍ ପରୀକ୍ଷା ଚାଲିଥିବାରୁ ପିଲାମାନେ ଓ ଅଭିଭାବକମାନଙ୍କର ଗହଳି ମଧ୍ୟ ପରିଲକ୍ଷିତ ହେଉଛି। ପୌରପରିଷଦ କିମ୍ବା ବିଦ୍ୟୁତ୍ ବିଭାଗର ଏଥିପ୍ରତି ନିଘାନାହିଁ। ଏଥିପ୍ରତି ଜିଲ୍ଲାପ୍ରଶାସନ ବା ପୌରପରିଷଦ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟର ବିଷୟ। ଏନ୍ଏସିର ଦୈନିକ ବଜାର ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ କାର୍ଯ୍ୟକାରି ହେଉନାହିଁ। ମାଛ ମାର୍କେଟ୍ ପାଇଁ ସ୍ଥାନ ନିରୁପଣ କରାଯାଇ ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟକରାଯାଇ ମାର୍କେଟ୍ କମ୍ପ୍ଲେକ୍ ତିଆରି ହୋଇଥିଲେ ମଧ୍ୟ ଏହା ଅଦ୍ୟାବଧି ଭୁତକୋଠିରେ ପରିଣତ ହେବାକୁ ଯାଉଛି ଓ ଏହା ଶରୀସୃପଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ଏନ୍ଏସିରେ ବସବାସ କରୁଥିବା ଜନସାଧାରଣ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ସହର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ପୌରାଧକ୍ଷା, ସ୍ଥାନୀୟ ବିଧାୟକ, ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟିଦେବାକୁ ସହରବାସୀଙ୍କ ତରଫରୁ ଦାବି ହେଉଛି।






# ମୂଲ ପାଉନି ଗୋଟାଳି, ସଂରକ୍ଷଣ ବ୍ୟବସ୍ଥା ପାଇଁ ଦାବି

- ବଜାର ବ୍ୟବସ୍ଥା ନାହିଁ
- ଦର ନିର୍ଦ୍ଧାରଣ କରୁଛନ୍ତି ଦଲାଲ୍



ବଲାଙ୍ଗୀର (ରାଜୀବ ଷଡଙ୍ଗି) : ଫାଲଗୁନ ମାସ ଆଗମନରେ ମହୁଲ ଝଡିବା ଆରମ୍ଭ ହୋଇଯାଇଛି। ଏହାର ବାସ୍ନାରେ ମହକି ଯାଏ ବଣ ପାହାଡ। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ଉପାନ୍ତ ଅଳରେ ଏବେ ମହୁଲ ମହକରେ ମହକୁଛି। ମହୁଲ ଫୁଲ ସଂଗ୍ରହ କରିବା ପାଇଁ ସକାଳୁ ସକାଳୁ ଆଖପାଖ ଗାଁର ମହିଳାମାନେ ମୁଣ୍ଡରେ ଟୋକେଇ ଧରି ନିଜ ପରିବାରର ସହ ମହୁଲ ଗଛ ନିକଟରେ ପାହାନ୍ତିଆରୁ ପହଞ୍ଚି ଯାଉଛନ୍ତି। ତେବେ ଏତେ କଷ୍ଟ ରେ ମହୁଲ ଫୁଲ ସଂଗ୍ରହ କରି ଆଣୁଥିଲେ ହେଁ ଉଚିତ ମୂଲ୍ୟ ମିଳୁନଥିବାରୁ ଗୋଟାଳି ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିକ୍ରି ପାଇଁ ବଜାର ବ୍ୟବସ୍ଥା ନଥିବାରୁ ବହୁ ଅସୁବିଧାର ଭୋଗୁଛନ୍ତି। ଶେଷରେ ବାଧ ହୋଇ ଅତି କମ୍ ମୂଲ୍ୟରେ ଦଲାଲଙ୍କ ହତାରେ ଟେକି ଦେଉଛନ୍ତି। ବ୍ଲକ ର ବିଭିନ୍ନ ଗ୍ରାମରେ ମହୁଲ ଫୁଲ ସଂଗ୍ରହ ଜୋରସୋରରେ ଚାଲିଛି। ତାକୁ ୫ ରୁ ୬ ଦିନ ଧରି ଟାଣ ଖରାରେ ସୁଖାଇବା ପରେ ବିକ୍ରି କିଭଳି କରାଯିବା ସେନେଇ ଚିନ୍ତା କରିଥାନ୍ତି। ତେବେ କୌଣସି ବଜାର ବ୍ୟବସ୍ଥା ନଥିବାରୁ ଶେଷରେ ସ୍ଥାନୀୟ ଅଞ୍ଚଳରେ ଅଞ୍ଚଳର କିଛି ସାହୁକାର ଓ ମଦଭାଟି କର୍ମଚାରୀ ଙ୍କ ନିକଟରେ ଅତି କମ୍ ଦରରେ ବିକ୍ରି କରିଦେଇ ଥାନ୍ତି । କିଲୋ ପିଛା ୧୫ ରୁ ୨୦ ଟଙ୍କା ରେ ସେମାନେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ତେବେ ପରିଶ୍ରମ ତୁଳନାରେ ଏହା ଯଥେଷ୍ଟ କମ୍ ହେଉଥିବାରୁ ସରକାରୀ ଭାବେ ବିକ୍ରି ବ୍ୟବସ୍ଥା କରିବାକୁ ସେମାନେ ଦାବି କରୁଛନ୍ତି। ଅନ୍ୟ ପକ୍ଷରେ ପ୍ରତି ପଞ୍ଚାୟତର ପ୍ରସାଶନ ପକ୍ଷରୁ ଲଘୁ ବନଜାତ ଦ୍ରବ୍ୟ ମହୁଲ ଫୁଲ କ୍ରୟ କରିବା ପାଇଁ ୨୦୦୨ ରେ ଗ୍ରାମ ପଞ୍ଚାୟତ କୁ ଦର ଧାର୍ଯ୍ୟ ପାଇଁ କ୍ଷମତା ଦିଆଯାଇଛି। ଆଉ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ପଞ୍ଚାୟତ ମହୁଲ କ୍ରୟ କରିବାର ନିୟମ କରାଯାଇଛି। ହେଲେ ସରକାରୀ ନିୟମ ସମ୍ପର୍କରେ ଏମାନେ ଜାଣି ନ ଥିବାରୁ ଦଲାଲ କୁ କମ୍ ମୂଲ୍ୟରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଏଥି ପାଇଁ ପଞ୍ଚାୟତ ସ୍ତରରେ ବ୍ୟବସ୍ଥା କରାଗଲେ ଗୋଟାଳି ମାନେ ଲାଭବାନ ହୋଇ ପାରିବେ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି।



## ଗେଟ୍ ବଜାର ଶୌଚାଳୟକୁ ପୂରିଲା ୨୨ ବର୍ଷ

# ଉଦ୍‌ଘାଟନ ପରଠାରୁ ଝୁଲୁଛି ତାଲା !



ବ୍ରହ୍ମପୁର,(ଅମିତ୍ କୁମାର ସାହୁ): ବିଏମ୍‌ସି ନିର୍ମାଣ କରୁଛି ନୂଆ ଶୌଚାଳୟ। କିନ୍ତୁ ପୁରୁଣା ଶୌଚାଳୟ ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦେଉନାହିଁ । ଗେଟ୍ ବଜାର ଶୌଚାଳୟ ଭୂତକୋଠି ପାଲଟିଛି। କେନାଲ ସାହି ବାସିନ୍ଦାଙ୍କ ସମେତ ସହରକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଶୌଚାଳୟ ନିର୍ମାଣ ହୋଇଥିଲା। ଇଣ୍ଟିଗ୍ରେଟେଡ୍ ଡେଭଲପ୍‌ମେଣ୍ଟ ଅଫ୍ ସ୍କାଲ୍ ଆଣ୍ଡ୍ ମିଡିୟମ୍ ଟାଉନ୍ସ (ଆଇଡିଏସ୍‌ଏମ୍?ଟି) ଯୋଜନାରେ ୨୦୦୦ ମସିହା ଜୁଲାଇ ୧୯ରେ ବିଏମ୍‌ସି ନିର୍ମାଣ କରିଥିଲା। ମହିଳା ଓ ପୁରୁଷଙ୍କ ପାଇଁ ଦୁଇଟି ଲେଖାଏ ଗାଧୁଆ ଘର ଏବଂ ଶୌଚ ଘର ରହିଛି। ଶୌଚାଳୟ ନିର୍ମାଣ ପରେ ଥରେ ମଧ୍ୟ ବ୍ୟବହାର ହୋଇନି । ଆଜିକୁ ୨୨ ବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିଛି। କାନ୍ଥ ଭୁଶୁଡ଼ିବାକୁ ବସିଲାଣି। ଲୁହା ଗ୍ରିଲ୍ ଭାଙ୍ଗିରୁଜି ଗଲାଣି। ଭିତରରେ ଫଳକ ଲାଗିଥିବା ବେଳେ ଏହା ଉଦ୍‌ଘାଟନ ହେବା ପର ଠାରୁ ଅବ୍ୟବହୃତ ପଡ଼ିରହିଛି । ଶୌଚାଳୟ ସୁବିଧା ଯୋଗାଇ ଦେବା ପାଇଁ ବିଏମ୍‌ସି ସହରର ବିଭିନ୍ନ ସ୍ଥାନରେ ୬୨ଟି ଶୌଚାଳୟ ନିର୍ମାଣ କରିଛି। ଏହା ସହିତ ରାସ୍ତାକଡ଼ରେ ୧୪ ଲକ୍ଷ ଟଙ୍କା ବ୍ୟୟରେ ୨୮ଟି ଅସ୍ଥାୟୀ ପରିଶ୍ରାଗାର ନିର୍ମାଣ କରିଥିଲା । ତାହା ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ତିଷ୍ଠି ପାରିନଥିଲା। ବ୍ରହ୍ମପୁର ସହରକୁ ଦୈନିକ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ଏଣୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ନିର୍ମାଣ ହୋଇଥିଲା ଶୌଚାଳୟ ଓ ପରିଶ୍ରାଗାର। କିନ୍ତୁ ତାହାର ସଠିକ୍ ରକ୍ଷଣାବେକ୍ଷଣ କରିବାରେ ଫେଲ୍ ମାରୁଛି ବିଏମ୍?ସି । ଏନେଇ ସ୍ଥାନୀୟ କର୍ପୋରେଟର ଡି. କରୁଣାକର କହିଛନ୍ତି, ଏହି ଶୌଚାଳୟ ଉଦ୍‌ଘାଟନ ଦିନଠୁ ତାଲା ଝୁଲୁଛି। ଲୋକଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଉଥିବା ଏହି ଶୌଚାଳୟ ବନ୍ଦ ହୋଇ ରହିଛି। ୱାର୍ଡରେ ଗୋଟିଏ ବି ଶୌଚାଳୟ ନଥିବା ବେଳେ ବିଏମ୍‌ସି ଏଥିପ୍ରତି ନଜର ଦେଉନଥିବା ସେ କହିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ଶୃତିକା ପାତ୍ର କହିଛନ୍ତି, ସହରରେ ଥିବା ସମସ୍ତ ଶୌଚାଳୟର ବର୍ତ୍ତମାନ ସ୍ଥିତିକୁ ନେଇ ରିପୋର୍ଟ କରାଯିବ। ଏହାପରେ କେଉଁ ଶୌଚାଳୟ ମରାମତି ଯୋଗ୍ୟ ତାହା ଚିହ୍ନଟ କରାଯିବ। ଏହି ଶୌଚାଳୟ ମଧ୍ୟ ଚିହ୍ନଟ କରାଯିବା ପରେ ମରାମତି କରାଯିବ।



# ହରିଶଙ୍କର ଉନ୍ନୟନ କାମର ତଦାରଖ କଲେ ସମ୍ବଲପୁର ଆର୍‌ଡିସି



ଖପ୍ରାଖୋଲ, (ପିପିଏସ) ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ରେ ଥିବା ପଶ୍ଚିମଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରକୁ ଶନିବାର ସମ୍ବଲପୁର ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ ଗସ୍ତ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାମର ତଦାରଖ କରିଥିଲେ। ସରକାରଙ୍କ ତରଫରୁ ପ୍ରଥମ ପର୍ଯ୍ୟାୟରେ ୨ କୋଟିରୁ ଉର୍ଦ୍ଧ ଟଙ୍କା ଅନୁଦାନ ଦେଇଥିବା ବେଳେ ଦୋକାନ ଗୃହ ନିର୍ମାଣ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ମନ୍ଦିର ପରିସର ଉନ୍ନୟନ ପାଇଁ ୧୫ କୋଟି ଟଙ୍କାର ଟେଣ୍ଡର ସରିଥିବା ବେଳେ ଉନ୍ନୟନ କାମ ଚାଲିଛି। ଉନ୍ନୟନ କାମ ତଦାରଖ ସହ କାର୍ଯ୍ୟନିର୍ବାହୀ ପୂର୍ତ୍ତ ବିଭାଗ ସହ ଆଲୋଚନା କରିଥିଲେ। ଗସ୍ତ ଅବସରରେ ପାଟଣାଗଡ ଉପଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ ଅର୍ଜୁନ ବେହେରା, ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇ, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ପରେ ହରିଶଙ୍କର ଠାରେ ମିଶନ ଶକ୍ତିର ମହିଳାଙ୍କ ଦ୍ୱାରା ପରିଚାଳିତ ମିଶନ ଶକ୍ତି କାଫେ ଓ ରେଷ୍ଟୁରାଣ୍ଟ ବୁଲି ଦେଖିବା ସହ ମହିଳାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

## ପଟ୍ଟା ପାଇଁ ପୌର କାର୍ଯ୍ୟନିବାହୀ ଅଧିକାରୀଙ୍କ ଦ୍ୱାରସ୍ଥ ସାହି ବାସିନ୍ଦା

ଜୟପୁର: ପଟ୍ଟା ପାଇଁ ଜୟପୁର ପୌର କାଯ୍ୟନିବାହୀ ଅଧିକାରିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସାହି ବାସିନ୍ଦା । ଜୟପୁର ସହର ବିଜୁ ରାଜା ନଗର ଅଂଚଳରେ ରହୁଥିବା ବାସିନ୍ଦା ମାନେ ପୌର କାଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ଦ୍ୱାରସ୍ଥ ହୋଇଥିଲେ । କାଉନସିଲର ପ୍ରବଣ କିଶୋର ନାୟକଙ୍କ ନେତୃତ୍ୱରେ ସାହି ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇ ଜାଗା ମିଶନ ଯୋଜନାରେ ତାଙ୍କୁ ପଟ୍ଟା ମିଳି ନାହିଁ ତୁରନ୍ତ ପଟ୍ଟା ପ୍ରଦାନ ପାଇଁ ଦାବି କରିଥିଲେ। ଏନେଇ ପୌର କାଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି ଯେ, ବିଜୁ ରାଜ ନଗର ଅଂଚଳ ସାହି ବାସିନ୍ଦା ଜଗନ୍ନାଥ ସାଗର ଜମିରେ ରହୁଥିବାରୁ ପଟ୍ଟା ଦେବାରେ ସମସ୍ୟ ଦେଖା ଯାଇଛି । ଏନେଇ ସମସ୍ୟାର ସମଧାନ ପାଇଁ ଉଦ୍ୟମ କରାଯିବ ।

### ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ସହ ରାୟଗଡ଼ା ଜିଲ୍ଲା ଲୋକ ପ୍ରତିନିଧିଙ୍କ ଆଲୋଚନା

# ନୂତନ ରାସ୍ତା ଓ ବିଜୁ ସେତୁ ଯୋଜନାରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ



ରାୟଗଡ଼ା (ପିପିଏସ୍): ରାୟଗଡ ଜିଲ୍ଲା ଲୋକ ପ୍ରତିନିଧିଙ୍କ ଭୁବନେଶ୍ୱର ଠାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ଓ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହ ରାୟଗଡ଼ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳର ଗ୍ରାମ୍ୟ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଥିଲେ ।ଏହି ଅବସରରେ ରାଜ୍ୟ ଅନୁସୂଚିତ ଜାତି,ଜନଜାତି ଓ ସଂଖ୍ୟାଲଘୁ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାଶ, ରାୟଗଡ଼ ବିଧାୟକ ମକରନ୍ଦ ମୁଦୁଲି ଓ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ପ୍ରସଙ୍ଗରେ ରାଜ୍ୟରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ୫୦ କିମି ନୂତନ ଗ୍ରାମ୍ୟ ରାସ୍ତା ନିର୍ମାଣ ସହ ବିଜୁ ସେତୁ ଯୋଜନାରେ ପ୍ରସ୍ତାବିତ ସମସ୍ତ ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଘଡେଇ ଲୋକ ପ୍ରତିନିଧିଙ୍କୁ ଆଶ୍ୱସନା ଦେଇଥିଲେ। ଆଲୋଚନା ବେଳେ ଗୁଣପୁର ନିର୍ବାଚନ ମଣ୍ଡଳୀର ଗୁଣପୁର -ନାଇରା, କର୍ଣ୍ଣପାଡୁରେ ବଂଶଧାରା ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା, ଗୁଡାରି ବ୍ଲକର ପଙ୍କବାଡି, ଗୁରୁଡ଼ି, ଡୁମୁରୁନେଲି, କର୍ଡ଼ିଲି, ଚକରପଡା, ଝୁରୁଡ଼ି, ମୁତୁକୁନି ଓ ରାମନାଗୁଡାର ଗାଜିଲିଗୁଡ଼ା ଗାଁକୁ ରାସ୍ତା ନିର୍ମାଣ ସହ ଅମିନିଙ୍ଗ ନିକଟରେ ସେତୁ ନିର୍ମାଣ ଉପରେ ଅବଗତ କରାଯାଇଥିଲା। ସେହିପରି ବିଷମକଟକ ନିର୍ବାଚନ ମଣ୍ଡଳୀରେ ବିଷମକଟକ-ଡୁକୁମ, ରଘୁବାରୀ-ଦିମିରିଗୁଡା କନ୍ଧମାଳ ସୀମାନ୍ତ, ଭାତପୁର -ଡ଼ଙ୍ଗର, ହୃଷିଖମ୍ବା-କୁରୁଜୁଗୁଡା, ତେଲେଙ୍ଗାପଦର ପର୍ଯ୍ୟନ୍ତ ରାସ୍ତା, କୋଲନରା ରୁ ଏମଏଲଏଗୁଡା ଏବଂ ପୂଜାରିଗୁଡ଼ାରୁ କଲ୍ୟାଣସିଂପୁର -ସାଜା, ବିଷମକଟକର ଡ଼ମ୍ବକୁପା -ଜଗନ୍ନାଥପୁର ସେତୁ ନିର୍ମାଣ ନେଇ ମଧ ଲିଖିତ ଦିଆଯାଇଥିଲା। ଏହା ବ୍ୟତିତ ରାୟଗଡା,କାଶୀପୁର ଓ ଗୁଣପୁର ବ୍ଲକ ଅଞ୍ଚଳର ଗ୍ରାମ୍ୟ ରାସ୍ତା ଓ ସେତୁ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟ ବିଜୁ ସେତୁ ଯୋଜନାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ରାଉରକେଲା ଇସ୍ପାତ କାରଖାନାରେ ବିପର୍ଯ୍ୟୟ ମୁକବିଲା ପ୍ରସ୍ତୁତିକୁ ସୁଦୃଢ ପାଇଁ ମକ୍‌ଡ୍ରିଲ




ରାଉରକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନାର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ଅନ୍ତର୍ଗତ ପାୱାର ବ୍ଲୋଇଙ୍ଗ ଷ୍ଟେସନର ଟର୍ବାଇନ ହଲ ଠାରେ ଗ୍ୟାସ ଲିକେଜ ଅଥବା ଅଗ୍ନିକାଣ୍ଡ ଜନିତ ଯେକୌଣସି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନଭେମ୍ବର ୨୫ ତାରିଖରେ ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ବୈଧାନିକ ଆବଶ୍ୟକତା ପୂରଣର ଅଂଶସ୍ୱରୂପ ଆରଏସପିର ଅନସାଇଟ ବିପର୍ଯ୍ୟୟ ପ୍ରବନ୍ଧନ ବ୍ୟବସ୍ଥା ଏବଂ ଏଥିସହିତ ଜଡିତ କର୍ମଚାରୀଙ୍କ କାର୍ଯ୍ୟ ନିପୁଣତାର ଆକଳନ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ମକ ଡ୍ରିଲରେ ଓଡିଶା ସରକାରଙ୍କ ଫେକ୍ଟୋରି ଓ ବୟଲର ବିଭାଗର ଉପ ନିର୍ଦ୍ଦେଶକ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ଏମକେ ମିଶ୍ର, ଆରଏସପିର ସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଦେବବ୍ରତ ଦତ୍ତ, ପାୱାର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବି ସୁନିଲ କାର୍ଥା, ଇଏମଡ଼ି ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ପିଏସ କନ୍ନନ, ସୁରକ୍ଷା ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ, ସୁଶ୍ରୀ ଆଶା କାର୍ଥା, ଅଗ୍ନିଶମ ସେବା ବିଭାଗର ଜିଏମ ଜେ ବି ପଟ୍ଟନାୟକ ମକ ଡ୍ରିଲର ନିରୀକ୍ଷଣ କରିଥିଲେ। ଏହି ଅବସରରେ ଇଏମଡ଼ି, ପରିବହନ, ସୁରକ୍ଷା, ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର, ସିଆଇଏସଏଫ ଓ ସିପିପି-୧ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଅଂଶଗ୍ରହଣକାରୀ କର୍ମୀଙ୍କୁ ତିନିଟି ଦଳ ଯଥା କମ୍ବାଟ ଦଳ, ରେସକ୍ୟୁ ଦଳ ଓ ଆନୁଷଙ୍ଗିକ ଦଳରେ ବିଭକ୍ତ କରାଯାଇଥିଲା। ଉକ୍ତ ଅଭ୍ୟାସର ସଫଳ ସମାପନ ନିମନ୍ତେ ସଂପୂର୍ଣ୍ଣ ଅଞ୍ଚଳକୁ କର୍ଡନ କରି ସିଆଇଏସଏଫ କର୍ମୀ ଦଳ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ମକଡ୍ରିଲ ସମ୍ପନ୍ନ ହେବାପରେ ଫେକ୍ଟୋରି ଓ ବୟଲର ବିଭାଗର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ, ସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଏବଂ ସୁରକ୍ଷା ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକଙ୍କ ଦ୍ୱାରା ଏହାର ସମୀକ୍ଷା ଓ ବିଶ୍ଳେଷଣ କରାଯାଇଥିଲା। ବରିଷ୍ଠ ଅଧିକାରୀମାନେ ସଂପୂର୍ଣ୍ଣ ଅଭ୍ୟାସର ଉଚ୍ଚ ପ୍ରଶଂସା କରିବା ସହିତ କେତେକ ଅଞ୍ଚଳରେ ଅଧିକ ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ। ସିଜିଏମ ପାୱାରଙ୍କ ତତ୍ତ୍ୱାବଧନାରେ ଜିଏମ (ଓ ଆଣ୍ଡ ଏମ) ଏନସି ପରିଡା ସଂପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହଯୋଗୀ ବିଭାଗଗୁଡିକର ସକ୍ରିୟ ସହାୟତାରେ ସିପିପି ବିଭାଗୀୟ ସାମୁଦାୟିକ ଏହି ଅଭ୍ୟାସ ସମ୍ପନ୍ନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ୩ ବିହାରୀ ଗିରଫ

ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୋଲିସ ସହର ଉପକଣ୍ଠରେ ଥିବା ବିଏନ ପ୍ୟାଲେଶରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଥିବାବେଳେ ଏଥିରେ ସମ୍ପୃକ୍ତ ୩ ଜଣ ବିହାରୀଙ୍କୁ ଗିରଫ କରିଛି। ପୋଲିସ୍ ଏହି ୩ ଜଣଙ୍କଠାରୁ ୩୭ କିଲୋ ଗଞ୍ଜେଇ ଜବତ କରିଛନ୍ତି. ଗିରଫ ହୋଇଥିବା ୩ ଚାଲାଣକାରୀ ମଧ୍ୟରେ ରବି କୁମାର, ରାଜନିଷ କୁମାର, ଅମନ କୁମାର ଏହି ୩ ଜଣ ବିହାରର ବୋଲି ଜଣା ପଡିଛି. ଏହି ୩ ଜଣ ୩ଟି ସୁଟକେଶରେ ଗଞ୍ଜେଇ ରଖି ଆନ୍ଧ୍ରକୁ ଯାଇ ଟ୍ରେନ ଯୋଗେ ବିହାର ଯିବାକୁ ପ୍ରୟାସ କରୁଥିବା ସମୟରେ ପାରଳାଖେମୁଣ୍ଡି ପୋଲିସ ହାତରେ ଧରାପଡିଛନ୍ତି. ଗତକାଲି ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି ।



### ଜାତୀୟ ଛାତ୍ର ଅନୁସନ୍ଧାନ ସମ୍ମିଳନୀ ୨୦୨୨-୨୩

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବାଲାଙ୍ଗୀରର ସଫଳତା




ବଲାଙ୍ଗିର(ପିପିଏସ୍): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀରର କମ୍ପ୍ୟୁଟର ସାଇନ୍ସ ବିଭାଗ ଗୁଜୁରାଟର ଗଣପତି ବିଶ୍ୱବିଦ୍ୟାଳୟ ଦ୍ୱାରା ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି, ମିଳିତ ସହଯୋଗରେ ଆୟୋଜିତ ଆନଭେସାନ୍ ୨୦୨୨-୨୩ଜାତୀୟ ଛାତ୍ର ଅନୁସନ୍ଧାନ ସମ୍ମିଳନୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ଦେବବ୍ରତ ଡନସନାଙ୍କ ସହ ରଜତ ସାହୁ ଏବଂ ତିନିଜଣ ଛାତ୍ର ସୋମିଆ ପୋଡା (ନେତା), ପାର୍ଥ ପ୍ରତୀମ ଖାମାରି ଏବଂ ସମୀର ଜେନାଙ୍କ ଦ୍ୱାରା "କୋସମିକ କୋଡର" ନାମକ ଏକ ଦଳ ଏହି ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିଥିଲେ। ଦଳର ଉଦ୍ଭାବନ ପ୍ରୋଜେକ୍ଟରେ ଲୋକମାନେ ସେମାନଙ୍କର ପ୍ରତିଦିନ ଜୀବନରେ ସମ୍ମୁଖୀନ ହେଉଥିବା ଉଦାସୀନତା ଏବଂ ଆତ୍ମହତ୍ୟା ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଥିଲେ, ଯାହା ବିଚାରପତି ଏବଂ ଦର୍ଶକଙ୍କୁ ପ୍ରଭାବିତ କରିଥିଲା ଏବଂ ସେମାନଙ୍କୁ ୫୦,୦୦୦ଟଙ୍କା ପୁରସ୍କାର ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଜୋନ୍ (ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଏବଂ କେନ୍ଦ୍ରୀୟ) ର ୧୪ ଟି ବିଶ୍ୱବିଦ୍ୟାଳୟ ଏବଂ ୧୬ ଟି ରାଜ୍ୟରୁ ୭୬ଟି ପ୍ରକଳ୍ପ ଏବଂ ୧୬୫ ଜଣ ଅଂଶଗ୍ରହଣକାରୀ ଅଂଶଗ୍ରହଣର ସାକ୍ଷୀ ରହିଥିଲା, ଏହି କାର୍ଯ୍ୟକ୍ରମ ୧୬, ୧୭ ମାର୍ଚ୍ଚ ୨୦୨୩ ରେ ଆୟୋଜିତ ହୋଇଥିଲା । ଏହି ସଫଳତା ଦଳ ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବାଲାଙ୍ଗୀର ପାଇଁ ଅପାର ଗରବ ଏବଂ ଗର୍ବ ଆଣିଛି । ଏହି ସ୍ମାରକୀ ତଥା ପ୍ରେରଣାଦାୟକ ସଫଳତାକୁ ପାଳନ କରିବା ପାଇଁ କ୍ୟାମ୍ପସରେ ଏକ ସମାରୋହ ଆୟୋଜନ କରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାବାଲାଭା ମହାପାତ୍ର, ରେଜିଷ୍ଟ୍ରାର ଶ୍ରୀ ଯୋର୍ଡ଼ିଷ୍ଟର ନାୟକ ଏବଂ ପିଜି କାଉନସିଲର ଅଧକ୍ଷ ଡି. ମେହେର ।

# ଜେସିଆଇ ବଲାଙ୍ଗୀର ସିଟି ଦ୍ୱାରା ପ୍ରିୟ ଜିନ୍ଦେଗୀ କାର୍ଯ୍ୟଶାଳା

ବଲାଙ୍ଗୀର (ପିପିଏସ୍): ଆମେ ସମସ୍ତେ ୫୦ ବୟସରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା କି ? ଏହି ପ୍ରଶ୍ନ ପ୍ରାୟତଃ ଆମ ସମସ୍ତଙ୍କ ମନରେ ଉଠିଥାଏ । ଯେତେବେଳେ ଆମେ ୫୦ରୁ ଉର୍ଦ୍ଧ ଆମ ଜୀବନର ନୂତନ ଦିଗ ସହିତ ଆମକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ସମସ୍ତ ପ୍ରଶ୍ନର ଉତ୍ତର ସହିତ ପ୍ରଥମଥର ପାଇଁ ଜେସିଆଇ ବଲାଙ୍ଗୀର ସିଟି ପ୍ରିୟ ଜିନ୍ଦେଗୀ ପାରିବାରିକ ସମ୍ପର୍କର ଉପରେ କର୍ମଶାଳା କରିଥିଲା। ସୃଷ୍ଟି ଅଗ୍ରୱାଲ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଜେସି ଜାକିର ହୁସେନ୍ ତାଙ୍କ ପ୍ରଭାବ ସାଲି ବକ୍ତ୍ୟବ୍ୟ ଦ୍ୱାରା ୧୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କ ହୃଦୟକୁ ଆକର୍ଷିତ କରିଥିଲେ। ଜେସି ଜାକିର ହୁସେନ୍ କହିଛନ୍ତି ଯେ ନିୟମିତ ବ୍ୟାୟାମ ସହିତ ଆପଣଙ୍କ ଚିନ୍ତାଧାରାକୁ ମଧ୍ୟ ଶୁଦ୍ଧ ଏବଂ ସକରାତ୍ମକ ରଖିବା ଉଚିତ୍। ଆମେ ଦିନର ଶବ୍ଦ ଏବଂ ଚାପଠାରୁ ଦୂରରେ ରହିବା ଏବଂ ଧ୍ୟାନ ଭଳି ପ୍ରାକୃତିକ ପ୍ରକ୍ରିୟାକୁ ବ୍ୟବହାର କରିବା ଉଚିତ୍ । ଯେତେବେଳେ ଆମେ ୫୦ ବର୍ଷରୁ ଉର୍ଦ୍ଧ , ଆମ ପିଲାମାନଙ୍କ ବିବାହ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ନିଜ ନିଜ ପାଦରେ ଛିଡ଼ା ହେବାକୁ ପଡ଼ିବ । ଆମେ ସେମାନଙ୍କ ସହିତ ସମ୍ପର୍କ ରଖିବା ଏବଂ ସେମାନଙ୍କ ସମ୍ପର୍କକୁ ମଜବୁତ କରିବା ପାଇଁ ସେମାନଙ୍କ ସହିତ ସମୟ ବିତାଇବା ଉଚିତ୍ । ଏହି ଯୁଗରେ ଆମର ଆର୍ଥିକ ସ୍ଥିତିର ମଧ୍ୟ ଯତ୍ନ ନେବାକୁ ଗୁରୁତ୍ୱ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜଣେ ସାହସୀ ସୈନିକ ଙ୍କ ପତ୍ନୀ ଶ୍ରୀମତୀ ସୌଦାମିନୀ ପ୍ରଧାନ ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସଂସ୍ଥା ରୁ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସଚିବ ଅଭିଲାଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସଫଳ କରିବା ରେ ରାଜେଶ ଅଗ୍ରୱାଲ ଏବଂ ଶ୍ରୀମତୀ ଅନୀତା ଅଗ୍ରୱାଲଙ୍କ ବହୁ ସହଯୋଗ ମିଳିଥିଲା

# ଏକାକୀ ମହିଳାଙ୍କୁ ନେଇ କର୍ମଶାଳା




ଟିଟିଲାଗଡ଼(ପିପିଏସ୍): ବୃଦ୍ଧ ବୃଦ୍ଧାଙ୍କୁ ଗାଁରେ ପେନ୍‌ସନ ଯୋଗାଇ ଦେବା ପାଇଁ ଦାବି କଲେ ପେନ୍‌ସନ ପାଇଁ ବ୍ୟାଙ୍କକୁ ଯାଇ ନୟାନ୍ତ ହେଉଛନ୍ତି ବୃଦ୍ଧବୃଦ୍ଧା। ଟିଟିଲାଗଡ଼ ବ୍ଲକ ଅଧିନସ୍ଥ ମହୁଲପଡା ଗ୍ରାମ ପଂଚାୟତ ପରିସରରେ ମିଡ଼ିଆ, ପିଆର୍‌ଆଇ ମେମ୍ବର ଏବଂ ନିରୀହ ଏକାକୀ ମହିଳାମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏକ୍ସନଏଡ ଆନୁକୂଲ୍ୟ ରେ ଆୟୋଜିତ ଏହି କର୍ମଶାଳା କୁ ଅନୁଷ୍ଠାନ ଗୋଷ୍ଠୀ ସଂଚାଳକ ମୁରଲୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ସମାଜରେ ଏକାକୀ ଭାବରେ ରହିଯାଇଥିବା ମହିଳା, ସ୍ୱାମୀ ପରିତ୍ୟକ୍ତା, ବିଧବା ମହିଳା, ବୃଦ୍ଧା, ଅବିବାହିତା ବୟସ୍କ ମହିଳାମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସାମାଜିକ ସୁରକ୍ଷା, ସାମାଜିକ ନିରାପତ୍ତା ଭିତିରେ ଅଗ୍ରାଧିକାର, ବିଭିନ୍ନ ଯୋଜନା ରେ ସେମାନଙ୍କୁ ସାମିଲ କରିବା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା, ମନରେଗା ଯୋଜନା ରେ ସାମିଲ ହୋଇ କର୍ମନିଯୁକ୍ତି ପାଇବା, ବିଭିନ୍ନ ପ୍ରକାର ଭତ୍ତା,ପକ୍କାଘର ଯୋଜନା ରେ ସାମିଲ ହେବା ସହ ସମାଜରେ ସୁରକ୍ଷିତ ଭାବରେ ଜୀବନ ଯାପନ କରିବା ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ରେ ଅନେକ ବୃଦ୍ଧ ବୃଦ୍ଧା ସେମାନଙ୍କର ଭତ୍ତାଗୁଡିକ ବ୍ୟାଙ୍କ ପାସ ବୁକ ରେ ଜମା ହେଉଥିବା ବେଳେ ବର୍ତମାନ ସମୟରେ ଅନେକ ବୃଦ୍ଧ ବୃଦ୍ଧା ଙ୍କ ଟିପ ଚିହ୍ନ ମେଳ ଖାଉ ନଥିବାରୁ ଅନେକ ସମସ୍ୟା ର ସମ୍ମୁଖିନ ହେଉଥିବା ବେଳେ ଅନେକ ବୃଦ୍ଧ ବୃଦ୍ଧା ବ୍ୟାଙ୍କ କୁ ପେନସନ ପାଇଁ ଯିବା ପାଇଁ ଅଟୋ ରିକ୍ସା ଭଡା ରେ ସବୁ ଟଙ୍କା ଚାଲି ଯାଉଥିବା ଅଭିଯୋଗ କରି ପଂଚାୟତ ଅଫିସ ଗୃହ କିମ୍ବା ପୂର୍ବ ଭଳି ସେମାନଙ୍କୁ ସେମାନଙ୍କ ଗା ରେ ଯୋଗାଇ ଦେଲେ ଉପକୃତ ହେବେ ବୋଲି କହିଥିଲେ। ପରେ ଉପସ୍ଥିତ ଶ୍ରମିକ ମାନଙ୍କୁ ଏକ୍ସନଏଡ ଏବଂ ପଂଚାୟତ ତରଫରୁ ଜବ କାର୍ଡ ବଣ୍ଟନ କରାଯାଇଥିଲା। ଏହି କର୍ମଶାଳା ରେ ସରପଞ୍ଚ ଉର୍ବଶୀ ଘିଭେଲା, ଗ୍ରାମ ରୋଜଗାର ସେବକ ବୁଲୁ ପ୍ରଧାନ, ଗ୍ରାମ ସାଥି ଜଗବନ୍ଧୁ ଠାକୁର, ରୋହିତ ବାଗ, ନୀଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି, ପ୍ରମୁଖ ଉପସ୍ଥିତ ରହିଥବା ବେଳେ ଅଜୟ କୁମାର ଏବଂ ହରି ମହାନନ୍ଦ ସହଯୋଗ କରିଥିଲେ।

# ବିଜୁ ଜନତା ଦଳର ମିଶ୍ରଣ ପର୍ବ



ବଲାଙ୍ଗୀର(ପିପିଏସ): ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ ଠାରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ଆଦର୍ଶ ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କଂଗ୍ରେସ ଓ ବିଜେପି ଦଳର କର୍ମୀମାନେ ସ୍ୱତପ୍ରବୃତ୍ତ ଭାବରେ ବିଜେଡିରେ ସାମିଲ ହୋଇଥିଲେ। ବଲାଙ୍ଗୀରର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ଫୁଲତୋଡା ଓ ଅଙ୍ଗବସ୍ତ୍ର ଦେଇ ନୂତନ ସଭ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶୈଳେଶ୍ରୀ ପ୍ୟାଲେସଠାରେ ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ବଲାଙ୍ଗୀରର ବିଜେଡିର ବହୁ ସଭ୍ୟ, ସଭ୍ୟା ଯୋଗ ଦେଇ ନୂତନ ସଭ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ମୁନିସିପାଲିଟି ପୌରାଧକ୍ଷା ଲିକା ସାହୁ, ଜିଲ୍ଲା ପରିଷଦ ଅଧକ୍ଷ ଦେବକୀ ସାହୁ, ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ବିଜେଡି ଟାଉନ୍ ସଭାପତି ଶମ୍ଭୁ ନାଗ ପ୍ରମୁଖ ମଂଚାସୀନ ରହି ଉଦ୍‌ବୋଧନ ଦେଇଥିଲେ । ବରିଷ୍ଠ କଂଗ୍ରେସ କର୍ମୀ ତଥା ଲୋଇସିଂହାର ସରପଂଚ ନବକିଶୋର ନାଏକଙ୍କ ସମେତ ବହୁ ପୁରୁଖା କଂଗ୍ରେସ କର୍ମୀ କଂଗ୍ରେସ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି । ଅନ୍ୟ ଦଳରୁ ଆସି ଶତାଧିକ ସଂଖ୍ୟାରେ ବିଜେଡିରେ ଯୋଗଦାନ ଆଗାମୀ ଦିନରେ ବଲାଙ୍ଗୀର ବିଜେଡିର ଶକ୍ତି ବୃଦ୍ଧି ହେବା ସହ ସଂଗଠନ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗଲେ ୩୦ ଯୁବକ ଯୁବତୀ

ମାଲକାନଗିରି, (ହି.ସ.)- ମଧ୍ୟପ୍ରଦେଶ ଇନ୍ଦୋର ଓ ପଞ୍ଜାବ ଅମୃତସର ଠାରେ ଆୟୋଜିତ ଯୁବ ମହୋତ୍ସବକୁ ମାଲକାନଗିରି ଜିଲ୍ଲାର ୩୦ ଜଣ ଆଦିବାସୀ ଯୁବକ ଯୁବତୀ ଯାତ୍ରା କରିଛନ୍ତି। ମାଲକାନଗିରି ଠାରେ ଶୁକ୍ରବାର ଆୟୋଜିତ ଏକ ସମାରୋହରେ ବିଏସଏଫ କମାଣ୍ଡାଂଟ ଶିବ ଓମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହ ଉଦବୋଧନ ଦେଇ ସବୁଜ ପତାକା ଦେଖାଇଥିଲେ । ସେମାନଙ୍କ ଯାତ୍ରାର ସଫଳ କାମନା କରଥିଲେ ।

ଏହି କାର୍ଯ୍ୟକ୍ରମରେ ବିଏସଏଫ ବାଟାଲିୟନର ଏ କେ ସିଂ, ଡେପୁଟୀ କମାଣ୍ଡେଂଟ ଶୁଭ ରଞ୍ଜନ ମହାପାତ୍ର, ଆସିଷ୍ଟାଣ୍ଟ କମାଣ୍ଡେଂଟ ଶ୍ରଦ୍ଧା କର ପାତ୍ରୀ, ନେହୁର ଯୁବକେନ୍ଦ୍ରର ପ୍ରତିନିଧି ସନ୍ତୋଷ ପାତ୍ର ଏବଂ ଅନ୍ୟାନ୍ୟ ବିଏସଏଫ୍ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମଧ୍ୟପ୍ରଦେଶ ଇନ୍ଦୋରକୁ ୧୦ ଜଣ ଓ ପଞ୍ଜାବ ଅମୃତସରକୁ ୨୦ ଜଣ ଯୁବଗୋଷ୍ଠୀଙ୍କୁ ପଠା ଯାଇଛି। ସେମାନଙ୍କ ମଧ୍ୟରେ ୮ ଜଣ ଯୁବତୀ ଅଛନ୍ତି। ମାଲକାନଗିରି ଜିଲ୍ଲାର ମୋଟ ୩୦ ଜଣ ପ୍ରାର୍ଥୀ ଯେଉଁମାନେ ଦୁର୍ଗମ ଦୂରଦୂରାନ୍ତର ଗ୍ରାମରୁ ଆସିଛନ୍ତି। ୩ ଜଣ ବିଏସଏଫ୍ ଅଧିକାରୀ ସେମାନଙ୍କ ସହିତ ଏସକର୍ଟ ଭାବରେ ଯାଇଛନ୍ତି। ଏହି ଭ୍ରମଣ ସମୟରେ ଯୁବଗୋଷ୍ଠୀ ମାନେ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ୨୦ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଓ ପଞ୍ଜାବର ଅମୃତସରରେ ୨୧ ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ । ନେହେରୁ ଯୁବା କେନ୍ଦ୍ର ସଂଗଠନ (ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ) ସହଯୋଗରେ ସୀମା ସୁରକ୍ଷା ବଳ (ଗୃହ ମନ୍ତ୍ରଣାଳୟ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହାପୂର୍ବରୁ ୧୪/୧୫ ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ୨୦୨୨-୨୩ ଅନ୍ତର୍ଗତ ୯ ଟି ପର୍ଯ୍ୟାୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରୀ, ନୂଆଦିଲ୍ଲୀ, ଚଣ୍ଡିଗଡ଼ ଏବଂ କୋଚି,ଫଂଚୁକୋଲା, ହାଇଦ୍ରାବାଦ, ଶିମିଳା, କୋଏମ୍ବାଟୁରରେ ସଫଳତାର ସହ ସମାପ୍ତ ହୋଇଥିଲା, ଯେଉଁଥିରେ ମାଲକାନଗିରି ଜିଲ୍ଲାର ମୋଟ ୩୦୪ ଜଣ ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।

# କେବୁଲ ତାର ପୋଡି ଅଗ୍ନିକାଣ୍ଡ

ବଲାଙ୍ଗିର (ପିପିଏସ):ବଲାଙ୍ଗିର ସହର ପେଲେସ ଲାଇନ ଠାରେ କେବୁଲ ତାର ଗୁଡିକ ପୋଡି ଅଗ୍ନିକାଣ୍ଡ ଘଟିଛି । ଏଥିରେ କାହାର କିଛି କ୍ଷତି ହୋଇନଥିଲେ ହେଁ ସମସ୍ତ ତାର ପୋଡି ନଷ୍ଟ ହୋଇଥିବା ଜଣାପଡିଛି ।

ସୂଚନା ଅନୁସାରେ ଶୁକ୍ରବାର ସକାଳେ ପେଲେସଲାଇନ ଠାରେ ହଠାତ ତାର ପୋଡିବାର ଲାଗିଥିଲା । ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର କରିଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ । ତେବେ କେମିତି କେବୁଲ ତାର ରେ ନିଆଁ ଲଗିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ସର୍ଟସାର୍କିଟ ଯୋଗୁଁ ଏଭଳି ଘଟିଥାଇ ପାରେ ବୋଲି କୁହାଯାଉଛି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ନର୍ସିଂର ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଶପଥପାଠ ଉତ୍ସବ




ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ନର୍ସିଂ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦୀପ ପ୍ରଜ୍ୱଳନ ଓ ଶପଥ ପାଠ ଉତ୍ସବ ବିଶ୍ୱବିଦ୍ୟାଳୟ ପରସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟ ଏଙ୍ଗେଲଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସ୍ଥିତ କଲେଜ ଅଫ ନର୍ସିଂର ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଯୋଗ ଦେଇ ପ୍ରଥମ ବର୍ଷର ନର୍ସିଂ ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇବା ସହ କଠିନ ପରିଶ୍ରମ, ସାମାଜିକ ସେବା ସହ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ନର୍ସିଂ ଛାତ୍ରଛାତ୍ରୀମାନେ ଏହି ନର୍ସିଂ ବୃତ୍ତିଗତ ଶିକ୍ଷାକୁ ଭଲପାଇବା ସହ ଭବିଷ୍ୟତରେ କିପରି ସଫଳତା ପାଇ ପାରିବେ ସେ ନେଇ କହିଥିଲେ। ବିଶ୍ୱ ବିଦ୍ୟାଳୟର କୁଳପତି ଡ.ବିନୟ କୁମାର ମିତଲ୍ ଯୋଗ ଦେଇ ଏହି ନର୍ସିଂ ପାଠ୍ୟକ୍ରମ ଦ୍ୱାରା ସେବା କ୍ଷେତ୍ରରେ ନିଜକୁ ସାମିଲ ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସ୍କୁଲ ଅଫ ନର୍ସିଂର ଅଧକ୍ଷ କେ. ସି. ସୁରେଶ ବାବୁ ମଞ୍ଚାସିନ ଥିଲେ। ଏହି ଉତ୍ସବରେ ଅଧ୍ୟାପିକା ବି. ନିତ୍ୟା ସ୍ୱାଗତ ଭାଷଣ ଦେଇଥିବା ବେଳେ ରତନ କୁମାର ଧନ୍ୟବାଦ୍ ଅର୍ପଣ ଓ ଅଧ୍ୟାପିକା ଗାୟତ୍ରୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ରେଜିଷ୍ଟ୍ରାର ଡ. ଏନ ଭିଜେ ରାଓ, ଅଧ୍ୟାପକ, ଅଧ୍ୟାପିକା ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଭଦ୍ରକ ରେଳଷ୍ଟେସନକୁ ଏ-୧ ଶ୍ରେଣୀର ଷ୍ଟେସନ କରାଯିବ
## ଭଦ୍ରକ ରେଳବାଇ ପରାମର୍ଶ ଦାତା କମିଟି ବୈଠକରେ ନିଷ୍ପତ୍ତି



ଭଦ୍ରକ, (ପିପିଏସ) : ଆଜି ଭଦ୍ରକ ରେଳଷ୍ଟେସନ ପରିସରରେ ଥିବା କନଫରେନ୍ସ ହଲରେ ପରାମର୍ଶଦାତା କମିଟିରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ ପାଳନ କରୁଥିବା ରେଳବାଇ ତରଫରୁ ମଧ ରାଜ୍ୟର ଏହା କିଛି ବଛା ବଛା ଷ୍ଟେସନ ମାନଙ୍କରେ ଏହି ଉତ୍ସବକୁ ଧୁମ୍ଧାମରେ ପାଳନ କରିବା ପାଇଁ ଯାଉଛନ୍ତି। ଭଦ୍ରକ ଷ୍ଟେସନରେ ବି ଏହି ଉତ୍ସବ ପାଳନ କରାଯିବ, ସେଥିପାଇଁ ଷ୍ଟେସନକୁ ସୌନ୍ଦର୍ଯ୍ୟକରଣ କରାଯିବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତା' ପୂର୍ବରୁ ସାରିବା ସହ ଏ-୧ ଷ୍ଟେସନ ମାନ୍ୟତା ପାଇଛି। ଏହି ଷ୍ଟେସନକୁ ଅତ୍ୟାଧୁନିକ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଏସିଏମ୍ ବି.କେ. ପ୍ରଧାନ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ ଓ ଏଥିପାଇଁ କାମ ଆରମ୍ଭ ହୋଇ ସାରିଛି ବୋଲି ପ୍ରକାଶ କରିଥିଲେ। ଭଦ୍ରକରୁ ସ୍ୱତନ୍ତ୍ର ମେମୋ ଟ୍ରେନ୍ ଚାଲିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବରୁ ଘୋଷଣା କରିଥିବାରୁ ତା ଉପରେ ଆଲୋଚନା ହୋଇ ରେଳବାଇ ବୋର୍ଡଙ୍କ ନଜରକୁ ଅଣାଯାଇ ତ୍ୱରିତ ଘୋଷଣା କାର୍ଯ୍ୟକାରୀ କରିବାକୁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଭଦ୍ରକ ପୌରପାଳିକା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ରାଉତ ଯୋଗଦେଇ ଷ୍ଟେସନ ପାର୍ଶ୍ୱବର୍ତ୍ତୀ ରାସ୍ତାକୁ ପ୍ରଶସ୍ତିକରଣ, ମରାମତି ପାଇଁ ପୌରପାଳିକା କାମ ଆରମ୍ଭ କରିବା ପାଇଁ ଯାଉଥିବାରୁ ରେଳବାଇର ସହଯୋଗ କାମନା କରିବା ସହ ଷ୍ଟେସନ ବାହାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ପୌରପାଳିକା ନିଜ ଖର୍ଚ୍ଚରେ ଏକ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରିବା ପାଇଁ ଆବଶ୍ୟକୀୟ ଜମି ଯୋଗାଇଦେବା ପାଇଁ ମଧ ସିଦ୍ଧାନ୍ତ ନିଆଯାଇଥିଲା। ପୌରପାଳିକା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ରାଉତ ଓ ପରାମର୍ଶଦାତା, କମିଟିର ସଦସ୍ୟ ସୀତାକାନ୍ତ ଦାସ, ରମେଶ ବେହେରା, ଅଧିବକ୍ତା ଗଦାଧର ବଳ, ଅଧିବକ୍ତା ଅତିଶ କୁମାର ବେହେରା, ଖୋର୍ଦ୍ଧା ରୋଡ୍ ପରାମର୍ଶଦାତା କମିଟି ସଦସ୍ୟ ଶିଶିର ମିଶ୍ର, ରେଳ ବିଭାଗର ଏସିଏମ ବି.କେ. ପ୍ରଧାନ, ଷ୍ଟେସନ ମାଷ୍ଟର ସୁବାସ ଚନ୍ଦ୍ର ବେହେରା, ଭଦ୍ରକ ସିସିଆଇ, ଏସକେ ବେହେରା, କାର୍ମିକ ବିଭାଗ କନିଷ୍ଠ ଯନ୍ତ୍ରୀ, ସୁବ୍ରତ ରଇତା, ଟେଲିକମ୍ କନିଷ୍ଠ ଯନ୍ତ୍ରୀ ଜେ.କେ. ସାହୁ, ଜିଆରପି ଅଧିକାରୀ ଆର ଶଙ୍କର ରାଓ, ରେଲ୍‌ୱେ ପୁଲି ଫୋର୍ସର ଅଧିକାରୀ ସୋନୁ କୁମାର, ସିଏଚ୍‌ଓଏଓ୍ ପି.କେ. ଶତପଥୀ, ଏସ.ଏସ.ଇଏଇ ପି.ଏନ. ହିଣ୍ଡୱାର, କନିଷ୍ଠ କିରାଣୀ ଶୁକଦେବ ଜେନା ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନା ଅଂଶଗ୍ରହଣ କରିବା ସହ ନିଜ ନିଜର ମତ ରଖିଥିଲେ।

## କିଡନୀ ରୋଗରେ ପୀଡ଼ିତ ମୃତ୍ୟୁଞ୍ଜୟଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ, (ପିପିଏସ) : ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବି ସଂଗଠନ ମା ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍ ପକ୍ଷରୁ କିଡନି ରୋଗରେ ପିଡିତ ମୃତ୍ୟୁଞ୍ଜୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟକି ଏରସମା ବ୍ଲକ ପଲିକଂଟା ପଂଚାୟତ ଅନ୍ତର୍ଗତ ମନ୍ଦିରା ଗ୍ରାମର ମୃତ୍ୟୁଞ୍ଜୟଙ୍କ ବୟସ ୨୬ବର୍ଷ। ଗତ କିଛିମାସ ହେବେ ସେ କିଡିନ ରୋଗରେ ପିଡିତ ହୋଇ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ସ୍ଥାନୀୟ ଅଂଚଳରେ ସେ ଜଣେ ଭଲ କ୍ରିକେଟ ଖେଳାଳିଭାବେ ଜଣାଶୁଣା। ଭାଗ୍ୟର ବିଡମ୍ବନା ଏମିତିକି ତାଙ୍କର ଦୁଇଟି କିଡିନ ନଷ୍ଟ ହୋଇଯାଇଥିବାରୁ ସେ ଆପୋଲୋରେ ଚିକିତ୍ସିତ ଅଛନ୍ତି। ବାପା ଜଣେ ଅତ୍ୟନ୍ତ ଗରିବ ଲୋକ। ତାଙ୍କ ପୁଅକୁ କିଡିନ ଦେବାକୁ ଇଚ୍ଛୁକ। ଡାକ୍ତରଙ୍କ କହିବା ଅନୁସାରେ କିଡିନ ପ୍ରତିରୋପଣ ନିମନ୍ତେ ଦଶ ଲକ୍ଷ ଟଙ୍କା ଆବଶ୍ୟକ। ଏ ସମ୍ପର୍କରେ ଖବରପାଇ ମା ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍‌ର ସଭାପତି ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶକ୍ରମେ ସଂଯୋଜକ ରମେଶ ମଲ୍ଲିକ, ବରିଷ୍ଠ ସଭ୍ୟ ସର୍ବେଶ୍ୱର ମଲିକ, ନନ୍ଦ ନନ୍ଦନ ଜୟସିଂ, ବାବାଜି ରାଉତ, ସୂର୍ଯ୍ୟକାନ୍ତ ପାଳ, ରୁନିବାଳା ମଲିକ ପ୍ରମୁଖ ମୃତ୍ୟୁଞ୍ଜୟଙ୍କ ବାସଭବନରେ ପହଁଚି ତାଙ୍କୁ ୨୦ହଜାର ଟଙ୍କା ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ୫ଟି ଅଧିନସ୍ଥ "ଆମ ହସ୍ପିଟାଲ" ରୂପାନ୍ତିକରଣ କାର୍ଯ୍ୟକ୍ରମ
## ଜିଲ୍ଲାସ୍ତରୀୟ କମିଟି ପ୍ରଥମ ବୈଠକ ଅନୁଷ୍ଠିତ



କଟକ, (ପିପିଏସ) : ରାଜ୍ୟର ସମସ୍ତ ଜିଲ୍ଲାରେ ସଦରମହକୁମା, ଉପଖଣ୍ଡ ମାନଙ୍କରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଚିକିତ୍ସାଳୟ ଗୁଡିକୁ ୫ଟି ଆଧାରରେ "ଆମ ହସ୍ପିଟାଲ" ରୁପାନ୍ତିକରଣ କାର୍ଯ୍ୟକ୍ରମ ଜରିଆରେ ଉନ୍ନତିକରଣ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ କଟକ ଜିଲ୍ଲାର ୯ଟି ବିଧାନସଭା କ୍ଷେତ୍ରରେ ୯ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ୫ଟି ଆଧାରରେ "ଆମ ହସ୍ପିଟାଲ" କାର୍ଯ୍ୟକ୍ରମରେ ସାମିଲ କରାଯିବା ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡଃ. ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ୫ଟି ଅଧିନସ୍ଥ "ଆମ ହସ୍ପିଟାଲ" ରୂପାନ୍ତିକରଣ କାର୍ଯ୍ୟକ୍ରମ ଜିଲ୍ଲାସ୍ତରୀୟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ କଟକ ମହାନଗର ନିଗମର ଆୟୁକ୍ତ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ, ମଣ୍ଡଳ ଉନ୍ନୟନ ଅଧିକାରୀ, ସଂପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ଜାତୀୟ ସ୍ୱାସ୍ଥ୍ୟମିଶନର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ନେଇ ଏକ ୧୨ ଜଣିଆ କମିଟି ଗଠନ କରାଯାଇଥିବା ବେଳେ ଜିଲ୍ଲାପାଳ ଏହାର ଅଧକ୍ଷ ଅଛନ୍ତି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଆବହକ ଅଛନ୍ତି। ୫ଟି ଆଧାରରେ "ଆମ ହସ୍ପିଟାଲ" ରୂପାନ୍ତିକରଣ କାର୍ଯ୍ୟକ୍ରମ ଜରିଆରେ ଉକ୍ତ ୯ଟି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ଉନ୍ନତଧରଣର କରାଯିବା ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଭିତିଭୂମିର ଉନ୍ନତିକରଣ କରାଯାଇ ରୋଗୀମାନଙ୍କୁ ଉନ୍ନତମାନର ମୌଳିକ ଚିକିତ୍ସାସେବା ଯୋଗାଇଦିଆଯିବ। ଏଥିସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଆବଶ୍ୟକ ହେଉଥିବା ସମସ୍ତ ସୁବିଧା ଉପଲବ୍ଧ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରି ସଂପୃକ୍ତ ବିଭାଗର ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ଦିଗରେ ଜିଲ୍ଲାପାଳ ଡଃ.ଚୟନୀ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ପ୍ରକଳ୍ପ ଭାବେ ଗ୍ରହଣ କରି ଔପଚାରିକତା ସମସ୍ତ ଦସ୍ତାବିଜ ପ୍ରସ୍ତୁତ ସହ ସରକାରଙ୍କ ମଞ୍ଜୁରୀପ୍ରାପ୍ତ ପରେ ସମସ୍ତ କାର୍ଯ୍ୟ କରାଯିବା ସହ ପ୍ରତ୍ୟେକ ମାସ ଏକ ବୈଠକର ଆୟୋଜନ କରାଯାଇ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନା କରାଯାଇଥିଲା। ଆଜିର ଏହି ବୈଠକରେ କଟକ ମହାନଗର ନିଗମର ଆୟୁକ୍ତ ଶ୍ରୀ ନିଖିଲ ପଠାନ କଲ୍ୟାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅମ୍ବର କୁମାର କର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟମିଶନର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ଦୀପକ ସାହୁଙ୍କ ସମେତ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ, ସଂପୃକ୍ତ ଅଞ୍ଚଳର ବିଡ଼ିଓ, ସଂପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ

ବଡ଼ମ୍ବା, (ପିପିଏସ) : ବଡମ୍ବା ବ୍ଲକ ଅନ୍ତର୍ଗତ ବାଙ୍ଗିସିଙ୍ଗା ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ଜାତୀୟ ଧାନ ଗବେଷଣା ଅନୁଷ୍ଠାନ କଟକ ତରଫରୁ ଏକ ଲମ୍ପି ଚର୍ମ ରୋଗ ନିରାକରଣ ଓ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ କୃଷି ବିଜ୍ଞାନ କେନ୍ଦ୍ର କଟକର ପ୍ରାଣୀ ବିଜ୍ଞାନ ବିଶେଷଜ୍ଞ ଡାକ୍ତର ରଞ୍ଜନ କୁମାର ମହାନ୍ତି ଅଂଶ ଗ୍ରହଣ କରି ସ୍ଥାନୀୟ ଗାଇ ଗୋରୁଙ୍କୁ ଚିକିତ୍ସା କରିଥିଲେ, ଏଥିରେ ଲମ୍ପି ଚର୍ମ ରୋଗ ର ପରିଚାଳନା କିପରି କରିବେ ଓ ପ୍ରାଣୀ ମାନଙ୍କୁ ଏହି ରୋଗ କବଳରୁ ବଞ୍ଚାଇ ହବ ତା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ ଓ ଏହା ଛଡା ପଶୁ ପାଳନ ରେ ଦେଖା ଯାଉଥିବା ବିଭିନ୍ନ ନିଦାନ ତଥା ପଶୁ ମାନଙ୍କୁ କଣ ଖାଇବାକୁ ଦେଲେ ଅଧିକ ଲାଭ ମିଳି ପାରିବ ସେ ବିଷୟ ରେ ପରାମର୍ଶ ଦେଇଥିଲେ, ପ୍ରାଣୀ ମାନଙ୍କ ବିଭିନ୍ନ ସମସ୍ୟା ର ସମାଧାନ କରାଯିବା ସହିତ ଧାତବ, ଲବଣ, ଭିଟାମିନଗୁଣ୍ଡ ଓ ବିଭିନ୍ନ ସରକାରୀ ଔଷଧ ମାଗଣା ରେ ବିତରଣ କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ ବାଙ୍ଗିସିଙ୍ଗା ଓ ନିକଟସ୍ଥ ଗ୍ରାମ ରୁ ୭୦ ରୁ ଅଧିକ କୃଷକ ଓ କୃଷିଜୀବୀ ମହିଳା ମାନେ ଅଂଶ ଗ୍ରହଣ କରିଥିଲେ ଓ ଏହି କାର୍ଯ୍ୟକ୍ରମ କୁ ପ୍ରାଣୀମିତ୍ର ପୁଷ୍ପଲତା ସ୍ୱାଇଁ, କବିତା ମହାନ୍ତ, ଅହଲ୍ୟା ତଥା ବାଙ୍ଗିସିଙ୍ଗା ଗ୍ରାମ ର ମିଶନ ଶକ୍ତି ଓ ନିଗମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଅଧିକାରୀ ମାନେ ସହଯୋଗ କରିଥିଲେ।

## କୁଜଙ୍ଗ ବଜାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କୁଜଙ୍ଗ, (ପିପିଏସ) : ସର୍ବ ବୃହତମ ଓ ବହୁ ପ୍ରାଚୀନ କୁଜଙ୍ଗ ହାଟ ବଜାର ଓ ବ୍ଲକ, ତହସିଲ ପ୍ରଭୃତି କାର୍ଯ୍ୟାଳୟ ନିକଟସ୍ତ ରାସ୍ତା ପାର୍ଶ୍ୱ ମଧ ସ୍ୱଚ୍ଛ ଭାରତ ଅଭିଯାନର ବାସ୍ତବତାକୁ ପଦାରେ ପକାଇଛି। କୁଜଙ୍ଗ ଥାନା ନିକଟସ୍ତ ମୁଖ୍ୟ ରାସ୍ତା ଦେଇ କୋର୍ଟ, ଥାନା, ତହସିଲ, ବ୍ଲକକୁ ସକାଳ ହେଲେ ବିଚାରପତି, ତହସିଲଦାର, ମେଡିକାଲ ଅଫିସର, ଛୋଟବଡ ନେତା, ପିଅନ, କର୍ମଚାରୀ, ବ୍ଲକ ଅଧକ୍ଷ, ସରପଂଚ, ସମିତି ସଭ୍ୟ ଓ ଓ୍ୱାର୍ଡମେମ୍ବରମାନେ ମଧ ପ୍ରଶାସନିକ କେନ୍ଦ୍ର କାର୍ଯ୍ୟାଳୟକୁ ଆସିଥାନ୍ତି। ଉକ୍ତ ରାସ୍ତା ଦେଇ ମଧ ବହୁ ସମୟରେ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲ୍ଲା ସ୍ତରୀୟ ପଦାଧିକାରୀ ମଧ ଆସିଥାନ୍ତି। ବ୍ଲକ ନିକଟସ୍ଥ ମେହେଗାନୀ ଗଛ ଅଥବା ତହସିଲଦାରଙ୍କ କ୍ୱାଟରକୁ ଲାଗି ସର୍ବସାଧାରଣ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ସୁଲଭ ଶୌଚାଳୟ ନିକଟରେ ନିର୍ମାଣ କରାଯାଇଛି। ଏହା ବ୍ଲକ ଅଧକ୍ଷ ଓ ବିଡିଓଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ନିର୍ମାଣ ହେବାଦିନଠାରୁ ଉକ୍ତ ଶୌଚାଳୟଟି କୌଣସି ସର୍ବସାଧାରଣଙ୍କ ସେବାରା ଅଦ୍ୟାବଧି ଲାଗିପାରିଲା ନାହିଁ। ଉକ୍ତ ଶୌଚାଳୟଟିରେ ଆବଶ୍ୟକିୟ ସୁବିଧା ସୁଯୋଗ ନଥିବା ସାଙ୍ଗକୁ ମୌଳିକ ସୁବିଧା ମୁଖ୍ୟତ ପାଣି ମଧ ଏଠାରେ ନାହିଁ। ଅଳିଆ ଆବର୍ଜନାରେ ଭର୍ତି। ଠିକ୍ ସେହିପରି ବ୍ଲକ ପଡିଆର ଅଳିଆ ଅବର୍ଜନା ଓ ପୁତି ଗନ୍ଧମୟ ପରିବେଶ ବିଭାଗିୟ ଅଧିକାରୀମାନେ ଦେଖିନଦେଖିବାଭଳି ଚୁପ୍ ରହୁଛନ୍ତି।

## ଡ୍ରାଇଭରମାନଙ୍କ ଉଚିତ ଦାବି ପ୍ରତି ସରକାର ତୁରନ୍ତ ପଦକ୍ଷପ ନେଉ

କୁଜଙ୍ଗ, (ପିପିଏସ) : ଆମ ଦେଶର ସଡକ ପଥରେ ଯେଉଁ ଡ୍ରାଇଭରମାନଙ୍କୁ ଦେଖିବାକୁ ମିଳେ ସେମାନେ କମ ପାଠ ପଢିଥିବା ଯୋଗୁ ତାଙ୍କର ସମସ୍ୟା ସଠିକ ଢଙ୍ଗରେ ଉପସ୍ଥାପନା କରିପାରୁନାହାନ୍ତି। ସେଥିପାଇଁ ତାଙ୍କୁ ସମାଜରେ ନାନା ଅବହେଳା କରାଯିବା ସହିତ ସେମାନଙ୍କ ସମସ୍ୟାପ୍ରତି ଶାସକ ହେଉ କି ବିରୋଧି ଦଳ କାହର ଦୃଷ୍ଟି ପଡେନି। କିନ୍ତୁ ଦୁନିଆରେ ସବୁଠାରୁ ଶ୍ରେଷ୍ଠ ହେଉଛନ୍ତି ଡ୍ରାଇଭର। ଭଗବାନ ଶ୍ରୀକୃଷ୍ଣଙ୍କ ପରି। ଯିଏ ଅର୍ଜୁନଙ୍କ ରଥ ଚଳାଇଥିଲେ। ତେଣୁ ଶ୍ରୀକୃଷ୍ଣଙ୍କ ଭଳି ରାଜା, ମନ୍ତ୍ରୀ, ସଚିବ, ରୋଗି ଓ ସାଧାରଣ ଜନତାଙ୍କୁ ଯିଏ ପରିଶ୍ରମ କରି ପରିବହନ କରିଥାଏ। ଗୋଟିଏ ବସକୁ ଜଣେ ଡ୍ରାଇଭର ନିରାପଦରେ ଚଳାଉଥିବାବେଳେ ସମସ୍ତ ଯାତ୍ରୀ ଅନନ୍ଦରେ ବସିଛନ୍ତି। ଡ୍ରାଇଭର ଅନ୍ୟମାନଙ୍କ ଜୀବନ ବଂଚାଇ ନିଜ ଜିବିକା ନିର୍ବାହ କରିଥାନ୍ତି। ଏଣୁ ସରକାର, ବିରୋଧିଦଳ, ଏବଂ ସାଧାରଣ ଜନତା ଡ୍ରାଇଭର ମାନଙ୍କ ସମସ୍ୟାକୁ ବାସ୍ତବରେ ଜରୁରୀ ମନେକରି ତୁରନ୍ତ ଏଥିପ୍ରତି ପଦକ୍ଷପ ନେବାକୁ ସୋସାଇଟ ଚେଞ୍ଜର ସଭାପତି ସାରାଦା ପ୍ରଶାଦ ଦାସ, ବରିଷ୍ଠ ସାମ୍ବାଦିକ ହରିଗୁରୁ ଦାସ, ଗୌରହରି ସ୍ୱାଇଁ, ଗିରିଜା ପ୍ରସାଦ ମହାନ୍ତି ପ୍ରମୁଖ ନିବେଦନ କରିଛନ୍ତି।

## ହେପ୍ପୀ ହୋମ୍ ସ୍କୁଲର ବାର୍ଷିକ ଉତ୍ସବ
# ଆକର୍ଷଣୀୟ ମଞ୍ଚ ଉପରେ ଛାତ୍ରଛାତ୍ରୀଙ୍କ ଚିତ୍ତାକର୍ଷକ ନୃତ୍ୟ ଓ ଅଭିନୟ




ଭଦ୍ରକ, (ପିପିଏସ) : ଭଦ୍ରକ ସ୍ଥିତ ହେପ୍ପୀ ହୋମ୍ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପର୍ଶୁରାମ ଜେନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପବିତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ପ୍ରଭାବୀ ବକ୍ତବ୍ୟ ରଖିଥିଲେ। ନିଜ ଉଦବୋଧନ ବେଳେ ନିଜ ଜୀବନଯାତ୍ରାର କେତେଗୁଡିଏ ଦିଗ ପ୍ରତି ପିତାମାତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ, ସେମାନେ ସେମାନଙ୍କ ପୁତ୍ରକନ୍ୟା ମାନଙ୍କର ରୁଚି ଆବିଷ୍କାର କରି, ସେମାନଙ୍କ ପ୍ରତିଭାର ପ୍ରସାର ପାଇଁ ଯତ୍ନ ନିଅନ୍ତୁ ବୋଲି ଉପଦେଶ ଦେଇଥିଲେ। ନିଜ ସ୍ୱପ୍ନକୁ ସନ୍ତାନ ସନ୍ତତି ମାନଙ୍କ ଉପରେ ନଦିଦେବା ଭୂଲ୍ ହେଇଯିବ ବୋଲି ସେ ସମସ୍ତଙ୍କୁ ସତର୍କ କରିଥିଲେ। ଆରମ୍ଭରେ ଅଧାପିକା ପ୍ରତିଭା ତିୱାରୀ ମୁଖ୍ୟ ଅତିଥି ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତର ଶବ୍ଦ ରଖିଥିଲେ। ସଂଯୋଗ କ୍ରମେ ଏହି ଦିବସଟି ମୁଖ୍ୟ ଅତିଥିଙ୍କ ଜନ୍ମଦିନ ହୋଇଥିବାରୁ ଛାତ୍ରଛାତ୍ରୀ ମାନେ ମଞ୍ଚ ଉପରେ କ୍ୟାଣ୍ଡଲ୍ ଓ କେକ୍ ସହ 'ହେପ୍ପୀ ବର୍ଥ ଡେ ଟୁ ୟୁ' ସଙ୍ଗୀତ ଗାଇଥିଲେ। ବିଦ୍ୟାଳୟର ଅଧାପିକା ତଥା ସଂଯୋଜିକା ପ୍ରଜ୍ଞା ପରିମିତା ପଲାଇ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ସର୍ବଭାରତୀୟ ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭାରତର ବିଭିନ୍ନ ମର୍ଯ୍ୟାଦାଜନକ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଯୋଗ ଦେଇଥିବା ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନେ ହେଲେ, ଆଇ.ଆଇ.ଏମ୍. କୋଲକାତାର ଛାତ୍ର, ପୃଥ୍ୱିପ୍ରିତମ୍ ମହଲା, ଆଇ.ଆଇ.ଟି. ଖଡ଼ଗପୁରର ଦୁଇଜଣ ଛାତ୍ର, ଉତ୍କର୍ଷ ଗୁପ୍ତା ଓ ଦେବାଶିଷ ଟୁଡୁ, କଟକ ସ୍ଥିତ ଏସ୍.ସି.ବି ମେଡ଼ିକାଲ୍ କଲେଜ ଛାତ୍ରଛାତ୍ରୀ ଯଥା- କାଜଲ୍ ଗୁପ୍ତା, ପ୍ରିୟଙ୍କା ସାହୁ, ପ୍ରିୟରଞ୍ଜନ ରାଉତ, ଫରହୀନ୍ ସାଦ୍; ବୁର୍ଲା ସ୍ଥିତ ଭିମସାର୍ ର ଛାତ୍ରୀ ଜ୍ୟୋତିର୍ମୟୀ ସାମଲ ଓ ଛାତ୍ର ପବିତ୍ର ମୋହନ ସୂତାର, ବରହମପୁର ସ୍ଥିତ ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ ଛାତ୍ର ସୌଭାଗ୍ୟ ଦେବଦର୍ଶୀ ବାରିକ, କୋରାପୁଟ ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ୍ କଲେଜ ଛାତ୍ରୀ ଭାବନା ଗୁପ୍ତା ଓ ବିବି ମେଡ଼ିକାଲ୍ କଲେଜ ଛାତ୍ର ସାଗର ରାଜ୍ ନାୟକ। କାର୍ଯ୍ୟକ୍ରମ ଅନୁସାରେ ଗତ ଶିକ୍ଷାବର୍ଷର ଆଇ.ସି.ଏସ୍.ଇ. ଦଶମ ପରିକ୍ଷାରେ ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖିଥିବା ଛାତ୍ର ଶୁଭମ୍ ବାରିକ ଙ୍କ ସହ ୯୦ ପ୍ରତିଶତ ନମ୍ବର ରଖିଥିବା ୨୧ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ସହିତ, ବିଦ୍ୟାଳୟର ୫ମ ଶ୍ରେଣୀରେ ଅଧ୍ୟୟନରତ ପ୍ରତିଭା ସମ୍ପର୍ଣ୍ଣ ଛାତ୍ର ଆଦେଶ ଜେନା ଙ୍କୁ ରାଜ୍ୟ ଅଲିମ୍ପିଆଡ୍ ରେ ଗଣିତ, ବିଜ୍ଞାନ ଓ ଇଂରାଜୀ ବିଷୟରେ ତିନିଟି ସ୍ୱର୍ଣ୍ଣ ପଦକ ହାସଲ କରିବା ନିମନ୍ତେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବା ସହ ଅଷ୍ଟମ ଶ୍ରେଣୀର ଛାତ୍ରୀ, ବିଶିଷ୍ଟ ନୃତ୍ୟାଙ୍ଗନା ତନ୍ମୟା ସାଇ ମହାନ୍ତି ଙ୍କୁ ଦୂରଦର୍ଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ 'ଆମ ଓଡିଶା ସମ୍ମାନ' ତଥା ବାଙ୍ଗାଲୋର ଠାରେ ଆୟୋଜିତ ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ଜୁନିୟର ଓଡିଶା କ୍ରୀକେଟ୍ ଟିମ୍ ସଦସ୍ୟ ଚିରଞ୍ଜୀବ ବେହେରା ଓ ହର୍ଷିତ୍ ରାଠୋର୍ ଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଧୀରେନ୍ ପଲାଇ ଦୀର୍ଘକାଳ ଅଧାପନା ନିମନ୍ତେ ମନୋନୀତ ୧୨ ଜଣ ଅଧାପକ ଅଧାପିକାଙ୍କୁ ସମ୍ମାନିତ କରାଇବାସହ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଉନ୍ମୋଚନ ନିମନ୍ତେ ଉଲ୍ଲେଖଯୋଗ୍ୟ ଅବଦାନ ରଖିଥିବା ସାମାଜିକ କର୍ମୀ ହରିହର ବେହେରା ଓ ଅଧାପକ ବିପିନ ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତର ଆକର୍ଷଣୀୟ ଅଧ୍ୟାୟ ପରିବେଷଣ କରାଯାଇଥିଲା। ତନ୍ମଧ୍ୟରୁ ଓଡିଶୀ, ସମ୍ବଲପୁରୀ, ମରାଠୀ, ରାଜସ୍ଥାନୀ, ତାମିଲ ଓ ଭାଙ୍ଗଡା ନୃତ୍ୟ, ଡାକ୍ତର ମାନଙ୍କ ପ୍ରତି ଉତ୍ସର୍ଗୀକୃତ 'କରୋନା' ଗୀତିନାଟ୍ୟ, 'ଶିବତାଣ୍ଡବ', 'ରେଟ୍ରୋ' ଓ 'ସର୍କସ୍' ଓ 'ମାନସିକ ଅକ୍ଷମଙ୍କ ପ୍ରତି ଏକ ଉତ୍ସର୍ଗ'... ଦର୍ଶକ ମାନଙ୍କ ହୃଦୟ ଛୁଇଁଥିଲା।

## (ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ ପ୍ରସଙ୍ଗ)
# ବିକ୍ଷୋଭ ପ୍ରଦର୍ଶନ ସହ ବିଭାଗୀୟ ମନ୍ତ୍ରୀଙ୍କର କୁଶପୁତ୍ତଳିକା ଦାହ କଲା ଏବିଭିପି




ଭଦ୍ରକ, (ପିପିଏସ) : ମାଟ୍ରିକ ପରୀକ୍ଷାରେ ହଜାରହଜାର ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ରହିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ। ଚଳିତ ବର୍ଷ ୧୫ ହଜାରରୁ ଅଧିକ ବିଦ୍ୟାର୍ଥୀ ଅନୁପସ୍ଥିତ ରହିବା ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟୟ ବୋଲି ଏବିଭିପି, ଭଦ୍ରକ ଜିଲ୍ଲା ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ଆଜି ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରସଙ୍ଗରେ ଏବିଭିପି, ଭଦ୍ରକ ନଗର ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ସାମନାରେ ଏକ ବିକ୍ଷୋଭ ପ୍ରଦର୍ଶନ ସହ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ କୁଶ ପୁତ୍ତଳା ଦାହ କରାଯାଇଛି। ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାବାଳିକା ବିବାହ, ଶିଶୁ, ଦାଦନ ଶ୍ରମିକ ସମସ୍ୟା ଏବଂ ଗରିବ ପରିବାରର ପିଲାମାନେ ଶିକ୍ଷା ପ୍ରାପ୍ତର ସମସ୍ୟା ସୃଷ୍ଟି ହେବା ରାଜ୍ୟ ସରକାରଙ୍କର ଅପାରଗତା ବୋଲି ଛାତ୍ରନେତା ମାନେ ପ୍ରକାଶ କରିଛନ୍ତି। ରାଜ୍ୟର ଶିକ୍ଷା ସମସ୍ୟା ଉପରେ ବିଭାଗୀୟ ମନ୍ତ୍ରୀ ଏବଂ ସରକାର ନିରବ ପାଲଟିବା ହାସ୍ୟାସ୍ପଦ ସଦୃଶ ଅଟେ। ମଧ୍ୟାହ୍ନ ଭୋଜନ ପଇସା ଏବଂ ନାମ ଲେଖା ଅର୍ଥର ହରିଲୁଟ ଚାଲିଛି। ଶିକ୍ଷାର ଘରୋଇ କରଣ ଦିନକୁ ଦିନ ବୃଦ୍ଧି ପାଇବା ଦ୍ୱାରା ସରକାରୀ ସ୍କୁଲର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି, ଯାହାକୁ ନେଇ ଏବିଭିପି ଉଦବେଗ ପ୍ରକାଶ କରିଛି। ଆଜିର ବିକ୍ଷୋଭ ପ୍ରଦର୍ଶନରେ ଏବିଭିପି ନଗର ସମ୍ପାଦକ ବିଶ୍ୱନାଥ ସୋନୁ ଲାହାଙ୍କ ନେତୃତ୍ୱରେ ବହୁ ଛାତ୍ରନେତା ମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ନଗର ଉପ ସଭାପତି ଇନ୍ଦ୍ରଜିତ ଦାସ, ଦେବାଶିଷ ଲାହା, ସହ ସମ୍ପାଦକ ରାହୁଲ ଦେବ ସାହୁ, ଶୁଭମ ରାଉତ, ଆୟୁଷ ପାଣିଗ୍ରାହୀ, ଆଲୋକ ଦାସ, ଓଁକାର ମହାନ୍ତି, ସଂଗ୍ରାମ ମହାନ୍ତି, ଦୁର୍ଗା ଶଙ୍କର ଜେନା, ସତ୍ୟ ପ୍ରକାଶ ମହାରଣା, ମିଥୁନ ପତି, ଶୁଭଙ୍କର ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

# ଆଜି ପବିତ୍ର ମହାବାରୁଣୀ ସ୍ନାନ

ସାକ୍ଷୀଗୋପାଳ (ପିପିଏସ) : ପବିତ୍ର ମହା ବାରୁଣୀ ସ୍ନାନ। ପବିତ୍ର ସାଗର ସ୍ନାନ। ଭାର୍ଗବୀ ନଦୀରେ ପବିତ୍ର ମହା ବାରୁଣୀସ୍ନାନ ପାଇଁ ସତ୍ୟବାଦୀ ବ୍ଲକର ବଳପୁର ଭୃଗୁଘାଟରେ ସାଗର ସ୍ନାନଯାତ୍ରା ପାରମ୍ପରିକ ରୀତି ନୀତି ଅନୁଯାୟୀ ଆଜି ଅନୁଷ୍ଠିତ ହେବ। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦସୀ ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ବୁଡ଼ ପକାଇଲେ ମହୋଦଧି ଓ ଗଙ୍ଗା ସ୍ନାନର ପୁଣ୍ୟ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ତଥା ନିକଟବର୍ତ୍ତୀ ଅଞ୍ଚଳରୁ ଏଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହେବ। ପୌରାଣିକ ମତବାଦ ଅନୁଯାଇ ଦ୍ୱାପର ଯୁଗରେ ଏହି ସ୍ଥାନରେ ମହର୍ଷି ଭୃଗୁ ମୁନିଙ୍କ ଆଶ୍ରମ ରହିଥିଲା। ବନବାସ ସମୟରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ମାତା ସୀତା ଭୃଗୁ ମୁନିଙ୍କ ଆଶ୍ରମରେ ଅବସ୍ଥାନ କରିଥିଲେ। ପ୍ରଭୁ ଶ୍ରୀରାମ ଭାର୍ଗବୀ ନଦୀରେ ସ୍ନାନ କରି ବରଗଛ ମୂଳେ ବାଲୁକା ଲିଙ୍ଗ ସ୍ଥାପନ କରି ଶିବ ପୂଜା କରିଥିଲେ। ସେହି ସ୍ଥାନ ଆଜି ବରାଳ ନାମରେ ପରିଚିତ। ସେହିପରି ଅନୁଜ ଲକ୍ଷ୍ମଣ ବେଲ ଗଛ ମୂଳେ ବାଲୁକା ଶିବ ଲିଙ୍ଗ ସ୍ଥାପନ କରି ଶିବ ପୂଜା କରିଥିଲେ। ସେହି ସ୍ଥାନ ଆଜି ବଳପୁର ରୂପେ ପରିଚିତ। ପ୍ରଭୁ ଶ୍ରୀରାମ ସ୍ଥାପନ କରିଥିବା ବରାଳ ବାଲୁଙ୍କେଶ୍ୱର ଦେବ ବଡ଼ଭାଇ ଓ ଅନୁଜ ଲକ୍ଷ୍ମଣ ସ୍ଥାପନ କରିଥିବା ବଳ ପୁର ବାଲୁଙ୍କେଶ୍ୱର ଦେବ ସାନ ଭାଇ ଅଟନ୍ତି। ପ୍ରଭୁଙ୍କ ଦ୍ୱାରା ସ୍ଥାପିତ ବାଲୁକା ପିଣ୍ଡରୁ ଏବେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ନାମରେ ପୂଜା ପାଉଥିବା ଏହି ଠାକୁରଙ୍କ ଅପାର ମହିମା ନେଇ ଭକ୍ତ ମାନଙ୍କ ମଧରେ ଅଗାଧ ବିଶ୍ୱାସ ରହିଛି। ବରାଳ ଗ୍ରାମର ବାଲୁଙ୍କେଶ୍ୱର ବଡ଼ଭାଇ ଏବଂ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ସାନଭାଇଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ଭାଇଚାରାର ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ଏହି ଯାତ୍ରା ପାଇଁ ସ୍ଥାନୀୟ ପ୍ରଶାସନିକ ବୈଠକରେ ଆଲୋଚନା କ୍ରମେ ନିର୍ଦ୍ଧାରିତ ସମୟରେ ଦ୍ୱେନୀତି ଅନୁଷ୍ଠିତ ହେବା ସହ କୌଣସି ଅଘଟଣକୁ ଲକ୍ଷ ରଖି ଦମକଳ ବାହିନୀ, ବିଦ୍ୟୁତ, ପାନୀୟଜଳ ଆଦି ବିଭାଗର କାମକୁ ସୂଚାର ଭାବେ ସମ୍ପାଦନ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି।

## ଶ୍ରମିକ ନେତାଙ୍କ ଜୟନ୍ତୀ ପାଳିତ

ଚୌଦ୍ୱାର, (ପିପିଏସ୍) : ବିଶିଷ୍ଟ ଶ୍ରମିକ ନେତା ତଥା ଚୌଦ୍ୱାର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସ୍ୱର୍ଗତ ବନମାଳୀ ଦାସଙ୍କ ୯୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୁଲ୍ୟରେ ଓଟିଏମ୍ କଲୋନୀସ୍ଥିତ ବନମାଳୀ ଷ୍ଟୋର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ ସେବାକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଅତିଥି ଭାବେ ଯୋଗଦେଇ ବନମାଳୀ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ସୁବ୍ରତ କୁମାର ସାମଲ, କେ.ସି.ପ୍ରତାପ ସିଂ, ମାନସ ରଞ୍ଜନ ସାମଲ, ଶରତ କୁମାର ଖୁଣ୍ଟିଆ, ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଶିବ ପ୍ରସାଦ ପତି, କୈଳାସ ସାହାଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ଶିଳ୍ପାନୁଷ୍ଠାନର ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ବନମାଳୀ ବାବୁଙ୍କ ମହତ୍ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଂପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଫା ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତି ଓ ସମ୍ବର୍ଦ୍ଧନା ଉତ୍ସବ
# ବଲିଉଡ୍‌ରେ ଓଡ଼ିଶାର ଶିଶୁକଳାକାର ଓମ୍ : କପିଲ ଶର୍ମାଙ୍କ ସହ ଆରମ୍ଭ କଲେ ଅଭିନୟର ଯାତ୍ରା



କଟକ, (ପିପିଏସ) : ବଲିଉଡ୍‌ରେ ଏକ ଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ସୁନାମ ଅର୍ଜନ କରିଥିବା ଓଡ଼ିଶାର ଶିଶୁକଳାକାର ପ୍ରଜ୍ୱଳ ସାହୁ (ଓମ୍)ଙ୍କ ପାଇଁ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ଫିଲ୍ମ ଫେଷ୍ଟିଭାଲ୍ ଓ ଆୱାର୍ଡ଼ସ୍ ଆନୁକୂଲ୍ୟରେ ତଥା ଲୋକପ୍ରିୟ "ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ହ୍ୱାଇଟ୍‌କାନ୍‌ଭାସ ସହଯୋଗରେ ଏକ ସ୍ୱତନ୍ତ୍ର ପ୍ରେସ୍‌ବିଜ୍ଞପ୍ତି ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି। ଓଫାର ଅଧକ୍ଷ ଉଲ୍ଲାସଚନ୍ଦ୍ର ବେହୁରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଫାର ସଭାପତି ଶ୍ରୀଯୁକ୍ତ ବାପୁଲେଙ୍କା, ଓଡ଼ିଶା ଚଳଚ୍ଚିତ୍ର କଳାକାର ସଂଘର ସାଧାରଣ ସଂପାଦକ ଶ୍ରୀଯୁକ୍ତ ଶ୍ରୀତମ୍ ଦାସ, ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ସଂଜୟ ନାୟକ (ଟୁଟୁ), ଅଭିନେତା ସୁଭାଶିଷ୍ ଶର୍ମା (ମଣ୍ଟୁ) ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଶାର ଏହି ପ୍ରତିଭାବାନ୍ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଐତିହାସିକ କଟକ ସହରରେ ଜନ୍ମିତ ପ୍ରଜ୍ୱଳ ସାହୁ (ଓମ୍) ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତଥା ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼.ଶରତ କୁମାର ସାହୁଙ୍କ ନାତି ତଥା ରୁଚିର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅରବିନ୍ଦ ସାହୁ ଓ ଶ୍ରୀମତୀ ସଲିନା ସାହୁଙ୍କ ସୁପୁତ୍ର। ଓମ୍ ନିଜର ଅଭିନୟ ଯାତ୍ରା ବଲିଉଡ଼୍‌ର ବିଶିଷ୍ଟ କମେଡ଼ି କିଙ୍ଗ୍ ତଥା ଅଭିନେତା କପିଲ୍ ଶର୍ମାଙ୍କ ଅଭିନୀତ ଫିଲ୍ମ "ଜ୍ୱିଗାଟୋ"ରେ କରିଥିବାବେଳେ ସେ ଏହି ଚଳଚ୍ଚିତ୍ରରେ କପିଲ୍‌ଙ୍କ ପୁଅ କାର୍ତ୍ତିକ୍ ଭୂମିକାରେ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରଟି କରୋନା ମହାମାରୀ ସମୟରେ ସଂଘର୍ଷରତ ଜଣେ ଫୁଡ୍ ଡ଼େଲିଭରୀ କରୁଥିବା ବ୍ୟକ୍ତିର ଦୁଃଖ ଓ ଜୀବନ ସଂପର୍କରେ ନିର୍ମିତ ହୋଇଥିବା ବେଳେ ଏହାର ଟ୍ରେଲର୍ ସୋ ଲୋକପ୍ରିୟ ହୋଇପାରିଛି। ଜଣାଶୁଣା ପ୍ରଯୋଜିକା ତଥା ଅଭିନେତ୍ରୀ ନନ୍ଦିତା ଦାସଙ୍କ ନିର୍ଦ୍ଦେଶିତ "ଜ୍ୱିଗାଟୋ" ଆଜିଠାରୁ ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ କରୁଥିବାବେଳେ ସମସ୍ତ ଓଡ଼ିଶାବାସୀ ଓମ୍‌ଙ୍କ ପାଇଁ ଗର୍ବିତ। ମାତ୍ର ୧୩ ବର୍ଷ ବୟସରେ ବଲିଉଡ୍‌ରେ ଡ଼େବ୍ୟୁ କରିଥିବା ଓମ୍ ପିଲାଟି ବେଳୁ ବେଶ୍ ଚୁଲ୍‌ବୁଲ୍ ଓ ଚପଳ ସ୍ୱଭାବର ହୋଇଥିବାବେଳେ ସେ କିଟ୍ ରେ ପଢୁଥିବା ସମୟରେ ଅଡ଼ିଶନ୍‌ରେ କୃତିତ୍ୱ ଅର୍ଜନ କରିଥିଲେ। ଅଭିନୟ କରିବା ନିଜର ସଉକ୍ ବୋଲି ପ୍ରକାଶ କରିଛନ୍ତି ଓମ୍। ସେଥିପାଇଁ ସେ କୌଣସି ସ୍ୱତନ୍ତ୍ର ତାଲିମ୍ ନେଇନାହାଁନ୍ତି। ଲକ୍ଷେଶ୍ୱରଙ୍କ ଆର୍ଶୀବାଦ ଓ ନିଜର ଆତ୍ମବିଶ୍ୱାସ ବଳରେ ସେ ଏ ଶୁଭାରମ୍ଭ କରିଥିବାବେଳେ ନିଜର ପିତା ଅରବିନ୍ଦ ସାହୁ ବହୁତ ପ୍ରେରଣା ଯୋଗାଇଛନ୍ତି ବୋଲି କହିଛନ୍ତି। ମାଆ ସଲିନା ସାହୁ ମଧ ସବୁପ୍ରକାର ସହଯୋଗ କରିଛନ୍ତି ତାଙ୍କୁ। ପାଠ ପଢା ସହ ଅଭିନୟ କିପରି ସନ୍ତୁଳିତ କରିହବ ତାହା ମାଆ ଠିକ୍ ଭାବେ ତୁଲାଇପାରିଛନ୍ତି। ନିଜ ଜେଜେମା ସଙ୍ଗୀତା ସାହୁ ଓ ପିଉସି ରଶ୍ମି ସାହୁ ସବୁବେଳେ ତାଙ୍କୁ ସମର୍ଥନ ଦେଇ ଆସିଛନ୍ତି ବୋଲି ପ୍ରକାଶ କରିଛନ୍ତି ଓମ୍। ଆଜିର ଏହି କାର୍ଯ୍ୟକ୍ରମରେ ଓଫାର ନିର୍ଦ୍ଦେଶକ ବିଷ୍ଣୁ ମିଶ୍ରଙ୍କ ଦ୍ୱାରା ନିର୍ମିତ ଓମ୍ ସଂପର୍କିତ ଏକ ସ୍ୱତନ୍ତ୍ର ଭିଡ଼ିଓ ପ୍ରଦର୍ଶିତ କରାଯାଇଥିବାବେଳେ ଓଫା ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସ୍ୱରୂପ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ



ଚୌଦ୍ୱାର, (ପିପିଏସ୍) : ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ କଳିଙ୍ଗ ବଜାରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଭାଗିରଥୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅଞ୍ଚଳର ବହୁ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇ ଅବସର ଗ୍ରହଣ ପରେ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୟସ ବୃଦ୍ଧି ଓ ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ପାରିଶ୍ରମିକ ନିୟମିତ ପ୍ରଦାନ ଓ ସ୍ୱାସ୍ଥ୍ୟ ଚିକିତ୍ସା ଭତ୍ତା ପ୍ରଦାନ ପାଇଁ ସରକାରଙ୍କୁ ସଂଘ ତରଫରୁ ନିବେଦନ କରାଯାଇଥିଲା। କାର୍ଯ୍ୟକାରୀ ସମ୍ପାଦକ ଜୟକୃଷ୍ଣ ସ୍ୱାଇଁ ଗତ ବୈଠକ ବିବରଣୀ ସହିତ ପରିଭ୍ରମଣ ବିବରଣୀ ପ୍ରଦାନ କରି ବରିଷ୍ଠ ମାନଙ୍କ ପରିଭ୍ରମଣରେ ସହଯୋଗ ପାଇଁ ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କୁ କୃତଜ୍ଞତା ଜଣାଇଥିଲେ। ଶିକ୍ଷକ ଭବନର ବିଦ୍ୟୁତିକରଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିଥିବାରୁ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ସଂଘ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆସନ୍ତା ଜୁନ୍ ମାସରେ ସଂଘର ବାର୍ଷିକୋତ୍ସବ ଆୟୋଜନ କରାଯିବା ଓ ଏଥିପାଇଁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କ ସହଯୋଗ ନିଆଯିବା ବୈଠକରେ ସ୍ଥିର କରାଯାଇଥିଲା। ସମ୍ପାଦକ ସୁକାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ତ୍ରିଲୋଚନ ପଣ୍ଡା ଓ ନିକୁଞ୍ଜ କିଶୋର ପଣ୍ଡା ଆୟବ୍ୟୟ ସମୀକ୍ଷା କରିଥିଲେ। ବିଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍କକ୍ଷେତ୍ରର ପବିତ୍ରତା ରହୁ , ସୂର୍ଯ୍ୟପୂଜା ପାଇଁ ବ୍ୟବସ୍ଥା ହେଉ : ବାବା ବଳିଆ



କୋଣାର୍କ (ପିପିଏସ): ବିଶ୍ୱର କଲ୍ୟାଣ ନିମନ୍ତେ ପରିବେଶର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମନରେ ଶାନ୍ତି ପାଇଁ ଆଧ୍ୟାତ୍ମିକ ମାର୍ଗ ଏକ ପ୍ରମୁଖ ମାଧ୍ୟମ। ସାରା ବିଶ୍ୱର କଲ୍ୟାଣ ପାଇଁ ମାନବଜଗତ ସର୍ବଦା ସଠିକ୍ ପଥ ଅବଲମ୍ବନ କରିବା ଆବଶ୍ୟକ ଅଟେ। କୃତ୍ରିମ୍ ଅପେକ୍ଷା ପ୍ରାକୃତିକକୁ ଗୁରୁତ୍ୱ ଦିଆଯିବା ଉଚିତ୍। କୋଣାର୍କ ପରି ଏକ ପବିତ୍ରସ୍ଥଳର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ବ୍ୟବସ୍ଥା ହେବା ଦରକାର। ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ପାଇଁ ଆମେ ସମସ୍ତେ ସର୍ବଦା ଚେଷ୍ଟା କରିବା ଆବଶ୍ୟକ ବୋଲି ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ ପ୍ରକାଶ କରିଅଛନ୍ତି। କୋଣାର୍କ ରାଜାରାମ ଆଶ୍ରମ ପରିସରରେ ଚାଲିଥିବା ତ୍ରିଦିବସୀୟ ଗୀତା ଓ ଜଗନ୍ନାଥ ଦର୍ଶନ କଥାମୃତ ଅବସରରେ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯାତ୍ରୀନିବାସ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀରେ କୋଣାର୍କ, ଚନ୍ଦ୍ରଭାଗା ତୀର୍ଥର ସୁରକ୍ଷା ତଥା ସୂର୍ଯ୍ୟପୂଜା ପାଇଁ ବ୍ୟବସ୍ଥା ସହ ପ୍ରାକୃତିକ ପରିବେଶ ଏବଂ ସମୁଦ୍ର କୂଳଲଙ୍ଘିବାର ସ୍ଥାୟୀ ନିରାକରଣ ଦିଗରେ ମତ ପ୍ରକାଶ କରିଥିଲେ। ପୂର୍ବରୁ କୋଣାର୍କରେ ସୂର୍ଯ୍ୟଉପାସନା ନିମନ୍ତେ ସୂର୍ଯ୍ୟ ମନ୍ଦିରର ସ୍ଥାପନ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହା ଏକ ଐତିହସ୍ଥଳୀ ରୂପେ ପରିଚିତ ହୋଇଛି। ସୂର୍ଯ୍ୟପୂଜା ପାଇଁ ନିର୍ଣ୍ଣିତ ବ୍ୟବସ୍ଥା ହେବା ଦରକାର। ସେହିପରି ଚନ୍ଦ୍ରଭାଗାତୀର୍ଥକୁ ପୁଷ୍କିରଣୀ କରାନଯାଇ ତ୍ରୀର୍ଥକ୍ଷେତ୍ରପରି ସୁ ବ୍ୟବସ୍ଥା ହେଉ। ସୁରକ୍ଷା ସହିତ ଆଲୋକୀକରଣ କରାଯାଇ ଆଧ୍ୟାତ୍ମିକ ପରିବେଶର ବାତାବରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟକରାଯିବା ପାଇଁ ଉଦ୍ୟମ ହେବା ଦରକାର। ସମୁଦ୍ରକୂଳ ଖାଇ ଜନବସତି ମୁହାଁ ହେବା ଯାହାକି ଭବିଷ୍ୟତକୁ ବିପଦ ସୃଷ୍ଟି କରିପାରେ। ଏହାର ସ୍ଥାୟୀ ପ୍ରତିକାର ପାଇଁ କଂକ୍ରିଟବନ୍ଧ ପରିବର୍ତ୍ତେ ଗ୍ରୀନଓ୍ୱାଲ ର ନିହାତି ଆବଶ୍ୟକ ରହିଛି। ହେନ୍ତାଳବଣ ଓ ବ୍ୟାପକ ଝାଉଁଗଛ ସୃଷ୍ଟି କରାଯାଇ ସମୁଦ୍ରକୂଳ ଖାଇବାକୁ ପ୍ରତିହତ କରାଯାଇପାରିବ। ଏହାସହିତ ମଧ୍ୟ ପ୍ରାକୁତ୍ରିକ ପରିବେଶ ସୃଷ୍ଟି ହୋଇପାରିବ।ସମାଜ କଲ୍ୟାଣ ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବାସହ ବାବା ମତବ୍ୟକ୍ତ କରିଥିଲେ।

# ମଦ୍ୟପ ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ

କନ୍ଧମାଳ : ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ କାୟଲମ୍ବା ଗାଁ ର କ୍ରାଣ୍ଡିବାଲି ଗାଁରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଜଣେ ମଦ୍ୟପ ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଛି । ମୃତକ ଜଣକ ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଂଚାୟତ କଡୁରାହା ଗାଁର ସ୍ୱର୍ଗତଃ ଶୁଦ୍ର କହଁରଙ୍କ ବଡ଼ଝିଅ ମିନତୀ କହଁର ବୋଲି ଜଣାପଡିଛି। ୧୫ ବର୍ଷ ପୂର୍ବେ ମିନତୀ କାୟଲମ୍ବା କ୍ରାଣ୍ଡିବାଲି ସାହିର ସଦାଶିବ ନାୟକଙ୍କୁ ପ୍ରେମ ବିବାହ କରିଥିବା ବେଳେ ତାଙ୍କର ଏକ ୧୦ ବର୍ଷର ଝିଅ ଥିବା ଜଣାପଡିଛି। ତେବେ ଉଭୟ ସ୍ୱାମୀ ସ୍ତ୍ରୀ ଅଲଗା ଅଲଗା ଜାତିର ହୋଇଥିବା ବେଳେ କିଛିଦିନ ପରେ ଉଭୟ ପରିବାର ମଧ୍ୟରେ ସୁସମ୍ପର୍କ ରହିଥିଲା। ତେବେ ଗତକାଲି ଅପରାହ୍ନ ୩ ଟା ରେ ମିନତୀ କହଁର ତାଙ୍କ କକାଙ୍କୁ ଫୋନ ଯୋଗେ ତାଙ୍କ ସ୍ୱାମୀ ମଦ୍ୟପାନ କରିଥିବା କହିଥିବା ବେଳେ ରାତିରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଲାଗି ରହିଥିବା ପାରିବାରିକ କଳହକୁ ନେଇ ସାମାନ୍ୟ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ମଦ୍ୟପ ସ୍ୱାମୀ ଏକ ଟାଙ୍ଗିଆ ବେଂଟରେ ମାଡ ମାରିଥିଲେ । ମୃତକର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ହିଁ ସ୍ତ୍ରୀ ମିନତୀର ମୃତ୍ୟୁ ହୋଇଥିବା ଜଣାପଡିଛି । ଘଟଣା ପରେ ଅଭିଯୁକ୍ତ ସ୍ୱାମୀ ଫିରିଙ୍ଗିଆ ଥାନାରେ ଆତ୍ମସମର୍ପଣ କରିଛି। ଘଟଣାସ୍ଥଳରେ ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ ପହଂଚି ଘର ଭିତରୁ ମୃତ ମହିଳାଙ୍କ ଶବ ଜବତ କରିବା ସହ ଘଟଣାକୁ ନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖି ପଚାରା ଉଚୁରା ଜାରି ରଖିଛନ୍ତି ।

# ସମ୍ ଅଲ୍‌ଟିମେଟ୍ ଓ ଆଇଏମ୍‌ଏର ହୃଦ୍‌ରୋଗ ସଂକ୍ରାନ୍ତୀୟ ସଂପାନ




ଭଦ୍ରକ,(ପିପିଏସ୍): ସମୟ ସମୟରେ ସାମାନ୍ୟ ଲକ୍ଷଣ ନ ଥାଇ ମଧ୍ୟ ଲୋକଙ୍କୁ ହୃଦ୍‌ଘାତ ହେଉଛି। କେତେକ ସମୟରେ ଛାତି ଯନ୍ତ୍ରଣାକୁ ସାମାନ୍ୟ ଏସିଡିଟି ବୋଲି ଧରି ନିଆଯାଇ ଚିକତ୍ସା କରାଯାଉଛି। ମାତ୍ର ହୃଦ୍‌ରୋଗ ଏକ ଜୀବନ ମରଣର ରୋଗ ହୋଇଥିବାରୁ ଏହାକୁ ସମସ୍ତ ଡାକ୍ତରମାନେ ଗୁରୁତ୍ୱର ସହିତ ଚିକିତ୍ସା କରିବା ଉଚିତ। ଛାତି ଯନ୍ତ୍ରଣାକୁ ନେଇ କିମ୍ବା ଛାତି ସଂକ୍ରାନ୍ତୀୟ ରୋଗୀଟିଏ ଆସିଲେ ଅନ୍ତତଃ ପକ୍ଷେ ତାହାର ଇସିଜି ଟିଏ କରାଇବା ନିତାନ୍ତ ଆବଶ୍ୟକ ବୋଲି ସମ୍ ଅଲ୍‌ଟିମେଟ୍, ଭୁବନେଶ୍ୱରର ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ବିଭୁଦେନ୍ଦ୍ର ମହାନ୍ତି ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସମ୍ ଅଲ୍‌ଟିମେଟ୍ ଏବଂ ଭାରତୀୟ ଚିକିତ୍ସକ ସଂଘ, ଭଦ୍ରକ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ସଂପାନକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆଇଏମ୍‌ଏ ଭଦ୍ରକ ଜିଲ୍ଲା ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ହୃଦରୋଗ ନିରୂପଣ, ସଫଳ ଅସ୍ତ୍ରୋପଚାର ,ହାର ପରବର୍ତ୍ତୀ ସମୟରେ ଚିକିତ୍ସା ସମ୍ପର୍କରେ ଡାକ୍ତର ମହାନ୍ତି ଉପସ୍ଥିତ ଡାକ୍ତରମାନଙ୍କୁ ବୁଝାଇଥିଲେ। ସେହିପରି ସଂପାନର ଦ୍ୱିତୀୟ ଭାଗରେ ସମ୍ ଅଲ୍‌ଟିମେଟ୍‌ର ନାସା, କର୍ଣ୍ଣ, ଗଳା ବିଶେଷଜ୍ଞ ଡାକ୍ତର ରାଧାମାଧବ ସାହୁ ଗଳା, ନାକ ଆଦିରେ ହେଉଥିବା ବିଭିନ୍ନ ପ୍ରକାରର ଟ୍ୟୁମରର ନିରୂପଣ, ଅସ୍ତ୍ରୋପଚାର ସଂକ୍ରାନ୍ତରେ ବିଷଦ୍ ସୂଚନା ଦେଇଥିଲେ। ଶେଷରେ ସମ୍ ଅଲ୍‌ଟିମେଟ୍‌ର ମାର୍କେଟିଂ (ବାଲେଶ୍ୱର ଜୋନ୍) ଅଧିକାରୀ ମନୋଜ ନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ଡାକ୍ତରଖାନର ଡାକ୍ତରମାନେ, ରୋଟାରୀ କ୍ଲବ ଭଦ୍ରକର କର୍ମକର୍ତ୍ତା, ବୁଦ୍ଧିଜୀବୀ ଯୋଗ ଦେଇ ହୃଦ୍‌ରୋଗ ଏବଂ ନାସା, କର୍ଣ୍ଣ, ଗଳା ସଂକ୍ରାନ୍ତୀୟ ବିଭିନ୍ନ ପ୍ରଶ୍ନ ପଚାରି ସେମାନଙ୍କ ସନ୍ଦେହ ଦୂର କରିଥିଲେ।

## ଭାରତୀୟ ନିବେଶ ବଜାର ଉପରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର: ଭାରତୀୟ ନିବେଶ ବଜାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୀରାକୁଦ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭାରତୀୟ ନିବେଶ ବଜାର ସମ୍ପର୍କିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ। ଅକ୍ଷୟ କୁମାର ସୂତାର ବୈଠକ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ହୀରାକୁଦ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଡ଼, ସିଦ୍ଧାର୍ଥ ମହାନ୍ତି, ଆଲୋଚ୍ୟ ବିଷୟର ବିଶାରଦ ଓ ଅନେକ ବିଶେଷଜ୍ଞ ମାନେ ଯୋଗଦେଇ ପୁଞ୍ଜି ନିବେଶ ପାଇଁ ବଜାର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଏହି କର୍ମଶାଳାର ବିଷୟବସ୍ତୁ ଓ ଏହା ଉପରେ ହୋଇଥିବା ଉପସ୍ଥାପନାରେ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ। ବୈଠକରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ପ୍ରଧ୍ୟାପକ ମାନେ ଯୋଗଦେଇ କର୍ମଶାଳାକୁ ସଫଳ୍ୟ ମଣ୍ଡିତ କରିଥିଲେ। ଶେଷରେ ଆଇକ୍ୟୁଏସି ସଂଯୋଜକ ଧନ୍ୟବାଦ ପ୍ରଦାନ ପୂର୍ବକ ସଭାସାଙ୍ଗ କରିଥିଲେ।

# କଟକ ଲେଖକ ସହଯୋଗ ସମିତିର ୪୪ତମ ବାର୍ଷିକ ଉତ୍ସବ




କଟକ(ପିପିଏସ୍): ସମାଜ ଜୀବନର ବିକାଶ ସାଧନ କ୍ଷେତ୍ରରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରାଚୀନ କାଳରୁ ଏ ପର୍ଯ୍ୟନ୍ତ ସାହିତ୍ୟ ଜୀବନକୁ ମାର୍ଗ ଦର୍ଶନ ଦେଇ ଆସିଛି । ପରିବର୍ତ୍ତିତ ପରିସ୍ଥିତିରେ ସାହିତ୍ୟଠାରୁ ଜୀବନ ଦୂରେଇ ଦୂରେଇ ଯାଉଛି । ଏଥିପାଇଁ ଆମେ ସମସ୍ତେ ଚିନ୍ତା କରିବା ଉଚିତ୍ ବୋଲି କଟକ ଲେଖକ ସହଯୋଗ ସମିତିର ୪୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ଏହି ଉତ୍ସବ ଉଦ୍‌ଘାଟନ କରି ନ୍ୟାୟମୂର୍ତ୍ତି ଡ଼କ୍ଟର ଦୁର୍ଗା ପ୍ରସନ୍ନ ଚୌଧୁରୀ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଲୋକପ୍ରିୟ ବିଜ୍ଞାନ ଲେଖକ ଓ ଶିଶୁ ସାହିତ୍ୟିକ ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ ଇଂ ରାଜେନ୍ଦ୍ର ନାରାୟଣ ଦାସ ବିଜ୍ଞାନ ସାହିତ୍ୟ ଓ ଭ୍ରମଣ ସାହିତ୍ୟ ସଂପର୍କରେ ଆଲୋଚନା କରି ଲେଖକ ସହଯୋଗ ସମିତିର ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ । ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଲେଖକ ସମିତିର ଭୂମିକାକୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଂପାଦକ ରଘୁନାଥ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସମିତି ପରିଚାଳନା କମିଟି ସଦସ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟର ୧୫ଟି ବିଭାଗରେ ୧୫ ଜଣ ଲେଖକ ଲେଖିକାଙ୍କୁ ମାନପତ୍ର ଦେଇ ସଂବର୍ଦ୍ଧିତ କରାଯାଇଥିଲା । ସଚ୍ଚୀନ୍ଦ୍ର-ଗୋଦାବରୀ ଉପନ୍ୟାସ ସମ୍ମାନ ପ୍ରଦୋଷ ମିଶ୍ର, ଡ଼କ୍ଟର ଗୁରୁପ୍ରସାଦ ମହାନ୍ତି ଗଳ୍ପ ସମ୍ମାନ ଡ଼ାକ୍ତର ପ୍ରସାଦ ମହାନ୍ତି, ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ ପ୍ରବନ୍ଧ ସମ୍ମାନ ଡ଼କ୍ଟର ଚିନ୍ମୟୀ ମହାପାତ୍ର, ରବୀନ୍ଦ୍ରଜିତ ସମାଜସେବା ସମ୍ମାନ, କଲ୍ୟାଣୀ ନାୟକ ଗୋବିନ୍ଦ-ପ୍ରିୟମ୍ବଦା ଅନୁବାଦ ସମ୍ମାନ ଲିଙ୍ଗରାଜ ମହାନ୍ତି, ବିଦ୍ୟୁତଲାଳା ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ ପ୍ରଫେସର କୁଳମଣି ଜେନା, ମାଧବଚନ୍ଦ୍ର ଶତପଥୀ ହାସ୍ୟ ବ୍ୟଙ୍ଗ ସମ୍ମାନ ଡ଼କ୍ଟର ପୀତବାସ ରାଉତରାୟ, ସାନ୍ତ୍ୱନା ମହାନ୍ତି ଗୀତିକବିତା ସମ୍ମାନ ଜ୍ୟୋତ୍ସ୍ନା ରାଉତରାୟ, ଡ଼ଃ ସୁବାସିନୀ ଲେଙ୍କା ଜନପ୍ରିୟ ବିଜ୍ଞାନ ସମ୍ମାନ ପ୍ରଫେସର ରମେଶଚନ୍ଦ୍ର ପରିଡ଼ା, ରଘୁନାଥ ସାବିତ୍ରୀ ଶିଶୁ ସାହିତ୍ୟ ସମ୍ମାନ ରତ୍ନାକର ନାୟକ, ବୀରକିଶୋର - ବୀଣାପାଣି କବିତା ସମ୍ମାନ ଡ଼ାକ୍ତର ସୁଦର୍ଶନ ପଟ୍ଟନାୟକ, କଲ୍ୟାଣୀ ପଣ୍ଡା ଶାସ୍ତ୍ରୀୟ ସଂଗୀତ ସମ୍ମାନ ଅରୂପ ଲାଲ ଘୋଷ, ଯୁଧିଷ୍ଠିର-ସ୍ୱର୍ଣ୍ଣପ୍ରଭା କର୍ଣ୍ଣଶିଳ୍ପୀ ସମ୍ମାନ ଡ଼ାକ୍ତର ରବି ରଞ୍ଜନ ସାହୁ, ନାଟକ ସମ୍ମାନ ଡ଼କ୍ଟର ବୈଜୟନ୍ତୀ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା ।ପୁରସ୍କାର ପର୍ବ ପରିଚାଳନା କରିଥିଲେ ସମିତିର ସଂଗଠନ ସଂପାଦକ ନରସିଂହ ମହାପାତ୍ର । ମାନପତ୍ର ପାଠ କରିଥିଲେ ରୀତାଞ୍ଜଳି ମହାପାତ୍ର, ସରୋଜିନୀ ମିଶ୍ର, ସସ୍ମିତା ଜେନା, ପ୍ରତିମା ଶତପଥୀ, ବିଶ୍ୱମିତ୍ରା ମିଶ୍ର, ବସନ୍ତ ମଞ୍ଜରୀ ନନ୍ଦ, ରମାକାନ୍ତ ମହାପାତ୍ର । ସମିତିର ଉପସଭାପତି ଅରୁଣା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶୀମଦ ଜବତ, ୨ ଗିରଫ



ନୟାଗଡ(ପିପିଏସ୍): ନୟାଗଡ ସଦର ଦୁଇଦ୍ୱାରା ୫୦ ଲିଟର ଦେଶୀ ମଦ ସହ ବାଇକ ଜବତ କରିବା ସହ ଦେଶୀ ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ନୟାଗଡ଼ ସଦର ପୋଲିସ । କୋର୍ଟଚାଲାଣ ହୋଇଥିବା ଦୁଇ ମଦ ବେପାରୀ ହେଲେ ବୋଦାପଡା ଗ୍ରାମର ରାଜୁ ପ୍ରଧାନ ଓ ରାୟପୁର ଗ୍ରାମର ସୁରେନ୍ଦ୍ର ସାହୁ । ନୟାଗଡ଼ ସଦର ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଦୁଇଟି ଜାଗାରେ ଛକି ରହିଥିବା ବେଳେ ବୋଦାପଡା ଗ୍ରାମର ରାଜୁ ପ୍ରଧାନ ଟିଭିଏସ ଏକସେଲ ଗାଡ଼ି ନଂ ଓଡ଼ ୨୫ଉ ୮୫୪୯ରେ ବେଆଇନ ଭାବେ ମଦ ନେଇ ଫେରୁଥିବା ବେଳେ ସଦର ପୋଲିସ କାବୁ କରି ୧୦ଲିଟର ମଦ ଓ ଗାଡ଼ି ଜବତ କରିବା ସହ ରାଜୁ ପ୍ରଧାନଙ୍କୁ ଗିରଫ କରିଥିଲେ । ସେହିପରି ଭାବେ ସଦର ଥାନା ଅନ୍ତର୍ଗତ ରାୟପୁର ଗ୍ରାମର ସୁରେନ୍ଦ୍ର ସାହୁ ବେଆଇନ ଭାବେ ମଦ ବ୍ୟବସାୟ କରୁଥିବା ବେଳେ ପୋଲିସ ଚଢ଼ାଉ କରି ୫୦ଲିଟର ମଦ ଓ ଓଡ଼ ୨୫ଇ ୨୦୧୭ ହିରୋ ସୁପର ସ୍ପେଣ୍ଡର ଗାଡ଼ି ଜବତ କରିବା ସହ ସୁରେନ୍ଦ୍ରକୁ ଗିରଫ କରିଛି । ଉଭୟ ମଦ ବେପାରୀଙ୍କୁ ନୟାଗଡ଼ ସଦର ପୋଲିସ କୋର୍ଟ ଚାଲାଣ କରିଥିବା ନେଇ ସଦରଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି ।

## ଛଞ୍ଚୁଣାରେ ୮୦ତମ ବାଦୀପାଲା

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ ଅଂଚଳର ଅନ୍ୟତମ ପୁରାତନ ପାଲା ଅନୁଷ୍ଠାନ ଭାବେ ପରିଚିତ ନାଆମୀ ପଞ୍ଚାୟତ ଛଞ୍ଚୁଣା ଗ୍ରାମର ୮୦ତମ ବାର୍ଷିକ ବାଦୀପାଲା ଉଦଯାପିତ ହୋଇଯାଇଛି। ଗତ ୧୪ ତାରିଖ ରୁ ଅଧିବାସ ପାଲା ଆରମ୍ଭ ହୋଇ ୧୬ ତାରିଖ ରାତ୍ରରେ ଉଦ୍‌ଯାପିତ ହୋଇଯାଇଥିଲା। ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ସାଥିଙ୍କ ସହ ପ୍ରତିପକ୍ଷ ଗାୟକ ସୂର୍ଯ୍ୟ ଉପେନ୍ଦ୍ର ବେହୁରିଆଙ୍କ ତାତ୍ତ୍ୱିକ, ବ୍ୟାଖ୍ୟାଗତ, ଉପସ୍ଥାପନାଗତ ଓ ମାର୍ମିକ ସାହିତ୍ୟଚର୍ଯ୍ୟା ସହ ଓଡିଆ, ସଂସ୍କୃତ ଓ ବେଙ୍ଗଲି ସାହିତ୍ୟର ପାରମ୍ପାରିକ ଉଦ୍ଧୃତାଂଶ ପରିବେଷଣ ବେଶ ଉପଭୋଗ୍ୟ ହୋଇଥିଲା। ବିଭିନ୍ନ ବିଷୟର ପାଲା ପରିବେଷଣ ସହ ଆଲୋଚନା ଓ ସୃଜନାତ୍ମକ ସମାଲୋଚନା ପାଲାପ୍ରେମୀମାନଙ୍କୁ ଆକୃଷ୍ଟ କରିଥିଲା। ଆଖପାଖ ଅଂଚଳର ବହୁ ସଂଖ୍ୟକ ପାଲା ଅନୁରାଗୀ ପ୍ରତ୍ୟେହ ପାଲା ଉପଭୋଗ କରିଥିଲେ। ଗ୍ରାମ ପାଲା କମିଟି ପାଲା ପରିବେଷଣକୁ ପରିଚାଳନା କରିଥିଲେ।

# ନୂତନ ବିମାନରେ ବିରାଜମାନ ହେଲେ ରାଧାମୋହନ

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀ ପକ୍ଷରୁ ନିର୍ମିତ ହୋଇଥିବା ବୃହତ୍ ବିମାନର ଆଜି ବିରାଜମାନ ହେଲେ ରାଧାମୋହନ । ଖବର ଅନୁଯାୟୀ ଆଜି ହରିଚନ୍ଦନପୁର ମେଲଣ ମହୋତ୍ସବରେ ରାଧାମୋହନ ମେଲଣ ମଣ୍ଡପକୁ ଯାଇଛନ୍ତି । ପୂର୍ବର କଳାଶିଶୁ କାଠରେ ନିର୍ମିତ ବିମାନ ଯୋଗେ ପ୍ରଥମେ ଥାନପତି ଗ୍ରାମ ପ୍ରରିକ୍ରମା କରି ମେଲଣ ମଣ୍ଡପରେ ପହଂଚିଥିଲେ । ଓ ପରେ ନୂତନ ବୃହତ୍ ବିମାନ ଯୋଗେ ରାଧାମୋହନ ହଲିଝୁଲି ରଙ୍ଗ ଖେଳି ମେଲଣ ମଣ୍ଡପରେ ପହଂଚିଛନ୍ତି । ପରେ ପରେ ଏଅଂଚଳର ନିମନ୍ତ୍ରଣ ଥିବା କୀର୍ତନ ମଣ୍ଡଳୀ ପକ୍ଷରୁ ଠାକୁର ରାଧାକୃଷ୍ଣ ଖଲିଝୁଲି ବଜାର ପରିକ୍ରମା କରି ମେଲଣ ମଣ୍ଡପରେ ପହଂଚିଛନ୍ତି । ଦୋଳ କମିଟି ପକ୍ଷରୁ କଡ଼ା ସୁରକ୍ଷା ମଧ୍ୟରେ ରାଧାକୃଷ୍ଣ ବିମାନ ଯୋଗେ ମେଲଣ ମହୋତ୍ସବରେ ଯୋଗ ଦେଇଛନ୍ତି । ଆଖପାଖ ରଘୁନାଥପୁର, ସିଂହବିଲା, ମକାଶୁଖିଲା, ବ୍ରଜମୋହନପୁର, ଜାମୁଯୋଡ଼ି, ଖୁଣ୍ଟାପଶି, କୁଣ୍ଡଳପାଣି, କରଞ୍ଜିଆ, ଇସକନ୍ କେନ୍ଦୁଝର ଓ ପଥରପଦା କୀର୍ତନ ମଣ୍ଡଳୀ ସହ ଠାକୁର ରାଧାକୃଷ୍ଣ ହରିଚନ୍ଦନପୁର ମେଲଣ ମଣ୍ଡପରେ ଯୋଗଦେଇଛନ୍ତି । ପୂର୍ବର ୪୨ ବର୍ଷ ଧରି ହରିଚନ୍ଦନପୁର ଠାରେ ହେଇଥିବା ମେଲଣ ମହୋତ୍ସବ ଠାରୁ ଏଥର ଅଧିକ ଧୁମଧାମରେ ମହୋତ୍ସବ ପାଳନ ହେଉଥିବା ଦେଖିବାକୁ ମିଳିଛି । କରୋନା ପାଇଁ ଗତ ୩ବର୍ଷ ହେବ ଠିକ୍ ଭାବରେ ମେଲଣ ମହୋତ୍ସବ ପାଳନ ହୋଇନଥିବା ବେଳେ ଏଥର ଜାକଜମକରେ ପାଳନ ହୋଇଯାଇଛି । ସଂଧ୍ୟା ୫ ଘଟିକା ସମୟରେ ପ୍ରଥମ ଥାନପତି ଯିବା ପରେ ଅନେକ ଛୋଟ ବଡ଼ ସହ ନୂତନ ବିମାନ ଯୋଗେ ରାଧାମୋହନ ମେଲଣ ମଣ୍ଡପରେ ପାଦ ଦେଇଥିଲେ । ଏହି ମେଲଣ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ହଜାର ହଜାର ଲୋକ ଯୋଗ ଦେଇଥିବା ବେଳେ ବିଭିନ୍ନ ପ୍ରକାରର ଦୋକାନ ବଜାର ଖୋଲିଛି । ଯାହାକୁ ନେଇ ଏଠାକାର ଲୋକେ ଠାକୁର ଦେଖିବା ସହ ଅନ୍ୟ ସମସ୍ତ ପ୍ରକାରର ସାମଗ୍ରୀ ସହ ଅନ୍ୟ ବ୍ୟବସ୍ଥାର ସୁବିଧା ପାଇଥିଲେ । ସୁରକ୍ଷାକୁ ନେଇ ପୋଲିସ ପକ୍ଷରୁ କଡ଼ା ବନ୍ଦୋବସ୍ତ କରାଯାଇଥିବା ବେଳେ କମିଟି ପକ୍ଷରୁ ଆସିଥିବା ଦର୍ଶକ ଓ କୀର୍ତନ ମଣ୍ଡଳୀ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

# ସାବାଡ ହେବେ ଅମାନିଆ ବାଇକ୍‌ଚାଳକ
## ପୋଲିସ ପକ୍ଷରୁ ଯାଞ୍ଚ କଡାକଡି, ତାଗିଦ୍ ସହ ଜରିମାନା ଆଦାୟ



ବୁଗୁଡା (ପିପିଏସ୍): ସଂପ୍ରତି ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନେକ ସମୟରେ ଦୁର୍ଘଟଣାମାନ ଘଟି କ୍ଷୟକ୍ଷତି ସାଙ୍ଗକୁ ଜୀବନ ହାନି ଘଟୁଥିବା ବିଷୟ ସାଧାରଣରେ ଚିନ୍ତାର ବିଷୟ ହୋଇଛି । ଏଥି ପାଇଁ ଚଳିତ ମାସ ପହିଲାରୁ ମଦ୍ୟପାନ କରି ଗାଡି ଚଳାଇବା , ଗାଡି ଚଳାଇବା ସମୟରେ ମୋବାଇଲରେ ଗପିବା , ହେଲମେଟ ପିନ୍ଧି ନଥିବା , ଦ୍ରୁତଗତିରେ ଗାଡି ଚାଳନା , ବାଇକରେ ତିନି ଚାରି ଜଣ ଲେଖାଏଁ ବସିବା , ନାବାଳକ ସ୍କୁଲ ଓ କଲେଜ ଛାତ୍ରଙ୍କ ବାଇକ୍ ଚାଳନା ଆଦିକୁ ପ୍ରତିହତ ପାଇଁ ପୋଲିସ ପକ୍ଷରୁ ଯାଞ୍ଚ ସହ ତାଗିଦ କରାଯାଉଥିବା ସତ୍ତ୍ୱେ ଏଥିରେ ଆଶା ମୁତାବକ ସୁଧାର ଦେଖିବାକୁ ମିଳୁ ନ ଥିଲା । ନାବାଳକ ସ୍କୁଲ ଓ କଲେଜ ଛାତ୍ରଙ୍କ ସାଙ୍ଗକୁ ଉଦ୍ଧତ ଯୁବକମାନେ ମଧ ଗୋଟିଏ ବାଇକରେ ତିନିରୁ ଚାରି ଜଣ ବସି ବିନା ହେଲମେଟରେ ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଇ ଅନ୍ୟମାନଙ୍କ ପାଇଁ ସମସ୍ୟା ଓ ଆତଙ୍କ ସୃଷ୍ଟି କରି ଆସୁଥିଲେ । ଏ ନେଇ ବିଶେଷ କରି ସମ୍ପୃକ୍ତ ଉଶୃଙ୍ଖଳ ବାଇକ୍ ଚାଳକଙ୍କ ଅଭିଭାବକଙ୍କୁ ଦାୟୀ କରାଯାଉଥିବା ସହ ପୋଲିସ ଯାଞ୍ଚକୁ କଡାକଡି କରିବା ପାଇଁ ସାଧାରଣରେ ଦାବି ଉଠିଥିଲା । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ଆଜି ବୁଗୁଡ଼ାର ବିଭିନ୍ନ ସ୍ଥାନରେ ଯାଞ୍ଚକୁ କଡାକଡି କରି ବେଆଇନ ଓ ଅମାନିଆ ଗାଡି ଚାଳକଙ୍କ ଠାରୁ ଜୋରିମାନା ଆଦାୟ କରିବା ସହ ତାଗିଦ୍ କରୁଥିବା ଦେଖିବାକୁ ମିଳିଥିଲା । ଏ ପରିପ୍ରେକ୍ଷୀରେ ଆସନ୍ତା ୨୦ ତାରିଖରେ ଶେଷ ମେଟ୍ରିକ ପରୀକ୍ଷା ସାରି ନାବାଳକ ଛାତ୍ରମାନେ ବାଇକ୍ ଚଳାଇ ଘରକୁ ଫେରୁଥିବା ବେଳେ ଆକ୍ସନ୍ ମୁଡରେ ଥିବା ପୋଲିସ ସେମାନଙ୍କୁ କାବୁ କରି ସେମାନଙ୍କ ଅଭିଭାବକଙ୍କୁ ଥାନାକୁ ଟାଣି ପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

# ବେଲେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟର ପ୍ରଥମ ପରିଚାଳନା ବୈଠକ



ହିଞ୍ଜିଳିକାଟୁ (ପିପିଏସ୍): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଗଣ୍ଡଳା ଠାରେ ଶୁକ୍ରବାର ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଗଣ୍ଡଳା , ( ବେଲଗାଁ ) ଗଞ୍ଜାମରେ ପ୍ରଥମ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ଗୌଡ଼ ଅଧ୍ୟକ୍ଷତା କରିଥିଲେ । ସଭାପତି ନୃସିଂହ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ ଏବଂ ଏହି ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ସାହୁ ଯୋଗଦାନ ଦେଇଥିଲେ । ଏହି ପରିଚାଳନା ବୈଠକର ସଦସ୍ୟମାନେ ଅନିତାରାଣୀ ପାଳ, ସୁବର୍ଣିନି ସାହୁ , ସମିତା ସାହୁ , ଶ୍ରୀଯୁକ୍ତ ଗଣେଶ ସାହୁ , ଶଙ୍କର୍ଷଣ ମହାନ୍ତି , ବିଜୟ ସେଠୀ ଏବଂ ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ , ଏବଂ ଗଣ୍ଡଳା ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ନିଜର ପରିଚୟ ପ୍ରଦାନ କରିବା ସହିତ ମହାବିଦ୍ୟାଳୟ ର ଉତ୍ତୋରତ ଉନ୍ନତି ବିଷୟରେ ଆଲୋଚନା କରାଯାଇଥିଲା । ପରିଶେଷରେ ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ଅଧ୍ୟାପକ ଗଣେଶ ସାହୁ ଧନ୍ୟବାଦ ଜ୍ଞାପନ କରି ବୈଠକ ସମାପ୍ତ କରିଥିଲେ ।

## ଖେଳନା ପ୍ରସ୍ତୁତି କର୍ମଶାଳା

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁର ସାଧନକେନ୍ଦ୍ର ଅନ୍ତର୍ଗତ ବାହାଦୂଲନଗର ଉପ୍ରା ବିଦ୍ୟାଳୟରେ ସାଧନକେନ୍ଦ୍ରସ୍ତରୀୟ ଦ୍ୱିଦିବସୀୟ ଖେଳନା ପ୍ରସ୍ତୁତି କର୍ମଶାଳା(ଆମ ସଂସ୍କୃତି, ଆମ ଖେଳନା) ଆଜି ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଦ୍ୟାଧର ଶଙ୍ଖୁଆଙ୍କ ପୌରହିତ୍ୟରେ ଓ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ସାନଶାସନ ସରପଂଚ ମଧୁସ୍ମୀତା ସାହୁ ମୁଖ୍ୟଅତିଥି, ଆଗରପଡାସ୍ଥିତ ଜିଲ୍ଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷକ ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ଖେଳନା ରୂପକ ଶିକ୍ଷଣ ସାମଗ୍ରୀ ସହସ୍ତରେ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ ୨୦ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ରତ୍ନାକର ଯେନା, କେଦାର ଚନ୍ଦ୍ର ସେଠୀ, ସୀତାରାମ ସୁଣ୍ଠି କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ବୁଢୀ ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



ବ୍ରହ୍ମପୁର, (ପିପିଏସ୍): ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁରର ଆରାଧ୍ୟା ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ପାଇଁ ଆଜି ରାତିରେ ବଡ଼ବଜାର ଦେଶୀବେହେରା ସାହିସ୍ଥିତ ମା’ଙ୍କ ଅସ୍ଥାୟୀ ମଣ୍ଡପ ନିକଟରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଶୁଭଖୁଣ୍ଟି ସ୍ଥାପନ ସହ ଚଳିତବର୍ଷ ମା’ଙ୍କ ଦ୍ୱିବାର୍ଷିକ ଯାତ୍ରାର ଶୁଭାରମ୍ଭ ହୋଇଛି। ମା’ଙ୍କ ଯାତ୍ରା ଏପ୍ରିଲ ୪ ତାରିଖରୁ ଆରମ୍ଭ ହୋଇ ୨୮ ଦିନ ଯାତ୍ରା ଆୟୋଜନ ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ରାତିରେ ମା’ଙ୍କ ମୁଖ୍ୟ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ଅଣାଯିବା ପରେ ଆଧ୍ୟାତ୍ମିକ ପରିବେଶ ଓ ବିପୁଳ ଜନସମାଗମରେ ଅସ୍ଥାୟୀ ମଣ୍ଡପ ନିକଟରେ ସ୍ଥାପନ କରାଯାଇଛି। ଶୁଭଖୁଣ୍ଟି ସ୍ଥାପନ ପରେ ବ୍ରହ୍ମପୁର ସହର ଉତ୍ସବ ମୁଖରିତ ହୋଇଛି। ଯାତ୍ରାପୁରୋଧାଙ୍କ ପକ୍ଷରୁ ଧେଣ୍ଟୁରା ଦ୍ୱାରା ଯାତ୍ରାଞ୍ଚଳବାସୀଙ୍କୁ କରାଯିବା ସହ ମା’ଙ୍କ ଯାତ୍ରାରେ ଉପସ୍ଥିତ ରହି ସହଯୋଗ କରିବା ଅବଗତ ପାଇଁ ନିବେଦନ କରାଯାଇଥିଲା । ନିଷ୍ପତ୍ତି ଅନୁସାରେ ଆସନ୍ତା ମାସ ୪ ତାରିଖ ରାତି ୧୧ଟା ୪୦ମି ପରେ ଯାତ୍ରା ତତ୍ତ୍ୱାବଧାରକ ଦୁର୍ଗାପ୍ରସାଦ ଦେଶୀ ବେହେରା ମା’ଙ୍କୁ ଆଣିବା ପାଇଁ ଘରୁ ବାହାରି ପ୍ରାୟୀ ମନ୍ଦିରକୁ ଯିବେ। ମଧରାତ୍ରି ୨ଟାରୁ ୫ଟା ମଧ୍ୟରେ ମା’ ଅସ୍ଥାୟୀ ମନ୍ଦିରକୁ ପ୍ରବେଶ କରିବେ। ମେ ୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୨୮ ଦିନ ଧରି ଚାଲିବ ଯାତ୍ରା ୧ ତାରିଖ ରାତି ୧୦ଟାରୁ ୧୨ଟା ମଧ୍ୟରେ ମା’ ଅସ୍ଥାୟୀ ମନ୍ଦିରରୁ ବାହାରି ଭୋର ୫ଟା ମଧ୍ୟରେ ନିଜସ୍ୱ ମନ୍ଦିରରେ ପହଞ୍ଚିବେ। ପରମ୍ପରା ଅନୁସାରେ ଦୁର୍ଗାପ୍ରସାଦ ଦେଶୀବେହେରା ନିଜ ବାସଭବନରେ ମା’ଙ୍କ ଦୀପ ଲଗାଇ ସଭାସ୍ଥଳକୁ ଆଣିଥିଲେ। ୧୦ଟା ୫ମିନିଟରେ ଆରମ୍ଭ ହେଲା ପୂଜାକାର୍ଯ୍ୟ ୧୦ଟା ୩୫ ମିନିଟରେ ପୂଜାପାଠ ଓ ଆବାହନ ପରେ ସିଦ୍ଧାନ୍ତୀ ବି.ବାସୁଦେବ ଶାସ୍ତ୍ରୀ ଯାତ୍ରା ତାରିଖ ଘୋଷଣା କରିଥିଲେ। ବୈଠକରେ ବିଧାୟକ ବିକ୍ରମ କୁମାର ପଣ୍ଡା, ଡେପୁଟି ମେୟର ଇ. ବିବେକ ରେଡ଼ି, କର୍ପୋରେଟର ଜେ. ଶ୍ରୀନିବାସ, ଏନ୍. ଆପା ରାଓ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ସାହିବାସିନ୍ଦା ଅଂଶଗ୍ରହଣ କରିଥିଲେ। ଏହାପରେ ବଂଶାନୁକ୍ରମେ ମା’ଙ୍କ ଶୁଭଖୁଣ୍ଟି ତିଆରି କରି ଆସୁଥିବା ନୀଳାମ୍ବର ପୃଷ୍ଟି ବାଉଁଶ ଶୁଭଖୁଣ୍ଟି ସଭାସ୍ଥଳକୁ ଧରି ଆସିଥିଲେ। ବାଉଁଶ ଖୁଣ୍ଟି ପୁରୁଣା ବ୍ରହ୍ମପୁର ବାଉରୀ ସାହିର ବାଉଁଶ କୁଣ୍ଡରୁ ଆସିଥାଏ। ପରମ୍ପରା ଅନୁସାରେ ଯାହାର ଉଚ୍ଚତା ୯ ଫୁଟ ଓ ୯ଟି ଗଣ୍ଠି ବିଶିଷ୍ଟ ଦେଶୀବେହେରାଙ୍କ ଘରେ ପୂଜା ପରେ ଶୁଭଖୁଣ୍ଟିକୁ ସ୍ଥାୟୀ ମନ୍ଦିରକୁ ପଟୁଆର ସହ ଅଣା ଯାଇଥିଲା। ମା’ଙ୍କ ଆଜ୍ଞାମାଳ ମିଳିବା ପରେ ଶୁଭଖୁଣ୍ଟିକୁ ଦେଶୀବେହେରାଙ୍କ ବାସଭବନ ସମ୍ମୁଖରେ ସ୍ଥାପନ କରାଯାଇଥିଲା ।

# ନୟାଗଡ଼ ପ୍ରତିଷ୍ଠା ଦିବସକୁ ଧୁମ୍‌ଧାମରେ ପାଳନ ପାଇଁ ନିଷ୍ପତ୍ତି

## ଜିଲ୍ଲା ପ୍ରତିଷ୍ଠା ଦିବସରେ ଆଲୋକିତ ହେବ ସମଗ୍ର ସହର

ନୟାଗଡ଼,(ପିପିଏସ୍): ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଓଡ଼ିଶା ଦିବସ ଓ ନୟାଗଡ଼ ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ସୁବାଷ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଉମାକାନ୍ତ ମଲ୍ଲିକ, ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ମହାନଦୀ ବନ୍ୟାପ୍ରାଣୀ ଡିଭିଜନ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନୟାଗଡ଼ ଖେଳପଡ଼ିଆରେ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର କରାଯାଇଛି । ଓଡ଼ିଶା ଦିବସ ପାଳନ ଅବସରରେ ପ୍ରତିଯୋଗୀତା ଆୟୋଜନ କରାଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଦିନ ସକାଳୁ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହ ସଂଧ୍ୟାରେ ସଭା ଆୟୋଜନ ହେବ ବୋଲି ସୂଚନା ମିଳିଛି । ଉକ୍ତ ଦିନ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ଭାବେ ନୟାଗଡ଼ ପ୍ରତିଷ୍ଠା ଦିବସ ଅବସରରେ ସଭା ଓ ସାଂସ୍କୃତିକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ଭାବେ ନୟାଗଡ଼ ପ୍ରତିଷ୍ଠା ଦିବସ ଅବସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଛି । ଦୁଇ ଦିନ ନୟାଗଡ଼ ସହରରେ ଅବସ୍ଥିତ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟସ, ପ୍ରତ୍ୟେକ ଘରକୁ ଲିଚୁ ମାଳରେ ସଜାଇବା ପାଇଁ ବିଧାୟକ ଆହ୍ୱାନ ଦେଇଛନ୍ତି । ଯେଉଁ ସରକାରୀ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟସକୁ ଆଲୋକମାଳାରେ ସଜା ଯିବା ନାହିଁ, ଉକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଲୋଚନା ହୋଇଛି । ନୟାଗଡ଼ ପୌର ପରିଷଦ ଦ୍ୱାରା ଲୋକଙ୍କୁ ଏଥିପାଇଁ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି । ଦୀପାବଳୀ ଭଳି ଉକ୍ତ ଦୁଇ ଦିନ ପ୍ରତ୍ୟେକ ଘରକୁ ଆଲୋକମାଳାରେ ସଜାଇବାକୁ କୁହାଯାଇଛି । ଏହାବାଦ ନୟାଗଡ଼ ପ୍ରତିଷ୍ଠା ଦିବସ ଦିନ ଖେଳ ପଡ଼ିଆରେ ପ୍ରତ୍ୟେକ ସଂଗଠନ, ପ୍ରତ୍ୟେକ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ କେକ୍ କାଟି ଜିଲ୍ଲା ପ୍ରତିଷ୍ଠା ଦିବସକୁ ଉତ୍ସବ ମୁଖର କରନ୍ତୁ ବୋଲି ବିଧାୟକ ଆହ୍ୱାନ ଦେଇଛନ୍ତି । ଏହି ବୈଠକରେ ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ବିଭିନ୍ନ ବିଭଗର ଅଧିକାରୀ ଉପସ୍ଥିତ ରହିଥିଲେ ।

## ସର୍ବମଙ୍ଗଳା ସଭାର ନବନିର୍ବାଚିତ କର୍ମକର୍ତ୍ତା

କଟକ ସଦର,(ପିପିଏସ୍): ରାଜେନ୍ଦ୍ରନଗର ସର୍ବମଙ୍ଗଳା ମହଲା ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କର ସପଥ ଗ୍ରହଣ ଉତ୍ସବ ଆଜି ସ୍ଥାନୀୟ ମଙ୍ଗଳା ମନ୍ଦିର ପରିଷରରେ ଅନୁଷ୍ଠିତ ହୋଇଯାଇଛି । ଇଂ. ହରିହର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନ୍ୟାୟମୂର୍ତ୍ତି ପିତାମ୍ବର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଆଡଭୋକେର୍ଟ ପ୍ରଶାନ୍ତ କୁମାର ପଣ୍ଡା ଓ ଆଡଭୋକେଟ୍ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନିର୍ବାଚିତ ସଦସ୍ୟମାନଙ୍କୁ ଅଞ୍ଚଳର ଉନ୍ନତି ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ । ଏହି ଅବସରରେ ସଭାପତି ବିରକିଶୋର ସାହୁ, ଉପସଭାପତି ରାଜେନ୍ଦ୍ର କୁମରେ ଷଡ଼ଙ୍ଗୀ, ସମ୍ପାଦକ ଗଣେଶ୍ୱର ଜେନା, ସହ ସମ୍ପାଦକ ସରୋଜ କୁମାର ସାଇଁ, କୋଷାଧକ୍ଷ ବିଶ୍ୱ ରଂଜନ ଷଡ଼ଙ୍ଗୀଙ୍କ ସହିତ ୧୦ ଜଣ କାର୍ଯ୍ୟକାରୀ ସମିତି ସଭ୍ୟଙ୍କୁ ଅତିଥିମାନେ ସପଥ ପାଠ କରାଇଥିଲେ । ଶେଷରେ ସଭ୍ୟ ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ଦିବସ ଆସିଲେ ମନେପଡେ ଓଡ଼ିଆ ଭାଷାର ବ୍ୟବହାର କଥା

## ପ୍ରଶାସନ ପକ୍ଷରୁ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



ଯାଜପୁର(ପିପିସି): ଓଡିଆ ଭାଷାକୁ ଏଡାଇ ଯିବାରେ ଏକରକମ ପ୍ରତିଯୋଗୀତା ସରକାରୀ ସ୍ତରରେ ବିଶେଷ ଭାବେ ଚାଲିଥିବା ଦେଖିବାକୁ ମିଳିଛି । ଏପ୍ରିଲ ୧ ଉତ୍କଳ ଦିବସ ଯେବେ ଆସିଥାଏ ଏବଂ ତାର ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ସମୟରେ ଓଡିଆ ଭାଷାର ସୁରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ବିଶେଷ ଭାବେ ଆଲୋଚନା ହୋଇଥାଏ । ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ୮୮ ତମ ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ରେଭିନ୍ୟୁ ଏଡିଏମ ଡଃ ଦିବ୍ୟ ଲୋଚନ ମହାନ୍ତ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ, ପୌରାଧକ୍ଷା ରଞ୍ଜୁଲତା ହୋତା, ଏସଡିପିଓ ସରୋଜ ଉପାଧାୟ, ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଜୋସୀ ପ୍ରମୁଖ ଯୋଗଦେଇ ଏହି ଦିବସକୁ ଓଡିଶାକୁ ଗର୍ବ ଓ ଗୌରବ ଭାବେ ପାଳନ କରିବା ପାଇଁ ଆଲୋଚନା କରିଛନ୍ତି । ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରୁ କେତେକ ଓଡିଆ ଭାଷାର ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏତଦଭିନ୍ନ ଦିବସ ପାଳନ ଏପ୍ରିଲ ୧ ରେ ଯାଜପୁର ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିବାରୁ ଜିଲ୍ଲା ପ୍ରତିଷ୍ଠା ଦିବସ ମଧ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଉତ୍ସବ ଆୟୋଜନ ନେଇ ସୂଚନା ରଖିବା ସହିତ ଦୁଇଟି ଯାକ ଦିବସକୁ ମହାଆଡମ୍ବରରେ ପାଳନ କରାଯିବ ବୋଲି କହିଥିଲେ । ଏହି ଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର, ଜିଲ୍ଲାସ୍କୁଲ, ଉପକାରାଗାର, ସଂସ୍କୃତି ଭବନ ଗୁଡିକୁ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯିବ । ସଂଧାରେ ସଂସ୍କୃତି ଭବନ ଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ସେହିଦିନ ଜଣେ ଅଗ୍ରଣୀ ଚାଷୀଙ୍କୁ ଜଗନ୍ନାଥ ମଲ୍ଲିକ କୃଷକ ସମ୍ମାନରେ ସମ୍ମାନୀତ କରାଯିବ । ଅନ୍ୟମାନଙ୍କ ମଧରେ ସହକାରୀ ଶିକ୍ଷାଧିକାରୀ କୃତିବାସ ବାରିକ, ଜିଲ୍ଲା ଉପଭୋକ୍ତା ସମିତି ସଭାପତି ଦିଗମ୍ବର କର, ଇ-ଗଭର୍ଣ୍ଣାନ୍ସ ପରିଚାଳକ ଶାରଦା ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସମନ୍ୱିତ ଲୋକପାଳ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା: ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସମନ୍ୱିତ ଲୋକପାଳ ଯୋଜନା-୨୦୨୧ ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କର ମୁଖ୍ୟ ଲୋକପାଳ ପଙ୍କଜ କୁମାର ନାୟକ ଅଧକ୍ଷତା କରିଥିବା ବେଳେ ଉପ ଲୋକପାଳ ଆଶିଷ ରଞ୍ଜନ କେରକେଟା, ଏସବିଆଇର ଆଂଚଳିକ ପରିଚାଳକ ପୂର୍ଣ୍ଣେନ୍ଦୁ ମହାପାତ୍ର, ଲିଡ ବ୍ୟାଙ୍କ ମ୍ୟାନେଜର ମଳୟ କୁମାର ମିତ୍ର, ଜିଲ୍ଲା ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ରିଜର୍ଭ ବ୍ୟାଙ୍କର ପରିଚାଳକ ସନ୍ତୋଷ କୁମାର ମିଶ୍ର, ସହକାରୀ ପରିଚାଳକ ବିଷ୍ଣୁ ପ୍ରସାଦ ଦାସଙ୍କ ସମେତ ସମସ୍ତ ବ୍ୟାଙ୍କର ପରିଚାଳକ ଓ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ବହୁ ଅବସର ପ୍ରାପ୍ତ କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଣୁ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥାର ଉଦୋଗୀ, ବରିଷ୍ଠ ନାଗରିକ, ପେନଶନ ଉପଭୋକ୍ତା, କର୍ମଚାରୀ ସଂଘର ପ୍ରତିନିଧି ମାନେ ଅଂଶ ଗ୍ରହଣ କରି ବ୍ୟାଙ୍କ ପରିଚାଳନା ଗତ ତୃଟି ବିଚ୍ୟୁତି, ସେବା ପ୍ରଦାନରେ ବିଳମ୍ବ, ସାଇବର ଠକେଇ ଓ ଟଙ୍କା ଆଦାନ ପ୍ରଦାନ ସଂପର୍କରେ ହେଉଥିବା ଅସୁବିଧା ଓ ଅସଙ୍ଗତି ସଂପର୍କରେ ମତ ଉପସ୍ଥାପନ କରିଥିଲେ । ଅପରପକ୍ଷରେ ସେଗୁଡିକର ସମାଧାନ ପାଇଁ ଉପସ୍ଥିତ ଅଧିକାରୀ ମାନେ ପ୍ରତିଶୃତି ଦେଇଥିବା ବେଳେ ସାଇବର ଠକେଇ ପ୍ରତି ସଚେତନ ରହିବା ପାଇଁ କେତେକ ସାବଧାନତା ଅବଲମ୍ବନ କରିବାକୁ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦ୍ରାପଡା ଶାଖାର ମୁଖ୍ୟ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ, ଲିଡ ବ୍ୟାଙ୍କର ନବ କିଶୋର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ମହାନଦୀ ବିହାରରେ ସିପିଆଇ(ଏମ୍)ର ପ୍ରତିବାଦ ସଭା

କଟକ ସଦର, (ପିପିଏସ୍): ସିପିଆଇ(ଏମ୍) ପକ୍ଷରୁ ମହାନଦୀ ବିହାରଠାରେ ଗ୍ୟାସ ଦର ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ବୃଦ୍ଧି ବିରୋଧରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଋତ୍ୱିକ ମହାନ୍ତି ସଭାପତିତ୍ୱ କରିଥିଲେ । ପେଟ୍ରୋଲିୟମ ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଫଳରେ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ପାଉଛି । ଯାହାଫଳରେ କର୍ମଜୀବୀ ମଣିଷ ତା'ର ପରିବାରକୁ ଭରଣ ପୋଷଣ କରିବାରେ ଅକ୍ଷମ ହୋଇପଡୁଛି । ପେଟ୍ରୋଲ, ଡିଜେଲ ୧୦୦ ଟଙ୍କା, ଖାଇବା ତେଲ ୧୫୦ରୁ ୨୦୦ ଟଙ୍କା, ଗ୍ୟାସ ଦର ୧୧୫୦ ଟଙ୍କାରେ ପହଞ୍ଚିଲାଣି । ଏଥି ପାଇଁ ସରକାର ସଚେତନ ରହିବା ଆବଶ୍ୟକ ବୋଲି ସଭାରେ ଦଳର ନେତୃବୃନ୍ଦମାନେ କହିଥିଲେ । ବଡ଼ ବଡ଼ ଶିଳ୍ପପତିଙ୍କୁ ବ୍ୟଙ୍କ ଋଣ ବାବଦ ୧୧ ଲକ୍ଷ କୋଟି ଟଙ୍କା କାହା ସ୍ୱାର୍ଥରେ ଛାଡ଼ କରାଯାଇଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ସଭାରେ ମହାନଗର ସମ୍ପାଦକ ପ୍ରତାପ ମହାପାତ୍ର, ବରିଷ୍ଠ ସିପିଏମ୍ ନେତା ରବିନାରାଣ ମଲ୍ଲିକ୍, ଇଂ. ମନମୋହନ ପତି, ଗୋପାଳ ରାଉତ, ଗୁଲି ସାହୁ, ସୁଭ୍ରା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ରାମପ୍ରସାଦ ଗର୍ଡ୍ଡି, ଭାଗ୍ୟଧର ନାୟକ, ଶର୍ମିଳା ବଳ, ପୁଷ୍ପାଞ୍ଜଳି ନାୟକ, ସୁଧାଂସୁ ସିଂ, କବିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ସରସଦା ସାଧନକେନ୍ଦ୍ରରେ ଅବସରକାଳୀନ ସମ୍ବର୍ଦ୍ଧନା



ଭଦ୍ରକ, (ପିପିଏସ୍): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ସରସଦା ସାଧନକେନ୍ଦ୍ରରେ ଆଦର୍ଶ ଶିକ୍ଷକ କାଶୀନାଥ ପତିଙ୍କୁ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଆଜି ପ୍ରଦାନ କରାଯାଇଛି । ପ୍ରଧାନଶିକ୍ଷକ ଗଦାଧର ଯେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ଏବିଇଓ ଅକ୍ଷୟ କୁମାର ଜେନା, ମଞ୍ଜୁଳାବାଳା ନାୟକ, ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତି ମହାନ୍ତି, ଶିକ୍ଷାବିତ କା□କ ଚନ୍ଦ୍ର ସାଇଁ, ଶିକ୍ଷା ସଂଯୋଜକ ଗୌରାଙ୍ଗ ଚନ୍ଦ୍ର ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ପତିଙ୍କ ଆଦର୍ଶ ଗୁଣାବଳୀ ଓ ଛାତ୍ରବତ୍ସଳତା ସୁଗୁଣଗୁଡିକ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ଭକ୍ତିନୈବେଦ୍ୟ ସାଇଁ, ଶାନ୍ତିଲତା ରାଉତ, ମୀନାରାଣୀ ସାଇଁ, ଶିକ୍ଷକ ଶରତ ଚନ୍ଦ୍ର କୁଣ୍ଡୁ, ନିଞ୍ଜନ ବଳ, ମଧୁସୂଦନ ମହାପାତ୍ର, ଲକ୍ଷ୍ମୀଧର ସାହୁ, ନିରଞ୍ଜନ ସେନାପତି, ବିକ୍ରମ ରାଏ, ସନ୍ତୋଷ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଶ୍ରୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ମାୟାଧର ଦାଶ ଧନ୍ୟବାଦ ଦେଇଥିଲେ ।

# ନିଗମ ଇଞ୍ଜିନିୟରିଂ କଲେଜର ପ୍ରତିଷ୍ଠା ଦିବସ ପାଳନ



କଟକ(ପିପିଏସ୍): ନିଗମ ଇଞ୍ଜିନିୟରିଂ କଲେଜର ଅଧକ୍ଷ ମନୋଜ ରଞ୍ଜନ ସାମନ୍ତରାୟ ପ୍ରଦ୍ୱୀପ ଉଜ୍ଜ୍ୱଳନ କରି ପ୍ରତିଷ୍ଠା ଦିବସ ଉଦ୍‌ଘାଟନ କରିଥିଲେ ଏବଂ କଲେଜର ଗରିବ ଛାତ୍ର-ଛାତ୍ରୀ ଓ ସମସ୍ତ କର୍ମଚାରୀମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହି ଦିନ ତାଙ୍କର ପିତା ଇଂ. ପଙ୍କଜ ଚରଣ ସାମନ୍ତରାୟଙ୍କର ଶୁଭ ଜୟନ୍ତୀ ଥିଲା । ଏହି କାର୍ଯ୍ୟକ୍ରମରେ କଳିଙ୍ଗ ସେନା ଓ ଦୈନନ୍ଦିନ ପତ୍ରିକା 'ନନ୍ଦିନୀ'ର ସମ୍ପାଦକ ହେମନ୍ତ ରଥ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ପ୍ରତିଷ୍ଠାତାଙ୍କର ସ୍ମୃତିଚାରଣ କରି ଉପଦେଶ ପ୍ରଦାନ କରିଥିଲେ । ନିଗମ କଲେଜର ନିର୍ଦ୍ଦେଶିକା ଇଂ. ଇପ୍‌ସିତା ସାମଲ ଓ ନିର୍ଦ୍ଦେଶକ ଇଂ. ଶୁଭମ୍ ପଙ୍କଜ ସାମନ୍ତରାୟ ପିଲାମାନଙ୍କୁ ବୈଷୟିକ ଶିକ୍ଷା ବିଷୟରେ ଓ ପ୍ରତିଷ୍ଠାତା ପଙ୍କଜ ଚରଣ ସାମ'ରାୟଙ୍କ ବୈଷୟିକ ଜ୍ଞାନ ସମ୍ବନ୍ଧରେ ଆଲୋକପାତ କରିଥିଲେ ଏବଂ ବିଭିନ୍ନ ବିଭାଗର ଛାତ୍ର-ଛାତ୍ରୀମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଷ୍ଟୁଡ଼େଣ୍ଟ ୱେଲଫେୟାର୍ ଅଫିସର୍ ଚିନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧାପକ ମହେନ୍ଦ୍ର ବିଶ୍ୱାଳ, ହିମାଂଶୁ ଶେଖର ବେହେରା, ସତ୍ୟପ୍ରଜ୍ଞ ବିମଳେଶ ଓ ଅଧାପିକା ସୁଶ୍ରୀ ଉପାସନା ଲେଙ୍କା, ଅଗ୍ନିଶିଖା ମଲ୍ଲ, ସ୍ୱର୍ଣ୍ଣଲତା ଜେନା ତଥା ଅନ୍ୟାନ୍ୟ କର୍ମଚାରୀ ରମାକା' ସାହୁ, ଅକ୍ଷୟ ରାଉତ, ନିଗମ ସାହୁ, ଦିଲ୍ଲୀପ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ନିଯୁକ୍ତି ଓ ବୈଷୟିକ ଶିକ୍ଷା ଚୟନ ଶିବିର

କେନ୍ଦ୍ରାପଡା, (ହି.ସ.)- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମିଳିତ ସଂଯୋଜନାରେ ବ୍ଲକ ସ୍ତରୀୟ ନିଯୁକ୍ତି ଓ ବୈଷୟିକ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୨୧୯ ଜଣ ଆଶାୟୀ ଯୁବକ ଯୁବତୀ ଏବଂ ୧୨ ଗୋଟି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ଶିବିରରୁ ୧୬୯ ଜଣ ଯୁବକ ଯୁବତୀଙ୍କୁ ତାଲିମ ପାଇଁ ମନୋନିତ କରାଯାଇଛି । ୩୯ ଜଣ ଛାତ୍ରୀ ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ଓ ୧୧ ଜଣ ଯୁବତୀ ସରକାରୀ ପଲିଟେକନିକ କେନ୍ଦ୍ରାପଡାରେ ତାଲିମ ନେବା ପାଇଁ ଇଛା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ, ବିଡିଓ, ସିଡିପିଓ ଓ ସମିତି ସଭ୍ୟମାନେ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସାହା ଓ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମାଲକାନଗିରି ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଙ୍ଗ କାର୍ଯ୍ୟକ୍ରମ

ମାଲକାନଗିର: ମାଲକାନଗିରି ମହାବିଦ୍ୟାଳୟର ସଭାଗୃହରେ ଉଭୟ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ନେଇ ଏକ କ୍ୟାରିୟର କାଉନସେଲିଙ୍ଗ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଉଦୟନାଥ ଖରା ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଆଇ. କ୍ୟୁ. ଏସ. ସି ର ସଂଯୋଜକ ତଥା ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଡ଼. ଖରା ଛାତ୍ରଛାତ୍ରୀ ମାନଙ୍କୁ କିଭଳି ଭାବରେ ଉଚ୍ଚ ପଦସ୍ତ ସରକାରୀ ଚାକିରିରେ ନିଯୁକ୍ତି ପାଇପାରିବେ ଯେପରି କେନ୍ଦ୍ରୀୟ ଲୋକସଭା ଆୟୋଗ, ଓଡ଼ିଶା ଲୋକସଭା ଆୟୋଗ ଦ୍ୱାରା କରାଯାଉଥିବା ପରୀକ୍ଷାରେ ଉତୀର୍ଣ୍ଣ ହୋଇପାରିବେ ସେଥିପାଇଁ ମାର୍ଗଦର୍ଶନ ଦେଇଥିଲେ । ଅଧକ୍ଷ ଅଶୋକ କୁମାର୍ ଷଡଙ୍ଗୀ ଏନ୍.ଟି.ଏ. ଦ୍ୱାରା କରାଯାଉଥିବା ପ୍ରବେଶିକ ପରୀକ୍ଷା ଉପରେ ଆଲୋକପାତ କରିବା ସହିତ କଠିନ ପରିଶ୍ରମ କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅଧାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପୁସ୍ତକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଛାତ୍ରଛାତ୍ରୀ ମାନଙ୍କ ସାଧାରଣ ଜ୍ଞାନ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ । ସଭାଶେଷରେ ଅଧାପକ ପ୍ରମିୟ କୁମାର୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବଗଡ଼ା ପାକ୍ସ ପରିଚାଳନା ପରିଷଦର ତୃତୀୟ ଅଧିବେଶନ

କେନ୍ଦ୍ରାପଡା: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ା ପ୍ରାଥମିକ କୃଷି ସମବାୟ ସମିତିର ତୃତୀୟ ପରିଚାଳନା ପରିଷଦ ଅଧିବେଶନ ଏହାର ମିନିବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୋର୍ଡ ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଚଳିତ ବର୍ଷର ଖରିଫ ଧାନକ୍ରୟ, ରବି ଋଣ ଲଗାଣ, ଜେଏଲଜି ଗୋଷ୍ଠୀ ଋଣ ପ୍ରଦାନ, ବକେୟା ଋଣ ଆଦାୟ, ଖାଲି ପଡିଥିବା କର୍ମଚାରୀ ପଦବୀ ପୂରଣ ଓ ନୂତନ ସଦସ୍ୟତା ଆଦି ବହୁ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ପଞ୍ଜିକୃତ ଚାଷୀଙ୍କ ଠାରୁ ଅଦ୍ୟାବଧି ୧୯ ହଜାର କୁଇଂଟାଲ ଧାନ ସଂଗ୍ରହ ହୋଇ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଥିଲେ ହେଁ ବ୍ୟାଙ୍କ ପକ୍ଷରୁ ଧାର୍ଯ୍ୟ ମୂଲ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଋଣ ଲଗାଣ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ଏହାର ୮୨ ପ୍ରତିଶତ ପୂରଣ ହୋଇଥିବା ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ପ୍ରକାଶ କରିଥିଲେ । ତେବେ ବିନା ସୁଧରେ ଚାଷୀଙ୍କୁ ଦିଆଯାଉଥିବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥାକୁ ବ୍ୟାପକ କରିବା ଓ ଏଥିପାଇଁ ଆବଶ୍ୟକ ଚାର୍ଜ ସୃଷ୍ଟି କରିବା ଉପରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସି ସି ବି ଶାଖା ପରିଚାଳକ ତାପସ ପ୍ରସାଦ ସିଂ ଗୁରୁତ୍ୱାରୋପ କରିଥିଲେ । ସମିତିର ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ଆସିଥିବାରୁ ତୁରନ୍ତ କାର୍ଯ୍ୟାରମ୍ଭ ପାଇଁ ନିଷ୍ପତି ନିଆଯାଇଥିଲା । ଉକ୍ତ ବୈଠକରେ ଅନାଦେୟ ଋଣ ଆଦାୟ ତଥା ନୂତନ ଗୃହ ନିର୍ମାଣ ନିମନ୍ତେ ସବକମିଟି ଗଠନ କରାଯାଇଥିଲା । ଆଗାମୀ ୨୫ ତାରିଖରେ ଋଣ ଆଦାୟ ମେଳା ଓ ବ୍ୟାଙ୍କିଙ୍ଗ ସେବା ତଥା ଋଣ କର୍ମଶାଳା ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକରେ ଉପ ସଭାପତି ପ୍ରଣଦା ପାଣିଙ୍କ ସମେତ ପାତ୍ର, ପ୍ରଫୁଲ୍ଲ ରାଉଳ, ପ୍ରତାପ ଜେନା, ବିଜୟ ଜେନା, ମାନସ ପ୍ରଧାନ, ପ୍ରତାପ ନାୟକ, ସୁରେନ୍ଦ୍ର ସ୍ୱାଇଁ, ଜ୍ଞାନରଂଜନ ସାହୁ, ଜୟନ୍ତ ପରିଡା ପ୍ରମୁଖ ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସୁଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦକ୍ଷତା ବିକାଶ ପାଇଁ ତାଲିମ କାର୍ଯ୍ୟକ୍ରମ

ପୁରୀ (ହି. ସ.)-ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପତ୍ର ଦ୍ୱାରା ସମ୍ଭବ ହୋଇ ପାରିବ । ତେଣୁ ପୁରୀ ଜିଲ୍ଲାର ଆଗ୍ରହୀ ଆଶାୟୀ ପ୍ରାର୍ଥୀ ମାନେ ଏହାର ସୁଯୋଗ ନେବାର ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ବିଭିନ୍ନ ବିଭାଗ କୁ ଆହ୍ୱାନ ଦେଇଛନ୍ତି । ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଙ୍କ ଅଧକ୍ଷତାରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଦକ୍ଷତା ବିକାଶ ପାଇଁ ଆଗ୍ରହୀ ଆବେଦନକାରୀ ଙ୍କୁ ସୂଚନା ପ୍ରଦାନ ଓ ତାଲିମ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆମ ଜିଲ୍ଲାରେ କୃଷି, ପର୍ଯ୍ୟଟନ ହସପିଟାଲିଟି, ନିର୍ମାଣ କ୍ଷେତ୍ର, ଖାଦ୍ୟ ପ୍ରସ୍ତୁତି, ପାଇପ ମରାମତି, ଗାଡ଼ି ମରାମତି, ହସ୍ତତନ୍ତ, ଇଲୋକ୍ଟ୍ରୋନିକ୍ସ ଓ ହାର୍ଡୱେୟାର ଇତ୍ୟାଦି ରେ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ ର ବ୍ୟବସ୍ଥା ରହିଥିବାରୁ ପ୍ରତ୍ୟେକ ବିଭାଗ ସେହିଭଳି ଆଗ୍ରହୀ ପ୍ରାର୍ଥୀ ମାନଙ୍କୁ ସୂଚନା ଓ ତାଲିକା ପ୍ରଦାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ୧୮ ରୁ ୪୫ ବର୍ଷ ବୟସର ପ୍ରାର୍ଥୀ ଯାହାରକି ୫ମରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ରହିଥିବ ସେମାନେ ସେମାନଙ୍କ ଉପଯୋଗୀ ହେଲା ଭଳି ବିଭାଗ ଚୟନ କରି ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ରେ ଆବେଦନ କରିପାରିବେ । ବୈଷୟିକ ଦକ୍ଷତା ତାଲିମଦାତା ଙ୍କ ତାଲିମ ପ୍ରଦାନ ପରେ ସମ୍ପୃକ୍ତ ଆବେଦନକାରୀ ଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ଯାହା ତାଙ୍କର ନିଯୁକ୍ତି, ଉଦ୍ୟୋଗ ଓ ସଶକ୍ତୀକରଣ ପାଇଁ ସହାୟକ ହେବ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ବୈଠକରେ ଜିଲ୍ଲା ନିୟୋଜନ ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ଓରମାସ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାସ, ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଶିକ୍ଷା ସହିତ କ୍ରୀଡା ଶାରୀରିକ ଓ ମାନସିକ ସ୍ଥିତିକୁ ସୁଦୃଢ଼ କରେ

## ଅନନ୍ତକେଶରୀ ବିଦ୍ୟାଳୟର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ



ଧାମନଗର (ପିପିଏସ): ଧାମନଗର ଏନଏସି ଅନ୍ତର୍ଗତ ଜୟନଗର ଅନନ୍ତ କେଶରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ତାଳପଦା ନୋଡାଲର ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ ସଞ୍ଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଇଓ ତଥା ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସୁଧାକର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ଉପଦେଶମୂଳକ ନୀତିବାଣୀ ବକ୍ତବ୍ୟ ମାଧମରେ ପ୍ରଦାନ କରିଥିଲେ । ସଭାରେ ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ବେହେରା, ପଳିକିରୀ ନୋଡାଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ, ସମ୍ପୃକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିରୁପମା ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବାର୍ଷିକ କ୍ରୀଡାରେ ପ୍ରତିଦ୍ୱନ୍ଦିତା କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ସ୍କିପିଙ୍ଗ, ରନିଂ, ମୁରୁଜ ଚିତା, ଗଳ୍ପ କଥନ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମୋଟ ୨୮ ଜଣ ବିଜେତା ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପଦକ, ଖାତା, କାଗଜ ଓ କଲମ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ମିଶ୍ର ସଭାର ଶେଷ ସ୍ୱର୍ଶ ପ୍ରଦାନ କରିଥିଲେ ।

# ଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ଉତ୍ସବ

କଟକ ସଦର, (ପିପିଏସ୍): ଶ୍ରୀ ଦୁର୍ଗ ସାହିତ୍ୟ ସଂସଦ ପକ୍ଷରୁ ଖପୁରିଆସ୍ଥିତ ସିଦ୍ଧି ଦୁର୍ଗା ମଣ୍ଡପରେ ଆଜି ବସନ୍ତ ଉତ୍ସବ ସଭାପତି ଚୈତନ୍ୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଣ୍ଡିତ ଅଭୟ କୁାମର ଦାସ, କୈଳାସ ଚନ୍ଦ୍ର ଜେନା, ସାନ୍ତ୍ୱନା କୁମାରୀ ମହାନ୍ତି, ଅତିଥି ଭାବରେ ଯୋଗଦେଇ ଆଗାମୀ ବିଶ୍ୱ ପୁସ୍ତକ ଦିବସ ଅବସରରେ ପୁସ୍ତକର ମହତ୍ୱ ସମ୍ପାଦନ କରିଥିଲେ । ସାଧାରଣ ସମ୍ପାଦକ ପ୍ରାଧାପକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଂଗଠନ ସମ୍ପାଦକ ସତ୍ୟ ଶୈଳ ମହାନ୍ତି, ଶାଇ ନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବକୁ ମନରଞ୍ଜନ ପଣ୍ଡା ଓ ଗିତାଞ୍ଜଳି ପୃଷ୍ଟି ସଂଯୋଜନା କରିଥିଲେ ।



# ଅଷ୍ଟ୍ରେଲିଆ ନିକଟରୁ ଭାରତର ଶୋଚନୀୟ ପରାଜୟ



ବିଶାଖାପଟନମ(ଏଜେନ୍ସି): ବ୍ୟାଟର ତ ପ୍ରତିପକ୍ଷ ବୋଲରଙ୍କ ଆଗରେ ଆତ୍ମ ସମର୍ପଣ କରିଥିଲେ। ଆଉ ଭାରତୀୟ ବୋଲର ବି ଅଷ୍ଟ୍ରେଲିଆ ବ୍ୟାଟରଙ୍କ ଆଗରେ ଅସହାୟ ହୋଇ ପଡିଲେ। ବଡ ସ୍କୋର କରିନଥିଲେ ବି ଭାରତୀୟ ବୋଲର ଗୋଟିଏ ହେଲେ ୱିକେଟ୍ ନେଇ ପାରିଲେ ନାହିଁ। ଆଉ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ୨ୟ ଦିନିକିଆକୁ ୧୦ ୱିକେଟ୍‌ରେ ଜିତି ନେଇଛି ଅଷ୍ଟ୍ରେଲିଆ, ସେପୁଣି ୨୩୪ ବଲ୍ ବଳକା ଥାଇ। ଆଉ ଭାରତ ଲଜ୍ଜାଜନକ ପରାଜୟ ଭୋଗିଛି। ଏହି ବିଜୟ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାକୁ ୧-୧ ବରାବର ସ୍ଥିତିକୁ ଆଣିଛି ଅଷ୍ଟ୍ରେଲିଆ। ମାର୍ଚ୍ଚ ୨୨ରେ ଚେନ୍ନାଇରେ ଖେଳାଯିବ ନିର୍ଣ୍ଣାୟକ ଶେଷ ଦିନିକିଆ। ବଲ୍ ଦୃଷ୍ଟିରୁ ଭାରତ ବିପକ୍ଷରେ ଦିନିକିଆରେ ଅଷ୍ଟ୍ରେଲିଆର ଏହା ହେଉଛି ସବୁଠୁ ବଡ ବିଜୟ। ପ୍ରଥମେ ବ୍ୟାଟିଂ କରି ଭାରତ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୩୬ ଓଭରରେ ମାତ୍ର ୧୧୭ ରନ କରି ପାରିଥିଲା। ଭାରତ ପକ୍ଷରୁ ବିରାଟ କୋହଲି ୩୧ ଏବଂ ଅକ୍ଷର ପଟେଲ୍ ଅପରାଜିତ ୨୯ ରନ କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ମାତ୍ର ୧୧ ଓଭରରେ ବିନା କୌଣସି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ମିଚେଲ୍ ମାର୍ଶ ୬୬ ଏବଂ ଟ୍ରେଭିଡ୍ ହେଡ୍ ୫୧ ରନ ଟି-୨୦ ଷ୍ଟାଇଲ୍‌ରେ ବ୍ୟାଟିଂ କରିବା ସହ ଓପନିଂ ୱିକେଟ୍ ଶତକୀୟ ଭାଗିଦାରୀ ଯୋଡି ଅଷ୍ଟ୍ରେଲିଆକୁ ଅତି ସହଜ ବିଜୟ ଦେଇଛନ୍ତି। ବୋଲିଂରେ ଅଷ୍ଟ୍ରେଲିଆର ମିଚେଲ୍ ମାର୍ଶ ୫ଟି ୱିକେଟ୍ ନେଇଥିଲେ। ୧୧୯ ରନର ସହଜ ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ଟି-୨୦ ଷ୍ଟାଇଲ୍‌ରେ ପିଛା କରିଥିଲା। ଆରମ୍ଭରୁ ହିଁ ଦୁଇ ଓପନର ମିଚେଲ୍ ମାର୍ଶ ଏବଂ ଟ୍ରେଭିସ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଉଭୟ ଭାରତୀୟ ବୋଲରଙ୍କୁ ନିର୍ଘାତ ପ୍ରହାର କରି ୱିକେଟ୍ ନେବାର କୌଣସି ସୁଯୋଗ ଦେଇନଥିଲେ। ଅଷ୍ଟ୍ରେଲିଆ ବ୍ୟାଟର ଏମିତି ବ୍ୟାଟିଂ କରୁଥିଲେ ଲାଗୁଥିଲା ଯେମିତି ଟି-୨୦ ମ୍ୟାଚ୍ ଚାଲିଛି। ଆଉ ଭାରତୀୟ ବୋଲର ଦୁଇ ବ୍ୟାଟରଙ୍କ ସାମ୍ନାରେ ଅସହାୟ ନଜର ଆସିଥିଲେ। ଉଭୟ ବ୍ୟାଟର ଅର୍ଦ୍ଧଶତକ ହାସଲ କରିବା ସହ ଶତକୀୟ ଭାଗିଦାରୀ ଯୋଡି ଦଳକୁ ୧୧ ଓଭରରେ କୌଣସି ୱିକେଟ୍ ନହରାଇ ୧୦ ୱିକେଟ୍‌ରେ ବିଜୟ ଦେଇଛନ୍ତି। ମିଚେଲ୍ ମାର୍ଶ ୩୬ ବଲ୍‌ରେ ୬ ଚୌକା ଏବଂ ୬ ଛକା ଜରିଆରେ ୬୬ ରନର ଅପରାଜିତ ବିଧ୍ୱଂସୀ ଇନିଂସ ଖେଳିଛନ୍ତି। ଟ୍ରେଭିସ୍ ହେଡ୍ ୩୦ ବଲ୍‌ରେ ୧୦ ଚୌକା ସହ ୫୧ ରନର ଅପରାଜିତ ଇନିଂସ ଖେଳିଛନ୍ତି। ଭାରତର ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଭାରତୀୟ ଇନିଂସ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ କ୍ରିଜକୁ ଓହ୍ଲାଇଥିବା ଭାରତ କେବେ ଭାବିନଥିବ ଯେ, ଦଳର ସ୍ଥିତି ଏମିତି ହେବ। ୩ ରନ ସ୍କୋରରେ ଶୁଭମନ ଗିଲ୍ ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ। ରୋହିତ ଶର୍ମା ଏବଂ ବିରାଟ କୋହଲି ୨ୟ ୱିକେଟ୍ ପାଇଁ ୨୯ ରନ ଯୋଡିଥିଲେ। ତେବେ ରୋହିତ ଶର୍ମା ୧୩ ରନ କରି ପାଭିଲିୟନ ଫେରିଥିଲେ। ଏହା ପରଠୁ ଭାରତ ଏମିତି ବ୍ୟାଟିଂ ବିପର୍ଯ୍ୟୟ ଭୋଗିଲା ଯେ, ଦଳ ଆଉ ନିଜକୁ ସମ୍ଭାଳି ପାରିନଥିଲା। ମଧ୍ୟ କ୍ରମରେ ବିରାଟ କୋହଲିଙ୍କୁ କିଛି ସମୟ ବାଦ୍ ଦେଲେ ବାକି ବ୍ୟାଟର ମିଚେଲ୍ ଷ୍ଟାର୍କଙ୍କ ଘାତକ ବୋଲିଂର ମୁକାବିଲା କରି ପାରିନଥିଲେ। ସୂର୍ଯ୍ୟକୁମାର ଯାଦବ ପୁଣି ଥରେ ଦିନିକିଆରେ ନିଜର ଖରାପ ପ୍ରଦର୍ଶନ ଜାରି ରଖି ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ। ପ୍ରଥମ ଦିନିକିଆ ପରି ଦ୍ୱିତୀୟ ମ୍ୟାଚ୍‌ରେ ବି ସେ ମିଚେଲ୍ ଷ୍ଟାର୍କଙ୍କ ବଲ୍‌ରେ ଗୋଲ୍ଡେନ ଡକ୍‌ର ଶିକାର ହୋଇଛନ୍ତି। ଗତ ମ୍ୟାଚ୍‌ର ହିରୋ କେଏଲ ରାହୁଲ(୯) ମଧ୍ୟ ଅଧିକ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା(୧) କିଛି ଖାସ୍ କରି ପାରିନଥିଲେ। ପ୍ରଥମ ଦିନିକିଆରେ ଭାରତର ବିଜୟରେ ବିନ୍ଧାଣି ସାଜିଥିବା ରବୀନ୍ଦ୍ର ଜାଡେଜା(୧୬) କ୍ରିଜରେ ଜମି ଆସୁଥିଲେ ମଧ୍ୟ ଆଉଟ୍ ହୋଇଥିଲେ। ଅକ୍ଷର ପଟେଲ୍ ନିମ୍ନ ଭାଗରେ ୨୯ ରନର ଅପରାଜିତ ଇନିଂସ ଖେଳିବାରୁ ଭାରତ ୧୧୭ ରନ ସ୍କୋରରେ ପହଞ୍ଚି ପାରିଥିଲା। କୁଲଦୀପ ଯାଦବ((୪), ମହମ୍ମଦ ଶାମି(୦) ଏବଂ ମହମ୍ମଦ ସିରାଜ(୦) ରନ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ୮ ଓଭରରେ ୫୩ ରନ ଦେଇ ୫ ସଫଳତା ହାସଲ କରିଛନ୍ତି। ସିନ୍ ଆବୋଟ୍ ୬ ଓଭରରେ ୨୩ ରନ ଦେଇ ୩ ଏବଂ ନାଥନ ଏଲିସ୍ ୧୩ ରନ ଦେଇ ୨ଟି ୱିକେଟ୍ ନେଇଛନ୍ତି।

# ଇଂଲଣ୍ଡ ପାଇଁ ଖେଳିବେ ଭାରତର ଷ୍ଟାର ବୋଲର ଅର୍ଶଦୀପ ସିଂହ



ଚଣ୍ଡୀଗଡ(ଏଜେନ୍ସି): ଟିମ ଇଣ୍ଡିଆ ଏବଂ ଭାରତୀୟ କ୍ରିକେଟ ଫ୍ୟାନ୍ସମାନଙ୍କୁ ଲାଗିଛି ଏକ ଶକ୍ତ ଝଟକା । ଏବେ ଭାରତ ଛାଡି ଆଉ ଏକ ଦଳ ପକ୍ଷରୁ ଖେଳିବେ ଟିମ ଇଣ୍ଡିଆର ଜଣେ ଷ୍ଟାର ଖେଳାଳି । ଏହି ଖେଳାଳି ହେଉଛନ୍ତି ଟି-୨୦ କ୍ରିକେଟରେ ଏକ ନୂଆ ପରିଚୟ ସୃଷ୍ଟି କରିଥିବା ଅର୍ଶଦୀପ ସିଂହ । ଆଗକୁ ସେ ଇଂଲଣ୍ଡରେ ଖେଳୁଥିବାର ନଜର ଆସିବେ । ଟିମ ଇଣ୍ଡିଆ ପାଇଁ ୩ଟି ଦିନିକିଆ ଏବଂ ୨୬ଟି ଟି-୨୦ ମ୍ୟାଚ ଖେଳିଥିବା ଅର୍ଶଦୀପଙ୍କ ଏହି ନିଷ୍ପତ୍ତି ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ତେବେ ଆସନ୍ତୁ ଜାଣିବା ସମ୍ପୂର୍ଣ୍ଣ ଘଟଣା । ଭାରତୀୟ କ୍ରିକେଟ ଟିମର କୋଚ ରାହୁଲ ଦ୍ରାବିଡଙ୍କ ଉପଦେଶକ୍ରମେ ଅର୍ଶଦୀପ ସିଂହ ଇଂଲଣ୍ଡର ଏକ ଦଳ ପକ୍ଷରୁ ଖେଳିବାକୁ ରାଜି ହୋଇଛନ୍ତି । ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା କାଉଣ୍ଟି କ୍ରିକେଟରେ ବିଦେଶୀ ଖେଳାଳି ଭାବେ ଯୋଗ ଦେବେ ଟିମ ଇଣ୍ଡିଆର ଷ୍ଟାର ବୋଲର । ଟୁର୍ଣ୍ଣାମେଣ୍ଟର କେଣ୍ଟ ଟିମ ତରଫରୁ ଖେଳୁଥିବାର ନଜର ଆସିବେ ଅର୍ଶଦୀପ । ଆସନ୍ତା ୧୧ ତାରିଖରୁ ୨୮ ତାରିଖ ଭିତରେ ୫ଟି ମ୍ୟାଚ ଖେଳିବେ ଅର୍ଶଦୀପ । ଏ ନେଇ ସେ କହିଛନ୍ତି ଯେ, ଇଂଲଣ୍ଡରେ ଲାଲ ବଲରେ ଖେଳିବା ପାଇଁ ମୁଁ ଖୁବ ଉତ୍ସାହିତ ଅଛି । ପ୍ରଥମ ଶ୍ରେଣୀ କ୍ରିକେଟରେ ନିଜର କୌଶଳରେ ସୁଧାର ଆଣିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି ଅର୍ଶଦୀପ । ଶମଶେର ସିଂହ, ରାହୁଲ ଦ୍ରାବିଡ ଏବଂ ନବଦୀପ ସୈନୀଙ୍କ ପରେ ତୃତୀୟ ଭାରତୀୟ ଖେଳାଳି ଭାବେ ଅର୍ଶଦୀପ କେଣ୍ଟ ଟିମ ସହ ଯୋଡି ହେବାକୁ ଯାଉଛନ୍ତି । ଭାରତ ପକ୍ଷରୁ ୩ଟି ଦିନିକିଆରେ ଗୋଟିଏ ବି ସଫଳତା ହାସଲ କରିପାରିନାହାନ୍ତି ଅର୍ଶଦୀପ । ତେବେ ଅନ୍ତରାଷ୍ଟ୍ରୀୟ ଟି-୨୦ କ୍ରିକେଟର ୨୬ଟି ମ୍ୟାଚରୁ ୪୧ଟି ୱିକେଟ ନେଇ ଭାରତ ପାଇଁ ପ୍ରମୁଖ ବୋଲର ପାଲଟିଛନ୍ତି । ଗତ ଟି-୨୦ ବିଶ୍ୱକପରେ ଅର୍ଶଦୀପ ଭାରତ ପକ୍ଷରୁ ଦମଦାର ପ୍ରଦର୍ଶନ କରିଥିଲେ । ପଞ୍ଜାବ ତରଫରୁ ଘରୋଇ କ୍ରିକେଟ ଖେଳୁଥିବା ଅର୍ଶଦୀପ ସିଂହ ୭ ମ୍ୟାଚରେ ୧୨ ଇନିଂସରୁ ୨୫ଟି ୱିକେଟ ଅକ୍ତିଆର କରିଛନ୍ତି ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୯ମାର୍ଚ୍ଚ-୨୫ ମାର୍ଚ୍ଚ ୨୦୨୩




ଷଡ଼ଯନ୍ତ୍ର !

ପ୍ରାଚୀନକାଳ ରୁ ଇତିହାସ ରେ ବହୁ ଷଡଯନ୍ତ୍ର କଥା ଉଲ୍ଲେଖ ରହିଛି ।କିଏ ରାଜ୍ୟ ପାଇଁ ତ କିଏ ସମ୍ପତ୍ତି ପାଇଁ ତ କିଏ କ୍ଷମତା ପାଇଁ ତ କିଏ ନିଜ ପ୍ରେମକୁ ହାସଲ ପାଇଁ ବିଭିନ୍ନ ପ୍ରକାର କୁଟିଳ ବୁଦ୍ଧି ରେ ଷଡଯନ୍ତ୍ର କରି ନିଜ କାର୍ଯ୍ୟ ହାସଲ କରିଥିବା ନଜିର ଅଛି ।ବର୍ତ୍ତମାନ ସମୟରେ ଓଡିଶାରେ ନିକଟ ଅତୀତ ରେ ହୋଇଥିବା ଷଡଯନ୍ତ୍ର ହତ୍ୟାକାଣ୍ଡ ସର୍ବତ୍ର ଲୋକମୁଖ ରେ ଆଲୋଚ୍ୟ ।ରାଜ୍ୟରେ ବହୁ ଚର୍ଚ୍ଚିତ ପୂର୍ବତନ କ୍ୟାବିନେଟର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଜାନୁଆରୀ ୨୯ତାରିଖରେ ଜଣେ ଏଏସଆଇ ଦିନ ଦ୍ୱିପହରେ ବିଜୁ ଜନତା ଦଳ କର୍ମୀ ଙ୍କ ଆଗରେ ଗୁଳି କରି ମାରିଦେବା ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ । କାହା ବଳରେ ଗୋପାଳ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କୁ ଗୁଳି କରି ମାରିଲା ଆଉ ଏତେ ସାହସ ପାଇଲା କେଉଁଠୁ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସାଧାରଣତଃ ଯିଏ ଯାହାକୁ ଗୁଳି କରେ ବା କୌଣସି ମରଣା ଅସ୍ତ୍ର ରେ କାହାକୁ ମାରିଦେଇଥାଏ ସେ ଘଟଣା ସ୍ଥାନରୁ ଫେରାର ହୋଇଯାଇ ଲୁଚିଯିବା କଥା ମାତ୍ର ଗୋପାଳ କ୍ଷେତ୍ରରେ ସେଇଆ ହେଲାନାହିଁ । ନବବାବୁଙ୍କୁ ମାରିଲା ପରେ ବି ତାର କୌଣସି ପଶ୍ଚାତାପ ନାହିଁ ବରଂ ସେ ହସୁଛି । ଏହା ବାସ୍ତବିକ ଇତିହାସରେ ପ୍ରଥମ ଆଶ୍ଚର୍ଯ୍ୟର ଘଟଣା ।

**ଜାତୀୟ:** ଘଣ୍ଟା ବିକି ଫସିଲେ ଇମ୍ରାନ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଅଡୁଆରେ କେ. କବିତା

**ନାରୀ:** ତ୍ୱଚାରୁ ଦାଗ ଦୂର କରେ ମହୁ

**କ୍ଷୁଦ୍ରଗଳ୍ପ:** ସଞ୍ଜ ବଳିତା

**ଚଳଚ୍ଚିତ୍ର:** ପୁଣିଥରେ ଚର୍ଚ୍ଚାକୁ ଆସିଲେ ଉର୍ଫି,ଆସୁଛି ଫିଲ୍ମ 'ଇଣ୍ଡିଆନ୍-୨',କାର କିଣିଲେ ଅଭିନେତ୍ରୀ ନୀତୁ କପୁର,କରଣଙ୍କ ଉପରେ ରାଗିଲେ କରୀନା-ରଣବୀର,'ପୁଷ୍ପା-୨'ରେ ଅଭିନୟ କରିବେ ସାଇ ପଲ୍ଲଭୀ,ପୁଣି ବିବାହ କଲେ ଅଭିନେତା ନରେଶ ବାବୁ ,ଅଲଗା ହେବେ ଭାବୀ ଅଙ୍ଗୁରୀ,ପରଲୋକରେ ବରିଷ୍ଠ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ସତୀଶ କୌଶିକ

**ଖେଳ:** ବିଳମ୍ବରେ ଆଇପିଏଲ୍‌ରେ ଯୋଗଦେବେ ଦକ୍ଷିଣ ଆଫ୍ରିକା ଖେଳାଳି,ଦ୍ୱିତୀୟ ଥର ବାପା ହେଲେ ଦ୍ରୁତ ବୋଲର ଉମେଶ ଯାଦବ,ଆମିରଙ୍କୁ ଚିହ୍ନି ପାରିଲେ ନାହିଁ ଗାଙ୍ଗୁଲିଙ୍କ ସିକ୍ୟୁରିଟି ଗାର୍ଡ,ସରିଲା ସାନିଆଙ୍କ ଟେନିସ୍ ଯାତ୍ରା,ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ପ୍ରଥମ ଥର ପାଇଁ ଆଇପିଏଲ୍ ୨୦୨୩ ସିଜନରେ ସାମିଲ ହେଲେ,ହୋଟେଲରୁ ବରିଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କ ମୃତ ଦେହ ଉଦ୍ଧାର,ଅଷ୍ଟ୍ରେଲିଆ ଟେଷ୍ଟ ଟିମ୍‌ର ଅଧିନାୟକ ପାଟ କମିନ୍ସଙ୍କ ମା'ଙ୍କ ଦେହାନ୍ତ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଡାକୋଟାର ଡାୟନସୋର ଭୁବନେଶ୍ୱରର ବିକାଶ"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଏଟିପି ଟୁର୍ଣ୍ଣାମେଣ୍ଟ ମିୟାମୀ ଓପନରେ ଭାଗ ନେବେ ନାହିଁ ନୋଭାକ ଜୋକୋଭିଚ୍



ନୂଆଦିଲ୍ଲୀ(ଏଜେନ୍ସି): ବିଶ୍ୱର ଏକ ନମ୍ବର ଟେନିସ ଖେଳାଳିଙ୍କୁ କରୋନା ଟିକା ନ ହେବା ପୁଣି ଥରେ ମହଙ୍ଗା ପଡ଼ିଛି । ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ଆମେରିକାର ଫ୍ଲୋରିଡାରେ ହେବାକୁ ଥିବା ଏଟିପି ଟୁର୍ଣ୍ଣାମେଣ୍ଟ ମିୟାମୀ ଓପନରେ ଭାଗ ନେଇପାରିବେ ନାହିଁ । ଶନିବାର ଟୁର୍ଣ୍ଣାମେଣ୍ଟର ଆୟୋଜକ ଏହି ସୂଚନା ଦେଇଛନ୍ତି । ଡୋକୋଭିଚ୍ କରୋନା ଟିକା ନେଇ ନାହାନ୍ତି, ଏହି କାରଣରୁ ତାଙ୍କୁ ଆମେରିକାରେ ପ୍ରବେଶ ଅନୁମତି ନାହିଁ । ଏହା ପୂର୍ବରୁ କାଲିଫୋର୍ଣ୍ଣିଆରେ ମାର୍ଚ୍ଚ ୬ରୁ ୧୯ ମଧ୍ୟରେ ହେବାକୁ ଥିବା ଇଣ୍ଡିୟନ ୱେଲ୍ସରୁ ମଧ୍ୟ ଜୋକୋଭିଚ୍ ନିଜ ନାଁ ଫେରାଇ ନେଇଥିଲେ । ଆମେରିକାର ନିୟମ ଅନୁସାରେ କରୋନା ଟିକା ନେଇ ନଥିବା ବ୍ୟକ୍ତିଙ୍କୁ ୟୁଏସରେ ପ୍ରବେଶ ଦିଆଯିବ ନାହିଁ । ଜୋକୋଭିଚ୍ ଆମେରିକା ଅଧିକାରୀଙ୍କୁ ଦେଶରେ ପ୍ରବେଶ ପାଇଁ ସ୍ୱତନ୍ତ୍ର ଅନୁମତି ଦେବାକୁ ନିବେଦନ କରିଥିଲେ, କିନ୍ତୁ ତାଙ୍କ ଅନୁରୋଧକୁ ଅସ୍ୱୀକାର କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ମିୟାମୀ ଓପନ ମାର୍ଚ୍ଚ ୨୧ରୁ ଏପ୍ରିଲ ୨ ଯାଏ ଖେଳାଯିବ । ମିୟାମୀ ଓପନ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଜେମ୍ସ ବ୍ଲେକ କହିଛନ୍ତି, 'ମିୟାମୀ ଓପନ ଦୁନିଆର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଗୋଟିଏ, ଆମେ ଚାହୁଁ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଦୁନିଆ ସର୍ବଶ୍ରେଷ୍ଠ ଖେଳାଳି ଭାଗ ନିଅନ୍ତୁ । ଆମ ହାତରେ ଯାହା ଥିଲା ଆମେ ସବୁ କରିଛୁ । ଆମେ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରୟାସ କରିଥିଲୁ, କିନ୍ତୁ ଜୋକୋଭିଚଙ୍କୁ ଅନୁମତି ମିଳିଲା ନାହିଁ'। ସର୍ବିଆର ଟେନିସ ଷ୍ଟାର କରୋନା ଟିକା ନନେବା କାରଣରୁ ଗତ ବର୍ଷ ଅଷ୍ଟ୍ରେଲିଆ ଓପନ ଏବଂ ୟୁଏସ ଓପନ ଖେଳି ପାରି ନଥିଲେ । ଗତ ବର୍ଷ ଆରମ୍ଭରେ କରୋନା ସାର୍ଟିଫିକେଟ୍ ନଥିବା କାରଣରୁ ତାଙ୍କୁ ଅଷ୍ଟ୍ରେଲିଆ ଓପନ ମଝିରୁ ଦେଶରୁ ବାହାର କରି ଦିଆ ଯାଇଥିଲା । ଭ୍ୟାକ୍ସିନ ନେଇ ନଥିବା କାରଣରୁ ୟୁଏସ ଓପନ ମଧ୍ୟ ଖେଳି ପାରି ନଥିଲେ ।

# ଆରସିବି ପାଇଁ ଖେଳିବେ ନ୍ୟୁଜିଲ୍ୟାଣ୍ଡର ଷ୍ଟାର ଅଲରାଉଣ୍ଡର ମାଇକେଲ ବ୍ରେସୱେଲ



ନୂଆଦିଲ୍ଲୀ(ଏଜେନ୍ସି): ଆଇପିଏଲକୁ ନେଇ ବଡ଼ ଅପଡେଟ ସାମ୍ନାକୁ ଆସିଛି । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ଖେଳିବେ ନ୍ୟୁଜିଲ୍ୟାଣ୍ଡର ଷ୍ଟାର ଅଲରାଉଣ୍ଡର ମାଇକେଲ ବ୍ରେସୱେଲ । ୱିଲ ଜ୍ୟାକ୍ସଙ୍କ ବଦଳରେ ଆରସିବି ବ୍ରେସୱେଲଙ୍କୁ ନିଜ ସମୟ ସାମିଲ କରିଛି । ତାଙ୍କୁ ମୂଳଦର ୧ କୋଟି ଟଙ୍କାରେ ଆରସିବି କିଣିଛି । ଆଇପିଏଲ ନିଲାମ ବେଳେ ଆରସିବି ୱିଲ ଜ୍ୟାକ୍ସଙ୍କୁ କିଣିଥିଲା । କିନ୍ତୁ ନିକଟରେ ଶେଷ ହୋଇଥିଲା ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍‌ରେ ଏହି ଷ୍ଟାର ଇଂଲଣ୍ଡ ଖେଳାଳି ଜଣଙ୍କ ଆହତ ହୋଇଥିଲେ । ତେଣୁ ସେ ଆଇପିଏଲରୁ ବାଦ ପଡ଼ିଛନ୍ତି । ୩୨ ବର୍ଷୀୟ ବ୍ରେସୱେଲଙ୍କ ପାଖରେ ଭାରତରେ ଖେଳିବାର ଅଭିଜ୍ଞତା ରହିଛି । ନିକଟରେ ଶେଷ ହୋଇଥିବା ଭାରତ ବିପକ୍ଷ ଟି-୨୦ ଓ ଦିନିକିଆ ସିରିଜ୍‌ରେ ସେ ନିଜର ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଏଯାଏ ସେ ୧୧୭ ଟି-୨୦ ମ୍ୟାଚ୍ ଖେଳି ୩୦.୮୬ ହାରରେ ୨୨୮୪ ରନ କରିଛନ୍ତି । ତାଙ୍କ ନାଁରେ ଗୋଟିଏ ଶତକ ଓ ୧୩ଟି ଅର୍ଦ୍ଧଶତକ ରହିଛି । ସେ ୪୦ଟି ୱିକେଟ ମଧ୍ୟ ନେଇଛନ୍ତି । ଭାରତ ବିପକ୍ଷ ଦିନିକିଆରେ ସେ ୧୪୦ ରନ କରିଥିଲେ । ସେହିପରି ଟି-୨୦ ସିରିଜ୍‌ରେ ନ୍ୟୁଜିଲ୍ୟାଣ୍ଡ ପାଇଁ ସର୍ବାଧିକ ୱିକେଟ ଦଖଲକାରୀ ବୋଲର ମଧ୍ୟ ବନିଥିଲେ । ଆଇପିଏଲ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଇଂଲଣ୍ଡ ବ୍ୟାଟର ୱିଲ ଜ୍ୟାକ୍ସଙ୍କୁ ଆରସିବି ୩.୨ କୋଟି ଟଙ୍କାରେ କିଣିଥିଲା । ହେଲେ ସେ ଆହତ ହୋଇଥିବାରୁ ଟାଟା ଆଇପିଏଲ ୨୦୨୩ରୁ ବାଦ ପଡ଼ିଛନ୍ତି । ତାଙ୍କ ବଦଳରେ ଆରସିବି ବ୍ରେସୱେଲଙ୍କୁ ନିଜ ସହ ସାମିଲ କରିଛି । ୧ କୋଟି ଟଙ୍କାରେ ସେ ଆରସିବିରେ ଯୋଗଦେବେ । ବ୍ରେସୱେଲ ୧୬ଟି ଅନ୍ତର୍ଜାତୀୟ ଟି-୨୦ ଖେଳି ୧୧୩ ରନ କରିବା ସହ ୨୧ଟି ୱିକେଟ ଦଖଲ କରିଛନ୍ତି ।

# ଇତିହାସ ରଚିଲେ ପାକିସ୍ତାନର ଅଧିନାୟକ ବାବର ଆଜମ



ନୂଆଦିଲ୍ଲୀ(ଏଜେନ୍ସି):ବିଶ୍ୱ କ୍ରିକେଟର ଅନ୍ୟତମ ତାରକା ତଥା ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ବ୍ୟାଟ ପିଏସଏଲ ଜୋରଦାର ଚାଲିଛି । ସେ ପାକିସ୍ତାନ ସୁପର ଲିଗ (ପିଏସଏଲ)ର ଚଳିତ ସିଜିନରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରି ଆସୁଛନ୍ତି । ବାବର ଏବେ ପିଏସ୍ଏଲରେ ସର୍ବାଧିକ ରନ ହାସଲକାରୀ ବ୍ୟାଟରଙ୍କ ତାଲିକାର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି । ତାଙ୍କ ଉପରେ ମହମ୍ମଦ ରିଜୱାନ ରହିଛନ୍ତି । ପେଶାୱର ଜାଲମିର ନେତୃତ୍ୱ ନେଉଥିବା ବାବର ଗତକାଲି ଇସଲାମାବାଦ ୟୁନାଇଟେଡ ବିରୋଧରେ ୬୪ ରନର ଇନିଂସ ଖେଳିଥିଲେ । ଏହି ମ୍ୟାଜ ବିଜୟୀ ଇନିଂସ ପରେ ସେ ବିଶ୍ୱ ରେକର୍ଡ କରିଛନ୍ତି । ବାବର ଏବେ ବିରାଟ କୋହଲି ଓ କ୍ରିସ ଗେଲଙ୍କୁ ଅତିକ୍ରମ କରି ଟି-୨୦ରେ ୯୦୦୦ ରନ ପୂରଣ କରିଛନ୍ତି । ଏପରି କରିବାରେ ସେ ବିଶ୍ୱର ଦ୍ରୁତତମ ବ୍ୟାଟର । ସେ ଅନ୍ୟ କ୍ରିକେଟରଙ୍କ ତୁଳନାରେ ସବୁଠାରୁ କମ ଇନିଂସ କରି ଏହି କୀର୍ତ୍ତିମାନ ହାସଲ କରିଛନ୍ତି । ବାବର ଇସଲାମାବାଦ ବିପକ୍ଷରେ ୩୯ ବଲରେ ୬୪ ରନର ଇନିଂସ ଖେଳିଥିଲେ । ଏହା ଚଳିତ ସିଜିନରେ ତାଙ୍କର ୬ଷ୍ଠ ଅର୍ଦ୍ଧଶତକ । ବାବର ଟି-୨୦ରେ ୨୪୫ ଇନିଂସ ଖେଳି ୯ ହଜାର ରନ ପୂରଣ କରିଛନ୍ତି । ଏହାପୂର୍ବରୁ ଏହି ରେକର୍ଡ ଗେଲଙ୍କ ନାଁରେ ଥିଲେ । ସେ ୨୪୯ଟି ଇନିଂସ ଖେଳି ୯ ହଜାର ରନ ପୂରଣ କରିଥିଲେ । ବିରାଟ ୨୭୧ ଇନିଂସ ଖେଳି ୯ ହଜାର ସଂଖ୍ୟା ଛୁଇଁଥିଲେ । ବାବର, ଗେଲ ଓ କୋହଲିଙ୍କ ପରେ ଡାଭିଡ ୱାର୍ଣ୍ଣର(୨୭୩ ଇନିଂସ) ଓ ଆରୋନ ଫିଞ୍ଚ(୨୮୧ ଇନିଂସ) ରହିଛନ୍ତି । ବାବର ଗତକାଲି କେବଳ ବିଶ୍ୱ ରେକର୍ଡ କରି ନାହାନ୍ତି, ବରଂ ତାଙ୍କ ଦଳ ବିଜୟୀ ହୋଇ ଏଲିମିନେଟର ୨ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଏଲିମିନେଟରରେ ଦଳ ଲାହୋର କଲନ୍ଦର୍ସକୁ ଭେଟିବ । ଏହି ମ୍ୟାଚ୍ ଯେଉଁ ଦଳ ଜିତିବ, ସିଏ ରବିବାର ମୁଲତାନ ସୁଲତାନ ବିପକ୍ଷରେ ରବିବାର ଫାଇନାଲ ଖେଳିବ ।

# ୱେଲିଂଟନ୍ ଟେଷ୍ଟ: ୱିଲିୟମସନ୍-୨୧୫, ନିକୋଲ୍ସ-୨୦୦



ୱେଲିଂଟନ(ଏଜେନ୍ସି): କେନ୍ ୱିଲିୟମସନ୍ ଓ ହେନରି ନିକୋଲ୍ସଙ୍କ କୀର୍ତ୍ତିମାନ ଭରା ଦ୍ୱିଶତକୀୟ ରନ୍ ବଳରେ ଶ୍ରୀଲଙ୍କା ବିପକ୍ଷ ୱେଲିଂଟନ୍ ଟେଷ୍ଟରେ ନ୍ୟୁଜିଲାଣ୍ଡ ୪ ୱିକେଟ୍ ବିନିମୟରେ ୫୮୦ ରନ୍ କରି ପ୍ରଥମ ପାଳି ଘୋଷଣା କରିଛି । ଏହାର ଜବାବରେ ଶ୍ରୀଲଙ୍କା ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୨୬ ରନ୍‌ରେ ୨ ୱିକେଟ୍ ହରାଇସାରିଛି । ଓସାଦା ଫର୍ଣ୍ଣାଣ୍ଡୋ (୬)ଙ୍କୁ ମ୍ୟାଟ୍‌ହେନରି ଓ କୁସାଲ ମେଣ୍ଡିସ୍‌ଙ୍କୁ ଖାତା ଖୋଲିବା ଆଗରୁ ଡଗ୍ ବ୍ରାସ୍‌ୱେଲ୍ ଆଉଟ୍ କରି ପ୍ରାରମ୍ଭିକ ସଫଳତା ଦେଇଛନ୍ତି । ଏବେ ବି ଶ୍ରୀଲଙ୍କା ଆହୁରି ୫୫୪ ରନ୍‌ପଛରେ ରହିଛି । ପ୍ରଥମ ଦିନର ଦୁଇ ଅପରାଜିତ ଯୋଡ଼ି ୱିଲିୟମସନ୍ ଓ ନିକୋଲ୍ସ୍ ଦ୍ୱିତୀୟ ଦିନରେ ମିଳିତ ଭାବେ ୩୬୩ ରନ୍ ଯୋଡ଼ିଥିଲେ । ଯାହାକି ଘରୋଇ ଦଳ ପାଇଁ ତୃତୀୟ ୱିକେଟ୍‌ରେ ଦ୍ୱିତୀୟ ସର୍ବାଧିକ ଏବଂ ନ୍ୟୁଜିଲାଣ୍ଡରେ ହୋଇଥିବା ଟେଷ୍ଟଗୁଡ଼ିକ ମଧ୍ୟରେ ଚତୁର୍ଥ ସର୍ବାଧିକ ଭାଗୀଦାରି ହୋଇପାରିଥିଲା । ଉଭୟ ଦ୍ୱିଶତକ ମଧ୍ୟ ଅର୍ଜନ କରିବା ସହ ନ୍ୟୁଜିଲାଣ୍ଡ ପାଇଁ ନୂଆ କୀର୍ତ୍ତିମାନ କରିଥିଲେ । ନ୍ୟୁଜିଲାଣ୍ଡ ପାଇଁ ଗୋଟିଏ ପାଳିରେ ଦୁଇ ଜଣ ବ୍ୟାଟର ଦ୍ୱିଶତକ ହାସଲ କରିବା ପ୍ରଥମ ଘଟଣା ଥିଲା । ଏହି ଯୋଡ଼ି ଦିନର ମଧ୍ୟାହ୍ନବିରତି ସୁଦ୍ଧା ୪.୩୮ ରନ୍‌ରେଟ୍‌ରେ ୩୪ ଓଭରରୁ ୧୪୯ ରନ୍ ସଂଗ୍ରହ କରିଥିଲେ । କିନ୍ତୁ ମଧ୍ୟାହ୍ନ ବିରତି ପରଠୁ ଚା'ପାନ ବିରତି ମଧ୍ୟରେ ୨୬ ଓଭରରୁ ୫.୩୪ ରନ୍‌ରେଟ୍‌ରେ ୧୩୯ ରନ୍ ଉଠାଇଥିଲେ । ୱିଲିୟମସନ୍୨୧୫ ରନ୍(୨୯୬ ବଲ୍, ୨୩ ଚେକା, ୨ ଛକା) କରି ଜୟସୁରିଆଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ତାଙ୍କ ସ୍ଥାନରେ ଆସିଥିବା ଡାରେଲ୍ ମିଚେଲ୍ ମାତ୍ର ୧୭ ରନ୍ କରି ଆଉଟ୍ ହୋଇଯିବାରୁ ନିକୋଲ୍ସଙ୍କ ଦ୍ୱିଶତକକୁ ଅପେକ୍ଷା କରାଯାଇଥିଲା । ୨୪୦ ବଲ୍‌ରୁ ୨୦୦ ରନ୍ (୧୫ ଚେକା, ୪ ଛକା) କରିବା ମାତ୍ରେ ଅଧିନାୟକ ଟିମ୍ ସାଉଦି ପାଳି ଘୋଷଣା କରିଥିଲେ । ଲାହିରୁ କୁମାରା ସବୁଠୁ ମହଙ୍ଗା ବୋଲର ଭାବେ ୨୫ ଓଭରରୁ ୬.୫୬ ଇକୋନୋମିରେ ୧୬୪ ରନ୍‌ବ୍ୟୟ କରିଥିଲେ । ସଂକ୍ଷିପ୍ତ ସ୍କୋର: ନ୍ୟୁଜିଲାଣ୍ଡ ପ୍ରଥମ ପାଳି ୧୨୩ ଓଭରରେ ୫୮୦/୪-ଘୋଷିତ (କେନ୍ ୱିଲିୟମସନ୍ ୨୧୫, ହେନରି ନିକୋଲ୍ସ୍ ୨୦୦*, ଡେଭନ କନୱେ ୭୮, କାସୁନ ରଜିଥା ୨/୧୨୬, ଧନଞ୍ଜୟ ଡି'ସିଲ୍‌ଭା ୧/୭୫, ପ୍ରବଥ ଜୟସୁରିଆ ୧/୮୬)। ଶ୍ରୀଲଙ୍କା ପ୍ରଥମ ପାଳି ୧୭ ଓଭରରେ ୨୬/୨ (ଦିମୁଥ କରୁଣାରନତ୍ନେ ୧୬*, ଓସାଦା ଫର୍ଣ୍ଣାଣ୍ଡୋ ୬, ମ୍ୟାଟ୍‌ହେନରି ୧/୧୫, ଡଗ୍ ବ୍ରାସୱେଲ ୧/୧)।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583